R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୮୬
ତିଥି: ନବମୀ
୧୧ ଏପ୍ରିଲ ୨୦୨୬, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 186
11 April 2026, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଇସ୍‌ଲାମାବାଦ୍ ଟକ୍ସ ପ୍ରସ୍ତୁତି

# ପାକିସ୍ତାନରେ ଜେଡି ଭାନ୍ସ



ନୂଆଦିଲ୍ଲୀ,୧୦।୪: ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଇସ୍‌ଲାମାବାଦରେ ଇରାନ ଓ ଆମେରିକା ମଧ୍ୟରେ ଆଲୋଚନା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି । ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଇସ୍ଲାମାବାଦ ଗସ୍ତ କରିଛନ୍ତି । ସେ କହିଛନ୍ତି ଯେ, ଇରାନ ସହ ସକରାତ୍ମକ ଆଲୋଚନା ଲାଗି ଆଶା ରଖିଛୁ । ଇରାନ ଆମ ସହ ଖେଳିବାକୁ ଚେଷ୍ଟା ନକରୁ । ଅପରପକ୍ଷରେ ବୁଝାମଣା ପୂର୍ବରୁ ଇରାନ ସର୍ତ୍ତ ଆରୋପ କରିଛି । ଇସ୍ରାଏଲ ପକ୍ଷରୁ ଲେବାନନ ଉପରେ ଯେଉଁ ଆକ୍ରମଣ ହେଉଛି ସେଠାରେ ଯୁଦ୍ଧ ବିରତି କରାଯାଉଏବଂ ଜବତ ହୋଇଥିବା ସମ୍ପତ୍ତି ଆଲୋଚନା ପୂର୍ବରୁ ପ୍ରଦାନ କରାଯାଉ । ଇରାନର ବାଚସ୍ପତି ମହମ୍ମଦ ବାକର ଘାଡିବାର ସୋସିଆଲ ମିଡିଆରେ ଏହା ଉଲ୍ଲେଖ କରିଛନ୍ତି । ସେ ସ୍ପଷ୍ଟ କରିଛନ୍ତି ଯେ ବୁଝାମଣା ଆରମ୍ଭ ହେବା ପୂର୍ବରୁ ଏହି ଦୁଇ ପ୍ରସଙ୍ଗକୁ ସମାଧାନ କରାଯାଉ ।

ଭାନ୍ସ କହିଛନ୍ତି ଯେ ବୁଝାମଣା ନେଇ ଆମେ ଆଗକୁ ବଢ଼ିବାକୁ ଚାହୁଁଛୁ । ଆଶା ରଖିଛୁ ଏହା ସକରାତ୍ମକ ହେବ । ଆଞ୍ଚଳିକସ୍ତରରେ ସୃଷ୍ଟି ହୋଇଥିବା ଉତ୍ତେଜନାକୁ ହ୍ରାସ କରିବାରେ ଏହା ସକ୍ଷମ ହେବ । ହେବାକୁଥିବା ବୁଝାମଣା ଅନେକ ଆଶା ରଖିଛି । ଯଦି ଇରାନ ଆମ ସହ ଖେଳିବାକୁ ଚେଷ୍ଟା କରେ ଏହା ହେଲେ ବୁଝାମଣା ଟିମ ଏହାର ଜବାବ ମଧ୍ୟ ଦେବ । ଆମେରିକା ରାଷ୍ଟ୍ରପତି ଯାହା କହିଛନ୍ତି ତଦନୁଯାଇ ବୁଝାମଣା କରାଯିବ । ଯଦି ଇରାନୀମାନେ ଭଲ ବିଶ୍ୱାସ ନେଇ ବୁଝାମଣା କରନ୍ତି ତା'ହେଲେ ଆମେ ମଧ୍ୟ ଆମର ହାତ ଖୋଲା ରଖିଛୁ । ସକରାତ୍ମକ ଆଲୋଚନା ପାଇଁ ଚେଷ୍ଟା କରୁଛୁ । ଏହି ଶାନ୍ତି ଆଲୋଚନାକୁ ଇସ୍ଲାମାବାଦ ଆଲୋଚନା ବୋଲି ନାମ ରଖାଯାଇଛି । ଏକ ଦଶନ୍ଧି ପରେ ଆମେରିକା ଓ ଇରାନ ବୁଝାମଣା ଲାଗି ଆଲୋଚନା କରୁଛନ୍ତି । କେବଳ ଯୁଦ୍ଧ ବିରତି ନୁହେଁ, ସୀମାର ସ୍ଥାୟିତ୍ୱ ନେଇ ମଧ୍ୟ ଆଲୋଚନା ହେବ । ଆମେରିକା ରାଷ୍ଟ୍ରପତିଙ୍କର ଏନେଇ ନିର୍ଦ୍ଦିଷ୍ଟ ଗାଇଡ ଲାଇନ ରହିଛି । ତେବେ ଏହି ଆଲୋଚନା ଉପରେ ଏବେ ବିଶ୍ୱ ସମୁଦାୟର ଦୃଷ୍ଟି ରହିଛି । ହ୍ୱାଟହାଉସ ପକ୍ଷରୁ ମଧ୍ୟ ଆଲୋଚନାର ଢ଼ାଞ୍ଚା ପ୍ରସ୍ତୁତ କରାଯାଇଛି । ଇରାନୀ ଭରଷାରେ ଆଲୋଚନା ଲାଗି ପ୍ରସ୍ତୁତ ହୋଇଛୁ । ଆମେ ବନ୍ଧୁତ୍ୱର ହାତ (୯ ପୃଷ୍ଠାରେ)

- ➩ ଆଲୋଚନା ପୂର୍ବରୁ ଇରାନର ୨ ସର୍ତ୍ତ
- ➩ ଲେବାନନ ସହ ଯୁଦ୍ଧ ବିରତି ହେଉ
- ➩ ଜବତ ସମ୍ପତ୍ତି ଫେରସ୍ତ କରାଯାଉ
- ➩ ଆଲୋଚନା ସକରାତ୍ମକ ନେଇ ଭାନ୍ସ ଆଶାବାଦୀ

# ଆଜିଠୁଁ ବଢ଼ିବ ତାପମାତ୍ରା

ଭୁବନେଶ୍ୱର, ୧୦।୪ (ସବ୍ୟୁ): ଓଡ଼ିଶା ପାଇଁ ସ୍ୱଳ୍ପକାଳୀନ ପୂର୍ବାନୁମାନ ଅନୁଯାୟୀ ଆଗାମୀ ୫ ଦିନ ମଧ୍ୟରେ ରାଜ୍ୟର ତାପମାତ୍ରାରେ ଧୀରେ ଧୀରେ ବୃଦ୍ଧି ଘଟିବ ।୨୪ ଘଣ୍ଟା ପରେ ତାପମାତ୍ରା କ୍ରମଶଃ ୪ରୁ ୬ ଡିଗ୍ରୀ ଯାଏଁ ବଢ଼ିବ । ଆସନ୍ତା ସପ୍ତାହ ଆରମ୍ଭରୁ ଗ୍ରୀଷ୍ମ ପ୍ରବାହ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ଅଛି । ଏଭଳି ଆକଳନ କରିଛନ୍ତି ପାଣିପାଗ ବିଶେଷଜ୍ଞ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି ।

ପାଣିପାଗ ମଡେଲଗୁଡ଼ିକ ଅନୁସାରେ, ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ ଏବଂ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକ ମଧ୍ୟରେ ପାଣିପାଗର ବଡ଼ ପାର୍ଥକ୍ୟ ଦେଖାଦେବ । ଉପକୂଳରେ ଅଧିକ ଆଦ୍ରତା ଯୋଗୁଁ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେବାକୁ ବେଳେ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରାରେ ବଡ଼ ଧରଣର ବୃଦ୍ଧି ହେବ ।

ବାୟୁ ପ୍ରବାହର ଦିଗ ପରିବର୍ତ୍ତନ ହୋଇ ଦକ୍ଷିଣ/ଦକ୍ଷିଣ-ପଶ୍ଚିମ (ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ) ବଦଳରେ ଉତ୍ତର-ପଶ୍ଚିମ ଦିଗରୁ (କେନ୍ଦ୍ରୀୟ ଭାରତର ସମତଳ ଅଞ୍ଚଳରୁ ଶୁଷ୍କ ଓ ଗରମ ବାୟୁ) ପବନ ବୋହିବାର ପୂର୍ବାନୁମାନ ସହ ଏହା ମେଳ ଖାଉଛି । ସାରା ରାଜ୍ୟରେ ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଇବ । ଏପ୍ରିଲ ୧୩ ତାରିଖ ବେଳକୁ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ତାପମାତ୍ରା ୪୦ଡିଗ୍ରୀ ଛୁଇଁପାରେ । ଉପକୂଳ ଜିଲ୍ଲାଗୁଡ଼ିକରେ ଏହା ୩୫ଡିଗ୍ରୀରୁ ୩୭ ଡିଗ୍ରୀ ମଧ୍ୟରେ ରହିବ । ଭୁବନେଶ୍ୱର ଓ କଟକରେ (୯ ପୃଷ୍ଠାରେ)

### କାଳବୈଶାଖୀର ପ୍ରଭାବ କମିବ

### ଉପକୂଳରେ ଅତ୍ୟଧିକ ଗରମ, ଗୁଳୁଗୁଳି

### ୧୩ ବେଳକୁ ୪୦ ଡିଗ୍ରୀ ଛୁଇଁପାରେ ପାରଦ

# ଆଇଏସ୍‌ପିଆର୍‌ଏଲ୍ ପ୍ରକଳ୍ପର ସଫଳ କାର୍ଯ୍ୟକାରିତା

## ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟାକୁ ଶିଳ୍ପ ସଂଘର ଧନ୍ୟବାଦ



ଭୁବନେଶ୍ୱର, ୧୦।୪ (ସବ୍ୟୁ) : ଚଣ୍ଡିଖୋଲରେ ଇଣ୍ଡିଆନ୍ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ୍ ରିଜର୍ଭ ଲିମିଟେଡ୍ (ଆଇଏସ୍‌ପିଆର୍‌ଏଲ) ପ୍ରକଳ୍ପ ଏବେ କାର୍ଯ୍ୟକାରୀ ହେବା ସ୍ଥିତିରେ ରହିଛି । ଏହି ପ୍ରକଳ୍ପଟି ଓଡ଼ିଶା ଏବଂ ଦେଶର ଦୀର୍ଘମିଆଦି ଶକ୍ତି ସୁରକ୍ଷା କ୍ଷେତ୍ରରେ ଏକ ଉଲ୍ଲେଖନୀୟ ମାଇଲ୍‌ଷ୍ଟୋନ୍ । ଶକ୍ତି ସମ୍ପତ୍ତି ସୃଷ୍ଟି କରିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏଥିପାଇଁ ଶିଳ୍ପ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଦିଆଯାଇଛି ।

ଏହି ପ୍ରକଳ୍ପକୁ ସିଆଇଆଇ, ଫିକି, ଆଶୋଚାମ୍, ୟୁସିସିଆଇ ପକ୍ଷରୁ ଏହି ଶିଳ୍ପ କ୍ଷେତ୍ରରେ ଅଗ୍ରଗତିକୁ ସ୍ୱାଗତ କରିବା ସହ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ନେତୃତ୍ୱରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଆଗକୁ ବଢ଼ିଛି ବୋଲି ଉଲ୍ଲେଖ କରାଯାଇଛି । ପ୍ରାୟ ବର୍ଷକ ତଳେ ୨୦୨୫ ଏପ୍ରିଲ ୮ରେ ରାଜ୍ୟ ସରକାର ଓ ନୂଆଦିଲ୍ଲୀ ଫର ଡେଭ୍‌ଲପ୍‌ମେଣ୍ଟ ଅଣ୍ଡରଗ୍ରାଉଣ୍ଡ ରକ୍ କ୍ୟାଭେନ୍ କ୍ରୁଡ୍ ଅଏଲ୍ ଷ୍ଟୋରେଜ୍ ମଧ୍ୟରେ ବୁଝାମଣା ସ୍ୱାକ୍ଷର ହୋଇଥିଲା । ଚଣ୍ଡିଖୋଲ ଠାରେ ଏହି ପ୍ରକଳ୍ପ ହେବାପାଇଁ ସ୍ଥିର ହୋଇଥିଲା । ଏହି ପ୍ରୋଜେକ୍ଟରେ ପାରାଦୀପ ପାଇଁ ଅନ୍‌ସୋର୍ ପାଇପ୍‌ଲାଇନ୍ ଓ ଅଫ୍‌ସୋ ଅଏଲ୍ ଟର୍ମିନାଲ ଦ୍ୱାରା ସିଙ୍ଗଲ ପଏଣ୍ଟ ମୋରିଂ ଅପରେସନ୍ ପାଇଁ ବ୍ୟବସ୍ଥା ହୋଇଥିଲା । ଏଥିରେ ୪୩୭୭.୭୬ କୋଟି ପୁଞ୍ଜି ବିନିଯୋଗ ହୋଇଥିଲା ଓ ୪ ନିୟୁତ ଟନ୍ ଗଚ୍ଛିତ ଦକ୍ଷତା ଥିଲା । ଚଣ୍ଡିଖୋଲରେ ଏହା ଅଶୋଧିତ ତୈଳର ଦେଶରେ ସବୁଠୁ ବଡ ଗଚ୍ଛିତ ପ୍ରକଳ୍ପ । ଏହି ତୈଳ ଗଚ୍ଛିତ କେନ୍ଦ୍ରରୁ ପାରାଦୀପକୁ ପାଇପ୍‌ଲାଇନ୍ ଜରିଆରେ ତୈଳ ଯିବ । ଭାରତୀୟ ତୈଳ ନିଗମର ପାଇପ୍‌ଲାଇନ୍ ନେଟ୍‌ୱାର୍କ ହଳଦିଆ, ପାରାଦୀପ ଓ ବରୁଣାଇ ତୈଳ ବିଶୋଧନାଗାର ରହିଛି । ରାଜ୍ୟପାଇଁ ଏହା ଏକ ଉଲ୍ଲେଖନୀୟ ମାଇଲ୍‌ଷ୍ଟୋନ୍ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରି ଏହି ପ୍ରକଳ୍ପକୁ ଆଗକୁ ନେବାକୁ ସକ୍ଷମ ହୋଇଥିଲେ । ଏଥିଲାଗି ଠିକ୍ ସମୟରେ ଅନୁମୋଦନ ଓ କ୍ଲିୟରାନ୍ସ ମଧ୍ୟ ଆଣିଥିଲେ । ମୁଖ୍ୟମନ୍ତ୍ରୀ (୯ ପୃଷ୍ଠାରେ)

# ଅଟଳ ବସ୍‌ଷ୍ଟାଣ୍ଡ ଲାଗି ୩୪୦୦ କୋଟି



- କ୍ୟାବିନେଟ୍‌ରେ ୧୧ ପ୍ରସ୍ତାବକୁ ମଞ୍ଜୁରୀ
- ଗ୍ରାମୀଣ ପାନୀୟ ଜଳ ଯୋଗାଣ ପରିଚାଳନା ରକ୍ଷଣାବେକ୍ଷଣା ନୀତି ଅନୁମୋଦିତ
- ହାଡୁଆ ଜଳସେଚନ ପ୍ରକଳ୍ପ ଟେଣ୍ଡର ମଞ୍ଜୁର
- ଜଳସମ୍ପଦ ବିଭାଗର ୩୨୦ କୋଟିରୁ ଉର୍ଦ୍ଧ୍ୱ ଟେଣ୍ଡରକୁ ଅନୁମୋଦନ

ଭୁବନେଶ୍ୱର,୧୦।୪(ସବ୍ୟୁ): ରାଜ୍ୟବ୍ୟାପୀ ବସ୍‌ଷ୍ଟାଣ୍ଡ ଗୁଡିକର ନିର୍ମାଣ, ଉନ୍ନୟନ, ନବୀକରଣ, କାର୍ଯ୍ୟକାରିତା ପାଇଁ ଅଟଳ ବସ୍‌ଷ୍ଟାଣ୍ଡ ଯୋଜନାରେ ୨୦୩୧-୩୨ ପର୍ଯ୍ୟନ୍ତ ୩୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏହାର ଲକ୍ଷ୍ୟ ରହୁଛି ସାର୍ବଜନୀନ ବସ୍‌ଷ୍ଟାଣ୍ଡକୁ ଅଟଳ ବସଷ୍ଟାଣ୍ଡ ଯୋଜନାରେ ପରିଚାଳନାର ଏକ ଛାୟ ତଳେ ଏକତ୍ରିତ କରିବା । ଯେଉଁଥିରେ ପୂର୍ବ ଯୋଜନା ଏବଂ ରାଜ୍ୟ ସହରାଞ୍ଚଳ ଗୁଡିକର ପୌରସଂସ୍ଥା ଗୁଡିକର ଅନ୍ତର୍ଭୁକ୍ତ କରାଯିବ । ବିକାଶ, ନବୀକରଣ, ରକ୍ଷଣାବ୍ୟକ୍ଷଣା ପରିଚାଳନାର ସମାଲୋଚନା ପରିଚାଳିତ କରିବ । ଉପରୋକ୍ତ ପ୍ରସ୍ତାବ ସମେତ ରାଜ୍ୟ କ୍ୟାବିନେଟ୍‌ରେ ୧୧ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୧୧ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । କ୍ୟାବିନେଟର ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟ ସଚିବ ଅନୁଗର୍ଗ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ମୁଖ୍ୟ ସଚିବ କହିଥିଲେ ଯେ, ବସଷ୍ଟାଣ୍ଡ ଗୁଡିକର ପରିଚାଳନା ରକ୍ଷଣାବ୍ୟକ୍ଷଣ ଓ ନିର୍ମାଣ ଲକ୍ଷ୍ୟରେ ଅଟଳ ବସଷ୍ଟାଣ୍ଡ ଯୋଜନା ଆରମ୍ଭ କରି ଏକ ପରିବର୍ତ୍ତନଶୀଳ ପଦକ୍ଷେପ ନିଆଯାଇଛି । ଚଳିତ ଆର୍ଥିକ ବର୍ଷରୁ ୨୦୩୧-୩୨ ପର୍ଯ୍ୟନ୍ତ ଆର୍ଥିକ ବ୍ୟବସ୍ଥା କରାଯାଇଛି । ସେହିଭଳି ଗ୍ରାମୀଣ ପାନୀୟ ଜଳଯୋଗାଣ ପରିଚାଳନା ଓ ରକ୍ଷଣାବ୍ୟକ୍ଷଣ ନୀତି ୨୦୨୬କୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଏହି ସମୟରେ ୩୦୪୬ଟି ଏକକ ଗ୍ରାମୀଣ ଜଳଯୋଗାଣ ପ୍ରକଳ୍ପ ଏବଂ ୨୭୦୨ ସୌରଶକ୍ତି ଆଧାରିତ ଜଳଯୋଗାଣ ପ୍ରକଳ୍ପ ସମାପ୍ତ ହୋଇଛି । (୯ ପୃଷ୍ଠାରେ)

# ୨୭ ସୁଦ୍ଧା ସବୁ ସ୍କୁଲକୁ ମିଳିବ ପୋଷାକ

## ପୋଷାକ ବଣ୍ଟନ ନେଇ ମାର୍ଗଦର୍ଶିକା ଜାରି

ଭୁବନେଶ୍ୱର, ୧୦।୪ (ସବ୍ୟୁ): ଏପ୍ରିଲ ୨୭ ସୁଦ୍ଧା ସବୁ ସ୍କୁଲକୁ ମିଳିବ ପୋଷାକ । ଡ୍ରେସ ବଣ୍ଟନ ନେଇ ମାର୍ଗଦର୍ଶିକା (ଏସଓପି) ଜାରି ହୋଇଛି । ଛୁଟି ଭିତରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଡ୍ରେସ ଯୋଗାଇ ଦିଆଯିବ ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ।

ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି, ଛୁଟି ଭିତରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଡ୍ରେସ ଯୋଗାଇ ଦିଆଯିବ । ଚଳିତ ମାସ ୧୦ ତାରିଖ ଭିତରେ ଶ୍ରେଣୀ ବର୍ଗ ହିସାବରେ ନିର୍ଦ୍ଧାରଣ କରାଯିବ । ୧୨ ତାରିଖ ସୁଦ୍ଧା ଏଜେନ୍ସି ଚୟନ କରାଯାଇ କାର୍ଯ୍ୟାଦେଶ ବଣ୍ଟନ କରାଯିବ । ଯେଉଁମାନେ ପୂର୍ବରୁ କାର୍ଯ୍ୟାଦେଶ ପାଇଥିଲେ, ସେମାନଙ୍କ ନାଁରେ କିଛି ଅଭିଯୋଗ ଥିଲେ କାଟି ଦିଆଯିବ । ଯେଉଁମାନଙ୍କ ନାଁରେ କିଛି ଅଭିଯୋଗ ନାହିଁ ସେମାନଙ୍କୁ ପୋଷାକ ବଣ୍ଟନ ଦାୟିତ୍ୱ ଦିଆଯିବ । ତେବେ କେବେ ସ୍କୁଲ ଛୁଟି ହେବ କିଛି ନିଷ୍ପତ୍ତି ହୋଇନି । ସଠିକ୍ ସମୟରେ ନିଷ୍ପତ୍ତି ନିଆଯିବ ବୋଲି ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି ।

## ୨୦୨୭ରେ ହେବ ପଞ୍ଚାୟତ ନିର୍ବାଚନ

# ଆସନ ସଂରକ୍ଷଣ ଲାଗି ଜିଲ୍ଲାପାଳଙ୍କୁ ଚିଠି

ଭୁବନେଶ୍ୱର, ୧୦।୪ (ସବ୍ୟୁ): ୨୦୨୭ ପଞ୍ଚାୟତ ନିର୍ବାଚନ ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ଆସନ ସଂରକ୍ଷଣ ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି । ୱାର୍ଡ ମେମ୍ବର, ସରପଞ୍ଚ, ସମିତି ସଭ୍ୟଙ୍କ ପାଇଁ ଆସନ ସଂରକ୍ଷଣ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲା ପରିଷଦ ସଦସ୍ୟଙ୍କ ପାଇଁ ମଧ୍ୟ ସିଟ୍ ସଂରକ୍ଷଣ ସ୍ଥିର କରିବାକୁ ନିର୍ଦ୍ଦେଶ ରହିଛି । ଏପ୍ରିଲ ୨୦୨୬ ସୁଦ୍ଧା ନିର୍ବାଚନ କମିଶନଙ୍କୁ ଚୂଡ଼ାନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଏସଆଇଆର ସରିବା ପରେ ନୂଆ ଭୋଟର ଲିଷ୍ଟ ଆରମ୍ଭ ହେବ । ଜନଗଣନା ସହ ଆମର କୌଣସି ସମ୍ପର୍କ ନାହିଁ । ସରକାର ସଂରକ୍ଷଣ କରି ଦେବା ପରେ ନିର୍ବାଚନ ହେବ । ବର୍ତ୍ତମାନ ସଂରକ୍ଷଣ ପ୍ରକ୍ରିୟା ଆରମ୍ଭ ହେଲାଣି, ତେଣୁ ଆଉ ସୀମା ନିର୍ଦ୍ଧାରଣ ହେବ ନାହିଁ। ଭୋଟର ଲିଷ୍ଟ ତିଆରି ଏକ ବଡ ପ୍ରକ୍ରିୟା । ଏନେଇ ଜିଲ୍ଲାପାଳମାନଙ୍କୁ ଦାୟିତ୍ୱ ଦିଆଯିବ । ସବୁଠୁ ବଡ କଥା ହେଲା, ଏଥର ପୂର୍ବ ଆସନ ସ୍ଥିର ରହିବନି, ବରଂ ଅଦଳବଦଳ ହେବ । ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଜିଲ୍ଲାକୁ ଜିଲ୍ଲା ବୁଲି ପ୍ରସ୍ତୁତିକୁ ଚୂଡାନ୍ତ ରୂପ ଦେଉଛନ୍ତି ରାଜ୍ୟ ନିର୍ବାଚନ କମିଶନ । ୨୦୨୭ ଆରମ୍ଭରୁ ହିଁ ପଞ୍ଚାୟତ ନିର୍ବାଚନ ପାଇଁ ବାଜିବ ବିଗୁଲ ।

ପୂର୍ବ ନିର୍ବାଚନ ସଂରକ୍ଷଣ ନୀତି ଅନୁସାରେ ମୋଟ ସଂରକ୍ଷଣ ୫୦ ପ୍ରତିଶତ ଭିତରେ ରହିବ । ପଛୁଆ ବର୍ଗଙ୍କ ପାଇଁ ୨୭ ପ୍ରତିଶତ ଯାଏଁ ସଂରକ୍ଷଣ ଏବଂ ମହିଳାଙ୍କ ପାଇଁ ସଂରକ୍ଷଣ ରହିବ ୫୦ ପ୍ରତିଶତ ସିଟ୍ ରହିବ । ପଞ୍ଚାୟତ ପ୍ରସ୍ତୁତି ଭିତରୋଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢୀ ସୂଚନା କହିଛନ୍ତି, ସଂରକ୍ଷଣ ରୋଟେସନ ଆଧାରରେ ନିର୍ବାଚନ ହେବ ।

### ଏପ୍ରିଲ ସୁଦ୍ଧା ନିର୍ବାଚନ କମିଶନଙ୍କୁ ଚୂଡ଼ାନ୍ତ ରିପୋର୍ଟ ଦିଅ

# ମେଟ୍ରୋ ପ୍ରକଳ୍ପ ରାଜନୀତି ଜୋର୍‌ଦାର



ଭୁବନେଶ୍ୱର, ୧୦।୪ (ସବ୍ୟୁ) : ଭୁବନେଶ୍ୱର ଓ କଟକ ମଧ୍ୟରେ ମେଟ୍ରୋ ପ୍ରକଳ୍ପକୁ ନେଇ ଏବେ ରାଜନୀତି ସରଗରମ । ପ୍ରକଳ୍ପ ସମ୍ପର୍କରେ ପୁନର୍ବିଚାର କରିବାକୁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି । ଏହା ପୂର୍ବରୁ ବିଜେଡି ସାଂସଦ ସସ୍ମିତ୍ ପାତ୍ର ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ରାଜସ୍ଥାନର ଜୟପୁର ଢ଼ାଞ୍ଚାରେ ପ୍ରକଳ୍ପ କରିବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିବା ପାଇଁ କହିଥିଲେ । ମେଟ୍ରୋ ପ୍ରକଳ୍ପ ବାତିଲ ହୋଇନାହିଁ, ସ୍ଥଗିତ ରହିଛି ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ।

ଏପ୍ରିଲ ୪ କ୍ୟାବିନେଟ୍ ବୈଠକରେ ମେଟ୍ରୋ ରେଳ ପ୍ରକଳ୍ପକୁ ବନ୍ଦ କରାଗଲା ବୋଲି ନିଷ୍ପତ୍ତି ହୋଇଥିବା କୁହାଯାଉଥିଲା । ତେବେ ଏହି ବୈଠକର ନିଷ୍ପତ୍ତିକୁ ପୁନର୍ବିଚାର କରିବା ପାଇଁ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଚିଠି ଲେଖିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ଏହି ପ୍ରକଳ୍ପ କେବଳ ଲୋକଙ୍କ ସ୍ୱାର୍ଥ ସାଧନ କରିବ ନାହିଁ ବରଂ ବିକଶିତ ଓଡ଼ିଶା ନେଇ ଯାହା ଲକ୍ଷ୍ୟ ରଖାଯାଇଛି ତାହା ବି ପୂରଣ କରିପାରିବ । ମେଟ୍ରୋ ରେଳ ପ୍ରକଳ୍ପ ବନ୍ଦ ନିଷ୍ପତ୍ତି ଲୋକଙ୍କ ଭାବାବେଗକୁ ଆଘାତ ଦେଇଛି । ଭୁବନେଶ୍ୱର ଏକ ବୃହତ୍ତର ନଗର ହୋଇଥିବାବେଳେ ଜନସଂଖ୍ୟା ବଢୁଛି । ଟ୍ରାଫିକ୍ ସମସ୍ୟା ଲାଗି ରହିବା ସହ ପରିବହନ ବ୍ୟବସ୍ଥା ଉପରେ ଚାପ ସୃଷ୍ଟି ହେଉଛି । ମେଟ୍ରୋ ଦ୍ୱାରା ବରିଷ୍ଠ ନାଗରିକଙ୍କ ଠାରୁ ଆରମ୍ଭ କରି ମହିଳା, ଛାତ୍ରଛାତ୍ରୀ ଓ ବ୍ୟବସାୟୀ ଲାଭବାନ ହୋଇପାରିବେ । ଏଭଳି ସ୍ଥିତିରେ ମେଟ୍ରୋ ପ୍ରକଳ୍ପ ବନ୍ଦ କରିବା (୯ ପୃଷ୍ଠାରେ)

### ପୁନର୍ବିଚାର ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଅପରାଜିତା

### ପ୍ରକଳ୍ପ ବନ୍ଦ ହୋଇନି, ସାମୟିକ ସ୍ଥଗିତ ରହିଛି : ମନ୍ତ୍ରୀ

# ଯମୁନାରେ ଡଙ୍ଗା ବୁଡ଼ି ୧୦ ମୃତ



ନୂଆଦିଲ୍ଲୀ,୧୦।୪: ଯମୁନା ନଦୀରେ ବୃନ୍ଦାବନଠାରେ ଡଙ୍ଗାବୁଡି ଯାଇ ୧୦ ଜଣଙ୍କର ମୃତ୍ୟୁ ଘଟିଛି । ମୃତକମାନେ ପଞ୍ଜାବର ବୋଲି ଜଣାପଡିଛି । ଉତ୍ତରପ୍ରଦେଶର କେସିଘାଟରୁ ଏକ ବୋଟରେ ୩୦ ପର୍ଯ୍ୟଟକ ଯାଉଥିବା ବେଳେ ଏଭଳି ଅଘଟଣ ଘଟିଛି । ପ୍ରାୟ ୬ ଜଣ ନିଖୋଜ ଅଛନ୍ତି ।

ମଥୁରା ଜିଲ୍ଲାରେ ଏହି ଅଘଟଣ ଘଟିଛି । ପଞ୍ଜାବର ଲୁଧିଆନା ଜିଲ୍ଲାର ୩୦ ପର୍ଯ୍ୟଟକ ୨ଟି ବୋଟରେ କେସି ଘଟରୁ ଯମୁନା ନଦୀରୁ ଯାଉଥିଲେ । ଗୋଟିଏ ବୋଟ ନିୟନ୍ତ୍ରଣ ହରାଇବା ଯମୁନା ନଦୀରେ ଥିବା ପୋଲରେ ଏକ ଖୁଣ୍ଟରେ ପିଟି ହୋଇଯାଇଥିଲା । ତେବେ ତଦନ୍ତ ପରେ ଏହାର ପ୍ରକୃତ କାରଣ ଜଣାପଡିଛି । ସେଠାରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି । ୧୫ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୧୦ ଜଣଙ୍କର ପ୍ରାଣହାନୀ ଘଟିଛି । ଏନଡିଆରଏଫ୍ ଓ ଏସଡିଆର୍‌ଏଫ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି । ଆଗ୍ରା ଡିଆଇଜି ଶୈଳେଶ ପାଣ୍ଡେ କହିଛନ୍ତି । ଯେ ଉଦ୍ଧାର କାର୍ଯ୍ୟରେ ୧୦୦ରୁ ଉର୍ଦ୍ଧ ଦକ୍ଷ ଲୋକଙ୍କୁ ନିୟୋଜିତ କରାଯାଇଛି । ଅଗ୍ନିସମ ବିଭାଗ, ପୋଲିସ, ପ୍ରଶାସନ ଘଟଣାସ୍ଥଳରେ ଅଛନ୍ତି । ବୋଟଟି ନିଖୋଜ ହୋଇଯାଇଛି । ଲୁଧିଆନା ଜିଲ୍ଲାର ଜାଗରଣ ସହରରୁ ଏହି ପର୍ଯ୍ୟଟକମାନେ ଆସିଥିଲେ । ଉଦ୍ଧାର କାର୍ଯ୍ୟ ଚାଲିବା ସହ ଉଦ୍ଧାର ହୋଇଥିବା ବ୍ୟକ୍ତିଙ୍କୁ ବୃନ୍ଦାବନର (୯ ପୃଷ୍ଠାରେ)

ଏକ ନୂତନ ଗବେଷଣାରୁ ଏକ ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି ଯେ, ସାଧାରଣତଃ ଶରୀରରେ ଶକ୍ତି ବୃଦ୍ଧି ପାଇଁ ବ୍ୟବହୃତ ହେଉଥିବା ଭିଟାମିନ୍ ବି୩ କ୍ୟାନ୍ସର ଚିକିତ୍ସାର ପ୍ରଭାବକୁ ଯଥେଷ୍ଟ କମାଇ ଦେଇପାରେ। କେସ୍ ୱେଷ୍ଟର୍ଣ୍ଣ ରିଜର୍ଭ ସ୍କୁଲର ଗବେଷକମାନେ ପ୍ରକାଶ କରିଛନ୍ତି ଯେ, ଭିଟାମିନ୍ ବି୩ ଶରୀରରେ NAD+ ନାମକ ଏକ ଗୁରୁତ୍ୱପୂର୍ଣ୍ଣ ଅଣୁର ଉତ୍ପାଦନକୁ ପ୍ରୋତ୍ସାହିତ କରିଥାଏ। ଯାହା ସାଧାରଣତଃ କୋଷଗୁଡ଼ିକର ମରାମତି ଏବଂ ମେଟାବୋଲିଜିମ୍ ପାଇଁ ଲାଭଦାୟକ ହୋଇଥାଏ। କିନ୍ତୁ ଦୁର୍ଭାଗ୍ୟବଶତଃ, କ୍ୟାନ୍ସର କୋଷଗୁଡ଼ିକ ମଧ୍ୟ ଏହି ପ୍ରକ୍ରିୟାର ସୁଯୋଗ ନେଇ କେମୋଥେରାପି ପରି ଚିକିତ୍ସାକୁ ପ୍ରତିହତ କରିବାରେ ସକ୍ଷମ ହେଉଛନ୍ତି। ବିଶେଷ କରି ପାନ୍କ୍ରିଆଟିକ୍ କ୍ୟାନ୍ସର କ୍ଷେତ୍ରରେ ଦେଖାଯାଇଛି ଯେ, ଏହି ଭିଟାମିନ୍ କ୍ୟାନ୍ସର କୋଷର DNA କୁ ସୁରକ୍ଷା ଦେବା ସହ ଚିକିତ୍ସା ଦ୍ୱାରା ସୃଷ୍ଟି ହେଉଥିବା ଅକ୍ସିଡେଟିଭ୍ ଷ୍ଟ୍ରେସ୍କୁ କମ୍ କରିଦିଏ। ଯାହା ଫଳରେ ଯେଉଁ କ୍ୟାନ୍ସର କୋଷଗୁଡ଼ିକ ନଷ୍ଟ ହୋଇଯିବା କଥା, ସେଗୁଡ଼ିକ ବଞ୍ଚି ରହି ଶରୀରରେ ବ୍ୟାପିବାରେ ସାହାଯ୍ୟ ପାଉଛନ୍ତି। ଗବେଷଣାର ମୁଖ୍ୟ ଲେଖକ ଜୋର୍ଡାନ ୱିଣ୍ଟର ସ୍ପଷ୍ଟ କରିଛନ୍ତି ଯେ, ଯଦିଓ ସୁସ୍ଥ ବ୍ୟକ୍ତିଙ୍କ ପାଇଁ ଏହି ଭିଟାମିନ୍ ଲାଭଦାୟକ ହୋଇଥାଏ, କିନ୍ତୁ ଚିକିତ୍ସାଧୀନ କ୍ୟାନ୍ସର ରୋଗୀଙ୍କ କ୍ଷେତ୍ରରେ ଏହା ଔଷଧର ପ୍ରଭାବକୁ ମାନ୍ଦା କରିଦେଇପାରେ । ତେଣୁ ଚିକିତ୍ସା ସମୟରେ ରୋଗୀମାନେ ନିଜ ଡାକ୍ତରଙ୍କୁ ସେମାନେ ନେଉଥିବା ସମସ୍ତ ସପ୍ଲିମେଣ୍ଟ ବିଷୟରେ ଜଣାଇବା ଉଚିତ୍ ଯଦ୍ୱାରା ଡାକ୍ତରମାନେ ସଠିକ୍ ଏବଂ ପ୍ରଭାବଶାଳୀ ଚିକିତ୍ସା ନିଷ୍ପତ୍ତି ନେଇପାରିବେ ।

## ଭିଟାମିନ୍ ବି-୩ ଅତ୍ୟଧିକ ବିପଦ




## ସୋସିଆଲ କୋଟ୍ସ



ଲାଇଫ୍‌ରେ ମୁଁ ଖୁବ ଅଧିକ ଷ୍ଟ୍ରଗଲ କରିଛି। ବାପାଙ୍କ ମୃତ୍ୟୁପରେ ମାଆଙ୍କ ପାଖରେ ଆର୍ଥିକ ସମସ୍ୟା ଦେଖିବାକୁ ମିଳିଥିଲା । ତେଣୁ ମୋତେ ପଇସା ପାଇଁ ଖୁବ ଅଧିକ ଅସୁବିଧା ଭୋଗିବାକୁ ପଡିଛି ।

**ରୋହିତ୍ ସେଟ୍ଟି, ଅଭିନେତା**



ମୁଁ ଆଜିଯାଏଁ ଯେତେ ବି ଫିଲ୍ମ କରିଛି ତାହା ଭିତରେ ସାଲାର ସବୁଠାରୁ ବଡ । ଏହି ଫିଲ୍ମକୁ ମିଳିଥିବା ପବ୍ଲିକ୍ ରେସପନ୍ସ ମୋତେ ଆଶ୍ଚର୍ଯ୍ୟ କରିଥିଲା ।

**ପୃଥ୍ୱୀରାଜ ସୁକୁମାରନ୍, ଅଭିନେତା**



ଶାହରୁଖଙ୍କର ମୁଁ ବହୁତ ବଡ ଫ୍ୟାନ୍ । ହେଲେ ତାଙ୍କ ସହିତ କାମ କରିବାବେଳେ ମୁଁ କେବେ ବି ତାଙ୍କୁ ଫୋନ କରିନି, ଏପରି କରିବାକୁ ମୋତେ ଡର ଲାଗୁଥିଲା। ଯେତେବେଳେ ବି କଥା ହୁଏ ତାଙ୍କ ମ୍ୟାନେଜରଙ୍କ ଜରିଆରେ କଥା ହୁଏ ।

**ବିକ୍ରମ କୋଚର, ଅଭିନେତା**



## ଯୁଦ୍ଧଭୂମିରେ ଏଆଇ

ଆଜିକାଲିର ଯୁଗକୁ ଏଆଇ ଯୁଗ କହିଲେ ଭଲହେବ ନାହିଁ । ତେବେ ଏହାର ବ୍ୟବହାର କ୍ଷେତ୍ରରେ ଏଆଇ ଆଉ ଏକ ପାଦ ଆଗକୁ ଯାଇଛି। ରିପୋର୍ଟ ଅନୁଯାୟୀ, ଆମେରିକା ସେନା ବର୍ତ୍ତମାନ ଯୁଦ୍ଧ କ୍ଷେତ୍ରରେ ସୈନିକମାନଙ୍କୁ ସହାୟତା କରିବା ପାଇଁ ଏଆଇ ବ୍ୟବହାର କରୁଛି । ସେ 'ଭିକ୍ଟର' ନାମକ ଏକ ଅତ୍ୟାଧୁନିକ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା ଏଆଇ ଚାଟବଟ୍ ବିକଶିତ କରୁଛି, ଯାହା ୟୁକ୍ରେନ-ଋଷ ଯୁଦ୍ଧ ଏବଂ ଅତୀତର ବିଭିନ୍ନ ସାମରିକ ଅଭିଯାନରୁ ମିଳିଥିବା ଶିକ୍ଷା ତଥା ତଥ୍ୟ ଉପରେ ଆଧାରିତ। ଏହି ସିଷ୍ଟମରେ 'ଭିକ୍ଟରବଟ୍' ନାମକ ଏକ ଏଆଇ ସହକାରୀ ରହିଛି, ଯାହା ସୈନିକମାନଙ୍କୁ ମିଶନ ପ୍ଲାନିଂ କିମ୍ବା ଯୁଦ୍ଧାସ୍ତ୍ର ସମ୍ବନ୍ଧୀୟ ପ୍ରଶ୍ନର ତୁରନ୍ତ ଉତ୍ତର ଦେଉଛି । ଏହାସହ ଅନ୍ୟ ସେବା ସଦସ୍ୟଙ୍କ ଅଭିଜ୍ଞତାକୁ ମଧ୍ୟ ସେମାନଙ୍କ ସହ ବାଣ୍ଟୁଛି। ସୂଚନା ଅନୁଯାୟୀ, ପ୍ରାୟ ୫୦୦ରୁ ଅଧିକ ବିଶ୍ୱାସଯୋଗ୍ୟ ତଥ୍ୟ ଉତ୍ସ ବ୍ୟବହାର କରି ଏହି ମଡେଲକୁ ପ୍ରଶିକ୍ଷିତ କରାଯାଇଛି। ଯାହାଦ୍ୱାରା ଯୁଦ୍ଧ ଭୂମିରେ ପୁରୁଣା ଭୁଲର ପୁନରାବୃତ୍ତିକୁ ରୋକାଯାଇପାରିବ ଏବଂ ଭବିଷ୍ୟତରେ ଏହା ଭିଡିଓ ଓ ଫଟୋ ବିଶ୍ଳେଷଣ କରିବାର କ୍ଷମତା ମଧ୍ୟ ରଖିବ। ତେବେ ବେଳେବେଳେ ସମ୍ବେଦନଶୀଳ ପରିସ୍ଥିତିରେ ଏହି ସିଷ୍ଟମ ଭ୍ରମାତ୍ମକ ତଥ୍ୟ ଦେଇ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ପ୍ରଭାବିତ କରିପାରେବୋଲି ବିଶେଷଜ୍ଞମାନେ ସତର୍କ କରାଇଛନ୍ତି ।

## ଇତିହାସ

୧୮୬୯- କସ୍ତୁରବା ଗାନ୍ଧିଙ୍କ ଜନ୍ମ ।
୧୮୮୭- ପ୍ରସିଦ୍ଧ ଭାରତୀୟ କଳାକାର ଜାମିନୀ ରାୟଙ୍କ ଜନ୍ମ ।
୧୯୧୯- ଅନ୍ତରାଷ୍ଟ୍ରୀୟ ଶ୍ରମ ସଙ୍ଗଠନର ସ୍ଥାପନା ।
୧୯୨୧- ପ୍ରଥମଥର ପାଇଁ ରେଡ଼ିଓରେ ଖେଳର ଲାଇଭ କମେଣ୍ଟ୍ରିର ପ୍ରସାରଣ ।
୧୯୩୦- ଋଷିକେଶରେ ସାଧାରଣ ଜନତାଙ୍କ ପାଇଁ ଖୋଲିଲା ଇସ୍ପାତ ତାରରେ ନିର୍ମିତ ୧୨୪ ମିଟରର ଝୁଲା (ଲକ୍ଷ୍ମଣ ଝୁଲା) ପୋଲ।
୧୯୬୪- ଦୁଇ ଭାଗରେ ବିଭକ୍ତ ହେଲା ଭାରତୀୟ କମ୍ୟୁନିଷ୍ଟ ପାର୍ଟି।
୧୯୭୦- ଆପୋଲ ୧୩ ଚନ୍ଦ୍ର ଅଭିଯାନର ସଫଳ ପ୍ରକ୍ଷେପଣ କଲା ଆମେରିକା ।
୧୯୭୬- ଲଞ୍ଚ୍ ହେଲା ଷ୍ଟିଭ୍ ବାଜନେକଙ୍କ ନିର୍ମିତ ପ୍ରଥମ ଆପଲ-୧ କମ୍ପ୍ୟୁଟର ।
୧୯୮୩- ବେନ୍ କିଙ୍ଗ୍ସଲେଙ୍କ ଫିଲ୍ମ "ଗାନ୍ଧି"କୁ ଓସ୍କାର ଆୱାର୍ଡ଼ ।
୨୦୧୧- ଭାରତ-ଆମେରିକୀୟ ଲେଖିକା ଝୁମ୍ପା ଲାହିରୀଙ୍କୁ "ଇଣ୍ଟରପ୍ରେଟର ଅଫ୍ ମେଲୋଡ଼ିଜ୍" ପାଇଁ ପୁଲିଜର ସମ୍ମାନ ।

## ବଢୁଛି ଆଲୋକ ପ୍ରଦୂଷଣ

ନିକଟରେ 'ନେଚର୍' ପତ୍ରିକାରେ ପ୍ରକାଶିତ ଏକ ଗବେଷଣା ଅନୁଯାୟୀ, ୨୦୧୪ ରୁ ୨୦୨୨ ମଧ୍ୟରେ ବିଶ୍ୱବ୍ୟାପୀ ଆଲୋକ ପ୍ରଦୂଷଣରେ ୧୬ ପ୍ରତିଶତ ବୃଦ୍ଧି ଘଟିଛି । ଯଦିଓ ଏହି ପରିବର୍ତ୍ତନ ସବୁ ସ୍ଥାନରେ ସମାନ ନୁହେଁ କିନ୍ତୁ ହାରାହାରି ଏହା ଖୁବ ଅଧିକ । ଏହି ଅଧ୍ୟୟନ ପାଇଁ ପୃଥିବୀର ପ୍ରାୟ ୧୧.୬ ଲକ୍ଷ ଦୈନିକ ସାଟେଲାଇଟ୍ ଚିତ୍ରକୁ ବିଶ୍ଳେଷଣ କରାଯାଇଥିଲା । ଯେଉଁଥିରୁ ଜଣାପଡ଼ିଛି ଯେ ନାଇଜେରିଆ ଭଳି ସବ୍-ସାହାରା ଆଫ୍ରିକା ଏବଂ ଦକ୍ଷିଣ-ପୂର୍ବ ଏସିଆର ଅଞ୍ଚଳଗୁଡ଼ିକରେ ସହରୀକରଣ ଓ ଭିତ୍ତିଭୂମି ବିକାଶ ଯୋଗୁଁ ରାତିର ଆଲୋକ ତୀବ୍ର ଗତିରେ ବଢ଼ିବାରେ ଲାଗିଛି । ଅପରପକ୍ଷରେ, ୟୁରୋପରେ ଆଲୋକ ବ୍ୟବସ୍ଥା ଏବଂ ପରିବେଶ ନୀତି ଯୋଗୁଁ ରାତିର ଉଜ୍ଜ୍ୱଳତାରେ ୪ ପ୍ରତିଶତ ହ୍ରାସ ପରିଲକ୍ଷିତ ହୋଇଥିବାବେଳେ ଆମେରିକାର ପଶ୍ଚିମ ଉପକୂଳରେ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଆଲୋକ ବଢୁଛି ଏବଂ ପୂର୍ବ ଉପକୂଳର କିଛି ଅଂଶରେ ଏହା କମିବାରେ ଲାଗିଛି । ଗବେଷକଙ୍କ ଅନୁଯାୟୀ, ବିଶ୍ୱସ୍ତରରେ ଆଲୋକ ବଢ଼ିବା ପ୍ରାୟ ୩୪ ପ୍ରତିଶତ ରହିଥିବା ବେଳେ ବିଭିନ୍ନ ସ୍ଥାନରେ ଆଲୋକ କମିବା ଫଳରେ ଏହା ୧୮ ପ୍ରତିଶତ ଭରଣା ହୋଇପାରିଛି ।





ନିର୍ଦ୍ଦେଶକ ନିଶାନିଲ୍ ଦେଓଙ୍କ ଚଳଚ୍ଚିତ୍ର ଡକୈତ ରିଲିଜ ହୋଇସାରିଛି। ଏଥିରେ ଆଦିଭିଶେଷ ଏବଂ ମୃଣାଳ ଠାକୁରଙ୍କୁ ପରଦାରେ ଦେଖିବାକୁ ମିଳିବ । ଏହି ଥ୍ରୀଲର ଚଳଚ୍ଚିତ୍ରଟି ଆକ୍ସନ୍ ଏବଂ ଡ୍ରାମାରେ ଭରପୂର ରହିଛି ବୋଲି ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି। ଏଥିରେ ଅନୁରାଗ କଶ୍ୟପ, ପ୍ରକାଶ ରାଜ, ସୁନୀଲ, ଅତୁଲ କୁଲକର୍ଣ୍ଣୀ, ଜୈନ୍ ମ୍ୟାରି ଖାନ୍ ଏବଂ କାମାକ୍ଷୀ ଭାସ୍କରଲା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି। ସେହିଭଳି ଏଥିରେ ମୃଣାଳଙ୍କ ଏକ ଭିନ୍ନ ଅବତାର ଦେଖିବାକୁ ମିଳିବ । ଦର୍ଶକଙ୍କୁ ଏହି ଚରିତ୍ର ଖୁବ ପସନ୍ଦ ଆସିବ ବୋଲି ମୃଣାଳ ଆଶା ରଖିଛନ୍ତି । ସବୁବେଳେ ଦର୍ଶକଙ୍କୁ କିଛି ନୂଆ ଅନ୍ଦାଜରେ ସପ୍ରାଇଜ କରୁଥିବା ମୃଣାଳ ଏଥର ମଧ୍ୟ ଦର୍ଶକଙ୍କୁ ଖୁବ ଭଲ ସିନେମା ଦେଇଛନ୍ତିବୋଲି ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି । ସେହିଭଳି ଆଦିଭିଶେଷ ଓ ମୃଣାଳଙ୍କ କେମେଷ୍ଟ୍ରି ଦର୍ଶକଙ୍କୁ ଖୁବ ପସନ୍ଦ ଆସୁଛି ।

## ହଟକେ ଚରିତ୍ରରେ ମୃଣାଳ

## ଗାର୍ଲିକ ଚିକେନ

**ସାମଗ୍ରୀ-** ୨୦୦ ଗ୍ରାମ ସ୍ଲାଇସ୍ ହୋଇଥିବା ହାଡ଼ ନଥିବା ଚିକେନ୍ ବ୍ରେଷ୍ଟ , ଅଧା ଅଣ୍ଡା, ୪୦ ଗ୍ରାମ କର୍ଣ୍ଣଫ୍ଲୋର, ୩ ଗ୍ରାମ ଲୁଣ,ସୋୟା ସସ୍, ଧଳା ଗୋଲମରିଚ ଗୁଣ୍ଡ, ତେଲ, ଲଙ୍କା, ରସୁଣ, ବଟର, ଅଏଷ୍ଟର ସସ୍ ।

**ପ୍ରଣାଳୀ-** ପ୍ରଥମେ ଚିକେନ୍ ବ୍ରେଷ୍ଟକୁ ପତଳା ସ୍ଲାଇସ୍ କରି କାଟି ଦିଅନ୍ତୁ। ଏକ ପାତ୍ରରେ ଅଧା ଅଣ୍ଡା, ଲୁଣ, ପାଣି ଓ କର୍ଣ୍ଣଫ୍ଲୋର ମିଶାଇ ଚିକେନ୍କୁ ଭଲଭାବେ ମ୍ୟାରିନେଟ୍ କରନ୍ତୁ। ଏହାପରେ କଡ଼େଇରେ ତେଲ ଗରମ କରି ମ୍ୟାରିନେଟ୍ ହୋଇଥିବା ଚିକେନ୍ ସ୍ଲାଇସଗୁଡ଼ିକୁ ମଧ୍ୟମ-ଉଚ୍ଚ ଆଞ୍ଚରେ ପ୍ରାୟ ୨ ମିନିଟ୍ ପର୍ଯ୍ୟନ୍ତ ଡିପ୍ ଫ୍ରାଏ କରନ୍ତୁ। ଅନ୍ୟ ଏକ ପ୍ୟାନରେ ତେଲ ଗରମ କରି ସେଥିରେ ଶୁଖିଲା ନାଲି ଲଙ୍କା ଏବଂ କଟା ରସୁଣ ପକାଇ ଏକ ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ। ତା'ପରେ ସେଥିରେ ବଟର, ଅଏଷ୍ଟର ସସ୍,ପାଣି, ଚିକେନ୍ ଆରୋମାଟ୍ ପାଉଡର, ଚାଇନିଜ୍ ୱାଇନ୍ ଏବଂ ଲାଇଟ୍ ସୋୟା ସସ୍ ମିଶାନ୍ତୁ। ଏବେ ଏହି ମିଶ୍ରଣରେ ପୂର୍ବରୁ ଭଜା ହୋଇଥିବା ଚିକେନ୍ ସହିତ କଟା ପିଆଜ, ଶିମଲା ମିର୍ଚ୍ଚ ଏବଂ ସ୍ପ୍ରିଙ୍ଗ୍ ଅନିୟନ୍ ପକାଇ ପ୍ରାୟ ୨ ମିନିଟ୍ ପର୍ଯ୍ୟନ୍ତ ଭଲଭାବେ ଟସ୍ କରନ୍ତୁ। ଶେଷରେ ଉପରେ କିଛି କଟା ସ୍ପ୍ରିଙ୍ଗ୍ ଅନିୟନ୍ ପକାଇ ପ୍ରସ୍ତୁତ କରନ୍ତୁ ସ୍ଲାଇସ୍ଡ ଗାର୍ଲିକ ଚିକେନ ।



ଉତ୍ତର ପ୍ରଦେଶ ଗୋରଖପୁରର ୨୮ ବର୍ଷୀୟା ଶିକ୍ଷୟିତ୍ରୀ ଦିବ୍ୟା ସିଂହ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚାରେ ଅଛନ୍ତି । ଉକ୍ତ ମହିଳାଜଣଙ୍କ ସାଇକେଲ ଯୋଗେ ମାଉଣ୍ଟ ଏଭେରେଷ୍ଟ ବେସ୍ କ୍ୟାମ୍ପରେ ପହଞ୍ଚି ଏକ ନୂଆ ଇତିହାସ ରଚନା କରିଛନ୍ତି। କାଠମାଣ୍ଡୁରୁ ନିଜର ଯାତ୍ରା ଆରମ୍ଭ କରି ସେ ମାତ୍ର ୧୪ ଦିନ ମଧ୍ୟରେ ୧୭,୫୬୦ ଫୁଟ ଉଚ୍ଚତାରେ ପହଞ୍ଚିବାରେ ସକ୍ଷମ ହୋଇଛନ୍ତି। ଏହି ସଫଳତା ହାସଲ କରିବାରେ ସେ ପ୍ରଥମ ଭାରତୀୟ ଏବଂ ବିଶ୍ୱର ଦ୍ୱିତୀୟ ମହିଳା ହେବାର ଗୌରବ ଅର୍ଜନ କରିଛନ୍ତି। - ୧୨ ଡିଗ୍ରୀ ସେଲସିଏସର ତାପମାତ୍ରା, ଅମ୍ଳଜାନର ଅଭାବ ଏବଂ ପ୍ରବଳ ପବନ ଭଳି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସେ ପ୍ରତିଦିନ ୧୦ - ୧୨ ଘଣ୍ଟା ସାଇକେଲ ଚଳାଉଥିଲେ । କେତେକ ଦୁର୍ଗମ ସ୍ଥାନରେ ସାଇକେଲକୁ କାନ୍ଧରେ ବୋହି ମଧ୍ୟ ଚାଲୁଥିଲେ। ସାଲେରୀ, ସୁରକେ, ଫାକଡିଂ ଏବଂ ନାମଚେ ବଜାର ଭଳି କଷ୍ଟକର ରାସ୍ତା ଦେଇ ବେସ୍ କ୍ୟାମ୍ପରେ ପହଞ୍ଚିବା ପରେ ସେଠାରେ ତ୍ରିରଙ୍ଗା ଉଡାଉଥିଲେ। ଏହି ସମୟରେ ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି। ଲୋକମାନେ ତାଙ୍କର ପ୍ରୟାସକୁ ଖୁବ ପ୍ରଶଂସା କରୁଛନ୍ତି ।

## ସାଇକେଲରେ ଏଭରେଷ୍ଟ ବେସ୍ କ୍ୟାମ୍ପ





**ମେଷ:** ଶତ୍ରୁରେ ବିଜୟ. ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁ ଦର୍ଶନ, ଶରୀର ସୁସ୍ଥ, ଶୁଭଖବର ଅନୁଷ୍ଠାନେ ଲାଭ, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା-ଭଗବାନ ଶିବ ।

**ବୃଷ:** ସହଯୋଗ ବୃଦ୍ଧି, ଅର୍ଥ ସମସ୍ୟା, ନୂତନ କାର୍ଯ୍ୟରେ ଲାଭ, ଶୁଭଖବର, ଲୋକସମ୍ପର୍କ ବୃଦ୍ଧି, ବିଦେଶ ଭ୍ରମଣ, ବିଦ୍ୟାରେ ସଫଳତା, ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା- ମା' ମହାଲକ୍ଷ୍ମୀ ।

**ମିଥୁନ:** ଅପମାନ, ଶରୀର କଷ୍ଟ, ବନ୍ଧୁଲାଭ, ଦୂରଯାତ୍ରା, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ଲାଭ, ଗାଡ଼ିଚାଳନାରେ ସତର୍କ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୪, ଆରାଧନା-ମା' ବଗଳାମୁଖୀ ।

**କର୍କଟ:** ନୂତନ କାର୍ଯ୍ୟରେ ଖୁସି, ବନ୍ଧୁ ଦର୍ଶନ, ସମ୍ପତ୍ତି ବିବାଦ, ଶରୀର ସୁସ୍ଥ, ପାରିବାରିକ ସମସ୍ୟା, ଉଚ୍ଚଆଶା ପୂରଣ, ନିଯୁକ୍ତିଲାଭ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୭, ଆରାଧନା-ମା' ଦକ୍ଷିଣକାଳୀ ।

**ସିଂହ:** ସମ୍ମାନିତ, ବନ୍ଧୁଦର୍ଶନ, ଅତିଥି ସତ୍କାର, ସମ୍ପତ୍ତିଲାଭ, ନୂତନ କର୍ମ ଆରମ୍ଭ, ଅନୁଷ୍ଠାନେ ଲାଭ, ଯାତ୍ରାରେ ସାବଧାନ, ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା- ପ୍ରଭୁ ରାଧାବଲ୍ଲଭ ।

**କନ୍ୟା:** ବନ୍ଧୁଲାଭ, ଆଶା ସଫଳ, ଅନୁଷ୍ଠାନେ ଲାଭ, ବିବାଦ ସମାଧାନ, ଉତ୍ସବେ ଆଗ୍ରହ, ବ୍ୟବସାୟରେ ସ୍ୱଳ୍ପ ଲାଭ, ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ, ସଂଖ୍ୟା-୮, ଆରାଧନା- ଲକ୍ଷ୍ମୀନାରାୟଣ ।

**ତୁଳା:** ମାନସିକ ଅଶାନ୍ତି, ବନ୍ଧୁ ବିଦ୍ରୋହ, ଯାତ୍ରାରେ ସତର୍କ, ଦାମ୍ପତ୍ୟ ଖୁସି, ଅର୍ଥଲାଭ, ଦେବକାର୍ଯ୍ୟରେ ଆଗ୍ରହ, ଲୋକସମ୍ପର୍କ ବୃଦ୍ଧି, ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା- ଶଙ୍କର ଭଗବାନ ।

**ବିଛା:** ମାନସିକ ଶାନ୍ତି, ବନ୍ଧୁଲାଭ, ବିବାଦମୁକ୍ତ, କଚେରୀ ମାମଲା, ଶରୀର ସୁସ୍ଥ, ନୂତନ କାର୍ଯ୍ୟ ଆରମ୍ଭ, ସନ୍ତାନ ସୁଖ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୯, ଆରାଧନା- ପ୍ରଭୁ ଜଗନ୍ନାଥ ।

**ଧନୁ:** ଶରୀର ଅସୁସ୍ଥ, ଅର୍ଥ ସମସ୍ୟା, ବ୍ୟବସାୟରେ କଷ୍ଟ, ଶତ୍ରୁ ସମସ୍ୟା, ଲୋକସମ୍ପର୍କ ବୃଦ୍ଧି, କାର୍ଯ୍ୟରେ ବିବାଦ, ଅତିଥି ସତ୍କାର, ସମ୍ମାନ ଲାଭ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା-ଗ୍ରାମଦେବତୀ ।

**ମକର:** ଅର୍ଥଲାଭ, ବ୍ୟବସାୟରେ ଶତ୍ରୁତା, ଦୂରଯାତ୍ରା, ମାମଲା ସମାଧାନ, ଯାତ୍ରାରେ ଲାଭ, ନୂତନ କାର୍ଯ୍ୟାରମ୍ଭ, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୮, ଆରାଧନା-ମା' ମଙ୍ଗଳା ।

**କୁମ୍ଭ:** ଅର୍ଥ ସମସ୍ୟା, ଦୂରଯାତ୍ରା, ଦେବକାର୍ଯ୍ୟରେ ଲାଭ, ବ୍ୟକ୍ତିଙ୍କ ସହାୟତା, ଦ୍ରବ୍ୟ ନଷ୍ଟ, ବ୍ୟବସାୟିକ କଷ୍ଟ, ଗୃହେ ଉତ୍ସବ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୨, ପ୍ରତିକାର- ଗୋମାତାଙ୍କୁ ଖାଦ୍ୟ ଦିଅନ୍ତୁ ।

**ମୀନ:** ଯାତ୍ରାରେ ଶୁଭ, ସମ୍ପତ୍ତି ବିବାଦ, ଭ୍ରାତୃ କଳହ, ଶରୀର ସୁସ୍ଥ, ସମ୍ପତ୍ତି ବିବାଦ, ଆଶାରେ ସଫଳ, ନୂତନ ଦ୍ରବ୍ୟଲାଭ, ଦାମ୍ପତ୍ୟଖୁସି, ବନ୍ଧୁ ସହଯୋଗ, ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୬, ଆରାଧନା- ମା' ଭଗବତୀ ।

**ବୈଶାଖ କୃଷ୍ଣପକ୍ଷ, ନବମୀ**
**୧୧.୪.୨୦୨୬ ଶନିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ଝାରସୁଗୁଡ଼ାରେ ଆଲୁମିନିୟମ୍ ପାର୍କ ପାଇଁ

# ଦୁଇ ଆନୁଷଙ୍ଗିକ ଶିଳ୍ପସଂସ୍ଥାଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କଲା ବେଦାନ୍ତ ଆଲୁମିନିୟମ୍

ଭୁବନେଶ୍ୱର, (ସବ୍ୟୁ): ଭାରତର ବୃହତ୍ତମ ଆଲୁମିନିୟମ୍ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ୍ ଦୁଇ ଆନୁଷଙ୍ଗିକ ଶିଳ୍ପସଂସ୍ଥା ସିଂଘଲ ଷ୍ଟିଲ୍ ଏଣ୍ଡ ପାୱାର ଲିଃ ( ସିଂଘଲ୍ ଗ୍ରୁପ୍ ଅଫ ଇଣ୍ଡଷ୍ଟ୍ରିଜ୍‌ର ଏକ ଅଂଶ) ଓ ସ୍କଟ୍-ଏଲ୍ ମେଟକନ ପ୍ରା. ଲିଃ (ସ୍କଟିସ୍ କେମିକାଲ ଓ ୟୁଏଲ୍ ଇଣ୍ଡଷ୍ଟ୍ରିଜ୍‌ର ଏକ ସହଯୋଗୀ କମ୍ପାନି) ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହି ବୁଝାମଣା ଅନୁସାରେ ଉଭୟ କମ୍ପାନି ଝାରସୁଗୁଡ଼ାରେ ବେଦାନ୍ତର ଆଗାମୀ ଆଲୁମିନିୟମ ପାର୍କ ପରିସରରେ ଆନୁଷଙ୍ଗିକ ଆଲୁମିନିୟମ ଉତ୍ପାଦନ କାରଖାନା ସ୍ଥାପନ କରିବେ। ଭୁବନେଶ୍ୱରରେ ଅନୁଷ୍ଠିତ ଏହି ଏମଓୟୁ ସ୍ୱାକ୍ଷର ସମାରୋହ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଶିଳ୍ପ ସଚିବ ହେମନ୍ତ ଶର୍ମାଙ୍କ ଉପସ୍ଥିତିରେ ହୋଇଥିଲା। ଡାଉନଷ୍ଟ୍ରିମ୍ ଶିଳ୍ପ ଲାଗି ଏକ ବିଶ୍ୱସ୍ତରୀୟ ଶିଳ୍ପ ଇକୋସିଷ୍ଟମଭାବେ ପରିକଳ୍ପିତ ଝାରସୁଗୁଡ଼ାର ବେଦାନ୍ତ ଆଲୁମିନିୟମ୍ ପାର୍କ ମୂଲ୍ୟ ସଂଯୁକ୍ତିକୁ ପ୍ରୋତ୍ସାହନ ଦେବା ସହ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସଂସ୍ଥାଙ୍କ ଅଭିବୃଦ୍ଧିରେ ସହାୟକ ହେବ ଓ ଏକ ଆଲୁମିନିୟମ ଶିଳ୍ପକେନ୍ଦ୍ରରେ ପରିଣତ ହେବାରେ




ଓଡ଼ିଶାର ସ୍ଥିତିକୁ ମଜବୁତ କରିବ। ଏହି ପଦକ୍ଷେପ ଓଡିଶାର ଔଦ୍ୟୋଗିକ ପ୍ରତିଯୋଗିତାକ୍ଷମତାକୁ ଉନ୍ନତ କରିବା ସହ ପ୍ରାୟ ୫୦୦ କୋଟି ଟଙ୍କାର ନିବେଶ ଆକୃଷ୍ଟ କରିବ ଓ ପ୍ରାୟ ୧୫୦୦ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।

ଏହି ଅବସରରେ ଓଡ଼ିଶାର ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, "ଏହି ପଦକ୍ଷେପ ଏକ ଅଗ୍ରଣୀ ଶିଳ୍ପ ଗନ୍ତବ୍ୟସ୍ଥଳ ଭାବରେ ଓଡ଼ିଶାର ସ୍ଥିତିକୁ ସୁଦୃଢ଼ କରିବ। ବେଦାନ୍ତ ଆଲୁମିନିୟମ ପାର୍କ ନିବେଶକୁ ତ୍ୱରାନ୍ୱିତ କରିବ, ବଡ଼ ପରିମାଣର ନିଯୁକ୍ତି ସୃଷ୍ଟି କରିବ ଏବଂ ବିଭିନ୍ନ କ୍ଷେତ୍ରରେ ରାଜ୍ୟର ଉତ୍ପାଦନ କ୍ଷମତାକୁ ସୁଦୃଢ଼ କରିବ।" ଏହି ପ୍ରସ୍ତାବିତ ଆଲୁମିନିୟମ ପାର୍କ ଆନୁଷଙ୍ଗିକ ଶିଳ୍ପଙ୍କ ବିସ୍ତାର ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରି ରାଜ୍ୟରେ ଶିଳ୍ପ ବିବିଧତାକୁ ପ୍ରୋତ୍ସାହିତ କରିବ। ଏହା ଓଡ଼ିଶା ସରକାରଙ୍କ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶିଳ୍ପ ଭିତ୍ତିଭୂମି ନିର୍ମାଣର ବ୍ୟାପକ ଦୃଷ୍ଟିକୋଣ ସହିତ ସମନ୍ୱିତ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଶିଳ୍ପ ସଚିବ ହେମନ୍ତ ଶର୍ମା କହିଛନ୍ତି, "ବେଦାନ୍ତ ଆଲୁମିନିୟମ ପାର୍କ ଓଡ଼ିଶାର ଶିଳ୍ପ ମୂଲ୍ୟ ଶୃଙ୍ଖଳକୁ ଆହୁରି ସୁଦୃଢ଼ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ନୀତିଗତ ସମର୍ଥନ ସହିତ ଭିତ୍ତିଭୂମି ପ୍ରସ୍ତୁତିକୁ ମିଶ୍ରଣ କରି, ଆମେ ଏକ ପ୍ଲାଟଫର୍ମ ସୃଷ୍ଟି କରୁଛୁ ଯାହା ଶିଳ୍ପଗୁଡ଼ିକୁ ଦକ୍ଷତାର ସହ ପ୍ରସାର ଏବଂ ପ୍ରତିଯୋଗିତାକ୍ଷମ କରିବାକୁ ସକ୍ଷମ କରିଥାଏ। ଏହି ଅବସରରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି "ଯେ ବେଦାନ୍ତ ଆଲୁମିନିୟମ ପାର୍କ, ପ୍ରାଥମିକ ଉତ୍ପାଦନରୁ ଆଗକୁ ବଢ଼ି ମୂଲ୍ୟ ସଂଯୁକ୍ତ ଉତ୍ପାଦନ ଲାଗି ଆମ ପ୍ରତିବଦ୍ଧତାକୁ ଦର୍ଶାଏ। ଏକ ସୁଦୃଢ଼ ଡାଉନଷ୍ଟ୍ରିମ୍ ଇକୋସିଷ୍ଟମ ନିର୍ମାଣ କରି, ଆମେ ଶିଳ୍ପ, ଏମଏସଏମଇ ଏବଂ ସ୍ଥାନୀୟ ଉଦ୍ୟୋଗୀମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ, ଏବଂ ବିଶ୍ୱ ଆଲୁମିନିୟମ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାର ସ୍ଥିତିକୁ ଆହୁରି ମଜବୁତ କରିବାକୁ ଲକ୍ଷ୍ୟ ରଖିଛୁ।" ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି.ଚନ୍ଦ୍ରୁ କହିଛନ୍ତି, "ଝାରସୁଗୁଡ଼ା ବେଦାନ୍ତ ଆଲୁମିନିୟମର ଅଭିବୃଦ୍ଧି ଯାତ୍ରାର କେନ୍ଦ୍ରରେ ରହିଆସିଛି। ପ୍ରସ୍ତାବିତ ଆଲୁମିନିୟମ ପାର୍କ କେବଳ ଡାଉନଷ୍ଟ୍ରିମ୍ ଇକୋସିଷ୍ଟମକୁ ସୁଦୃଢ଼ କରିବ ନାହିଁ ବରଂ ସ୍ଥାୟୀ ଜୀବିକା ସୃଷ୍ଟି କରିବ, ଉଦ୍ୟୋମିତାକୁ ପ୍ରୋତ୍ସାହିତ କରିବ ଓ ଏ ଅଂଚଳର ବିକାଶରେ ସହାୟକ ହେବ। ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାକ୍ଷମ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବାରେ ଓଡ଼ିଶା ସରକାରଙ୍କ ସହ ସହଯୋଗିତା କରି ଆମେ ଗର୍ବିତ" । ଏହି ପାର୍କକୁ ଏକ ପ୍ରମୁଖ ଡାଉନଷ୍ଟ୍ରିମ୍ ଉତ୍ପାଦନ କେନ୍ଦ୍ର ଭାବରେ କଳ୍ପନା କରାଯାଇଛି ଯାହା ଶିଳ୍ପଗୁଡ଼ିକୁ ଲଜିଷ୍ଟିକ୍ସ, ଶକ୍ତି ବ୍ୟବହାର ଏବଂ ଉତ୍ପାଦନ ସମୟ ହ୍ରାସ କରିବାରେ ସାହାଯ୍ୟ କରିବ।

### ଦୁର୍ଘଟଣାଗ୍ରସ୍ତଙ୍କୁ ମିଳିବ କ୍ୟାସ୍ ଲେସ୍ ଚିକିତ୍ସା

# ୭ ଦିନ ଯାଏଁ ସରକାର ବହନ କରିବେ ଖର୍ଚ୍ଚ

ଭୁବନେଶ୍ୱର(ସବ୍ୟୁ): ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଥିବା ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ସରକାର ନେଇଛନ୍ତି ବଡ଼ ପଦକ୍ଷେପ । ଏଣିକି ଟଙ୍କା ଅଭାବରୁ ଅଧାରେ ରହିବନି ଚିକିତ୍ସା । ସଡ଼କ ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ମିଳିବ ସମ୍ପୂର୍ଣ୍ଣ ମାଗଣା ବା କ୍ୟସ ଲେସ୍ ଚିକିତ୍ସା । କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ରାହତ ଯୋଜନାକୁ ନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ ସମସ୍ତ ଜିଲ୍ଲା ଏସପି ଓ ଡିସିପିଙ୍କୁ ଗାଇଡଲାଇନ୍ ଜାରି କରାଯାଇଛି । ସଡ଼କ ଦୁର୍ଘଟଣାର ପ୍ରଥମ ଏକ ଘଣ୍ଟା ବା "ଗୋଲ୍ଡେନ୍ ଆୱାର' ମଧ୍ୟରେ ଚିକିତ୍ସା ଯୋଗାଇଦେବାକୁ ଏହି ମେଗା ପ୍ଲାନ୍ ପ୍ରସ୍ତୁତ ହୋଇଛି । ଏହି ଯୋଜନା ଅନୁଯାୟୀ ଜଣେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ସର୍ବାଧିକ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ୟାସଲେସ୍ ଚିକିତ୍ସା ସୁବିଧା ମିଳିବ । ଦୁର୍ଘଟଣା ଘଟିବା ଦିନଠାରୁ ଆଗାମୀ ୭ ଦିନ ପର୍ଯ୍ୟନ୍ତ ଏହି ମାଗଣା ଚିକିତ୍ସା ସୁବିଧା ଉପଲବ୍ଧ ହେବ । ଯୋଜନାର ଲାଭ ପାଇବାକୁ ହେଲେ ଆହତଙ୍କୁ ଦୁର୍ଘଟଣାର ୨୪ ଘଣ୍ଟା ମଧ୍ୟରେ ହସ୍ପିଟାଲରେ ଭର୍ତ୍ତି କରିବାକୁ ହେବ । ଯୋଜନା ସୁରୁଖୁରୁରେ ପରିଚାଳନା ପାଇଁ ପ୍ରତି ଜିଲ୍ଲାରେ ଜଣେ ଡେପୁଟି ଏସପି ପାହ୍ୟାର ଅଧିକାରୀଙ୍କୁ "ନୋଡାଲ ଅଫିସର' ଭାବେ ନିଯୁକ୍ତି ଦିଆଯିବ । କ୍ୟାସ୍‌ଲେସ୍ ସୁବିଧାରେ କୌଣସି ଜାଲିଆତି ରୋକିବା ପାଇଁ ସିସିଟିଭି ଫୁଟେଜ୍ ଓ ଟୋଲ୍ ଗେଟ୍ ତଥ୍ୟର ଯାଞ୍ଚ କରାଯିବ । ତେବେ ଏହି ଯୋଜନା କେବଳ ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ ।

# ରେଳ ଷ୍ଟେସନରୁ ଦୁଇ ନାବାଳକ ଉଦ୍ଧାର

କଟକ,(ସବ୍ୟୁ): କଟକ ରେଳ ଷ୍ଟେସନରୁ ଦୁଇ ଜଣ ନାବାଳକଙ୍କୁ ଆରପିଏଫ ଆଜି ଉଦ୍ଧାର କରାଯାଇଛି । ଉଭୟଙ୍କୁ ଚାଇଲ୍ଡ ଲାଇନ ଜିମା ଦିଆଯାଇଛି । ଶୁକ୍ରବାର ଭୋର ୪ଟା ସମୟରେ ଆରପିଏଫ କର୍ମଚାରୀ ଷ୍ଟେସନ ପରିସରରେ ପାଟ୍ରୋଲିଂ କରୁଥିଲେ । ଏତିକିବେଳେ ପ୍ଲାଟଫର୍ମରେ ଦୁଇ ଜଣ ନାବାଳକ ଏକାକୀ ବୁଲାବୁଲି କରୁଥିବା ଦେଖିବାକୁ ପାଇଥିଲେ । ପଚାରିବାରୁ ସେମାନେ କୌଣସି ସଠିକ ଉତ୍ତର ଦେଇପାରିନଥିଲେ । ଅଭିଭାବକଙ୍କ ବିନା ସେମାନେ ଟ୍ରେନରେ ଆସିଥିବା ଜଣାପଡିଥିଲା । ଏହାପରେ ଉଭୟ ନାବାଳକଙ୍କୁ ଆରପିଏଫ ପୋଷ୍ଟକୁ ଆଣି ଖାଦ୍ୟ/ପାନୀୟ ଦିଆଯାଇଥିଲା । ଅଧିକ ପଚରାଉଚରା ପରେ ଜଣାପଡିଲାଯେ, ଉଭୟଙ୍କ ଘର ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅନ୍ତର୍ଗତ ନୂଆଗାଁ ଅଞ୍ଚଳରେ । ଉଭୟଙ୍କ ବୟସ ଯଥାକ୍ରମେ ୧୩ ଓ ୧୪ ବର୍ଷ । ସେମାନେ ବୁଲାବୁଲି ଉଦ୍ଦେଶ୍ୟରେ ପରିବାର ସଦସ୍ୟଙ୍କୁ କିଛି ନଜଣାଇ ଗୁରୁବାର ରାତିରେ ଟ୍ରେନରେ ଚାଲିଆସିଥିବା ଜଣାଇଥିଲେ । ଏ ସମ୍ପର୍କରେ ଉଭୟଙ୍କ ପରିବାରକୁ ସୂଚନା ଦେବା ସହିତ ଚାଇଲ୍ଡ ଲାଇନକୁ ଅବଗତ କରାଯାଇଥିଲା । ଚାଇଲ୍ଡ ଲାଇନ ସଦସ୍ୟ ଷ୍ଟେସନରେ ପହଞ୍ଚି ନାବାଳକ ଦ୍ୱୟଙ୍କୁ ନିଜ ହେଫାଜତକୁ ନେଇଥିବା ଆରପିଏଫ ପକ୍ଷରୁ ସୂଚନା ଦିଆଯାଇଛି ।

# ବିପୁଳ ପରିମାଣର ଗଞ୍ଜେଇ ଜବତ୍ : ୩ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଅବକାରୀ ବିଭାଗ ପକ୍ଷରୁ ଆଜି ଦୁଇଟି ସ୍ଥାନରେ ଚଢଉ କରାଯାଇ ୧କୁଇଁଟାଲ ୯୬୦କେଜି ଗଞ୍ଜେଇ ଜବତ କରାଯାଇଛି। ପ୍ରକାଶଥାଉକି, ଟାଙ୍ଗୀ ଅବକାରୀ ବିଭାଗ ଛଣଗିରି ରାସ୍ତାର ଫୁଟବଲ ଖେଳପଡିଆ ସମ୍ମୁଖରୁ



ଜବତ କରାଯାଇଛି। ଏହି ଘଟଣାରେ ୩ଜଣଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ଗିରଫମାନେ ହେଲେ ଜଟଣୀ ଥାନା ଅନ୍ତର୍ଗତ ଗଜପତିନଗର ର କାଳୁଚରଣ ଦାସ (୪୫), କନ୍ଧମାଳ ଜିଲ୍ଲା ଲହବାଡି ର ମହେଶ ମଲ୍ଲିକ (୨୧) ଓ ବଇଡା ର ପ୍ରକାଶ ପ୍ରଧାନ (୩୮) । ଏମାନଙ୍କ ଠାରୁ ଗଞ୍ଜେଇ ସମେତ ଏକ କାର ଓ ଟାଟାଏସିଇ ଗାଡିକୁ ନୟାଗଡ ରୁ ଜଙ୍କିଆ ଅଭିମୁଖେ ଆସୁଥିବା ଓଡି.୦୨ସିକେ-୮୭୪୩ ନଂ ବିଶିଷ୍ଟ ଗଞ୍ଜେଇ ବୋଝେଇ ଟାଟାଏସିଇ ଗାଡିକୁ ଅଟକାଇ ଯାଂଚ କରିଥିଲେ। ସେଥିରୁ ୯୬୦କେଜି ଗଞ୍ଜେଇ ଜବତ କରିବା ସହ କାଳୁଚରଣ କୁ ଗିରଫ କରିଥିଲା। ସେହିପରି ଖୋର୍ଦ୍ଧା ଅବକାରୀ ବିଭାଗ ପକ୍ଷରୁ ଖୋର୍ଦ୍ଧା ମେଡିକାଲ ଛକ ନିକଟରେ ଥିବା ପେଟ୍ରୋଲପମ୍ପ ସମ୍ମୁଖରେ ଚଢଉ କରି ଏକ କାର ଭିତରୁ ୧କୁଇଁଟାଲ ଗଞ୍ଜେଇ ଜବତ କରିଥିଲେ। ଗାଡିରୁ ମହେଶ ଓ ପ୍ରକାଶ କୁ ଅବକାରୀ ବିଭାଗ କରିଛି। ୨ଟି ଜବତ ଘଟଣାରେ ଜବତ ଗଞ୍ଜେଇ ଓ ଗାଡିର ମୂଲ୍ୟ ୧କୋଟି ୨୧ଲକ୍ଷ ହେବ ବୋଲି ଅବକାରୀ ସୁପରିଟେଣ୍ଡ ସୁମତୀ ତ୍ରିପାଠୀ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଟାଙ୍ଗୀ ଅବକାରୀ ଚଢଉରେ ଇନ୍ସପେକ୍ଟର ଅଜିତ ପାତ୍ର, ଓଆଇସି ରମେଶ ଚନ୍ଦ୍ର ବାରିକ, ଏଏସ୍ଆଇ ସମ୍ଭୁନାଥ ପାତ୍ର, ବାଲୁଗାଁ ଅବକାରୀ ବିଭାଗ ଏଏସ୍ଆଇ ରାମଚନ୍ଦ୍ର ଜେନା, କନେଷ୍ଟବଳ ଅଶେଷ ପ୍ରଧାନ, ମନୋଜ କୁମାର ଜୟସିଂ, ସସ୍ମିତା ସେଠୀ ପ୍ରମୁଖ ସାମିଲଥିଲେ। ସେହିପରି ଖୋର୍ଦ୍ଧା ଅବକାରୀ ଚଢଉରେ ଇନ୍ସପେକ୍ଟର ରାଧାକାନ୍ତ ଭୋଇ, ଓଆଇସି ସୁଜିତ କୁମାର ମୁଦୁଲି, ଏଏସ୍ଆଇ ସମରେନ୍ଦ୍ର ସାମନ୍ତସିଂହାର, କନେଷ୍ଟବଳ ଟିଟୁ ସାହୁ, ଚିନ୍ମୟୀ ସେଠୀ, ସନାନନ୍ଦ କୁଅଁର ଓ ପ୍ରଣବ କୁମାର କଅଁର ପ୍ରମୁଖ ସାମିଲ ହୋଇଥିଲେ।

# ପରିବେଶ ପ୍ରଦୂଷଣ, ବିପଦ ବଢୁଛି

ଭୁବନେଶ୍ୱର (ତଥ୍ୟ): ଓଡ଼ିଶାରେ ମାଟି, ପାଣି ଓ ପବନର ପ୍ରଦୂଷଣ ବଢ଼ି ଚାଲିଥିବାବେଳେ ତାହାର ନିରାକରଣ କରାଯାଇପାରୁ ନାହିଁ। ପ୍ରଦୂଷଣ ବୃଦ୍ଧି ସହ ତାଳ ଦେଇ ବିଭିନ୍ନ ରୋଗ ବ୍ୟାଧି ବଢ଼ି ଚାଲିଥିବାବେଳେ ତାହାକୁ ରୋକିବା ପାଇଁ ପ୍ରତିଶୋଧମୂଳକ ପଦକ୍ଷେପ ଗ୍ରହଣ କରାଯିବା ପରିବର୍ତ୍ତେ ସ୍ୱାସ୍ଥ୍ୟସେବାରେ କିନ୍ତୁ ବର୍ଷକୁ ବର୍ଷ ବ୍ୟୟବରାଦ ବଢୁଛି। ଯେଉଁଭଳି ଭାବେ ପ୍ରଦୂଷଣ ବୃଦ୍ଧି ପାଉଛି ତାହାକୁ ରୋକାନଗଲେ ଆଗାମୀ ପିଢ଼ି ଏଥିଲାଗି ପୂର୍ବ ପିଢ଼ିମାନଙ୍କୁ କ୍ଷମା କରିବ ନାହିଁ ବୋଲି ପରିବେଶ ପ୍ରେମୀମାନେ କହୁଛନ୍ତି। ଅତ୍ୟଧିକ ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ ଏବଂ ଖଣି ଉତ୍ତୋଳନ ସହିତ କଳକାରଖାନାଗୁଡ଼ିକର ବର୍ଜ୍ୟ ବସ୍ତୁ ଯୋଗୁ ମାଟିର ଉତ୍ପାଦିକା ଶକ୍ତି ହ୍ରାସ ପାଉଛି। ଗୋଟିଏ ପଟେ ଗାଁରୁ ସହର ପର୍ଯ୍ୟନ୍ତ ଗାଈ, ବଳଦଙ୍କ ସଂଖ୍ୟା କମୁଥିବାବେଳେ ଜମିରେ ବ୍ୟବହାର ପାଇଁ ଗୋବର ଖତ ଅଭାବ ହେଉଛି। ତୁରନ୍ତ ଫସଲ ଉତ୍ପାଦନ ପାଇଁ ଜମିରେ କୀଟନାଶକ ଓ ରାସାୟନିକ ସାରର ବହୁଳ ବ୍ୟବହାର କରାଯାଉଛି। ଅନେକ କ୍ଷେତ୍ରରେ କେଉଁ ଜମି ପାଇଁ କେତେ ପରିମାଣର ରାସାୟନିକ ସାର ଦରକାର ତାହା ଜାଣିବା ଲାଗି ମାଟି ପରୀକ୍ଷା ନକରି ଚାଷୀମାନେ ଆଖିବୁଜା ସାର ଓ କୀଟନାଶକ ଢାଳୁଥିବାରୁ ମୃତ୍ତିକା ପ୍ରଦୂଷଣ ବଢୁଛି। ଏଥିସହିତ ବ୍ୟାପକ ଜଙ୍ଗଲ ସଫେଇ ଓ ଗଛକଟା ଯୋଗୁ ମୃତ୍ତିକା ଅବକ୍ଷୟ ହାର ମଧ୍ୟ ଉଦ୍‌ବେଗଜନକ ସ୍ଥିତିରେ ରହିଛି ବୋଲି ପରିବେଶବିତ୍‌ମାନେ କହୁଛନ୍ତି।

ସେହିଭଳି ରାଜ୍ୟରେ ଏଭଳି କୌଣସି ଗୋଟିଏ ନଦୀ ନାହିଁ ଯାହାର ଜଳ ପ୍ରଦୂଷଣ ମୁକ୍ତ। କେଉଁ ନଦୀର ଜଳ ଅତି ବିଷାକ୍ତ ତ ଆଉ କେଉଁ ନଦୀର ଜଳ କମ୍ ପ୍ରଦୂଷିତ। ମୋଟାମୋଟି ଭାବେ କୌଣସି ଗୋଟିଏ ହେଲେ ନଈର ଜଳ ଏବେ ପାନୀୟ ଉପଯୋଗୀ ନୁହେଁ। ବିଶେଷକରି ସହରାଞ୍ଚଳର ନର୍ଦ୍ଦମା ପାଣି, କଳକାରଖାନାର ବର୍ଜ୍ୟବସ୍ତୁ ଏବଂ ଖଣିଜ କାର୍ଯ୍ୟରେ ବ୍ୟବହୃତ ପାଣି ଯୋଗୁ ନଦୀଗୁଡ଼ିକର ଜଳ ପ୍ରଦୂଷିତ ହେଉଛି। ରାଜଧାନୀ ଉପକଣ୍ଠରେ ଥିବା ଦୟା, ଗଙ୍ଗୁଆ ଆଦି ନଦୀର ଜଳ ବିଷାକ୍ତ ହୋଇ ଚାଲିଛି। ଫଳରେ ଗଙ୍ଗୁଆ ନଦୀରେ ଆଉ ମାଛ ନାହାନ୍ତି। ଏହି ପାଣି ଦେହରେ ଲାଗିଲେ ଚର୍ମ ରୋଗ ବି ହୋଇଯାଉଛି। ଖୋଦ୍ ରାଜଧାନୀ ଉପକଣ୍ଠରେ ଯଦି ଏଭଳି ଅବସ୍ଥାରେ ତେବେ ଦୂରଦୂରାନ୍ତରେ ପ୍ରବାହିତ ନଦୀଗୁଡ଼ିକର ସ୍ୱାସ୍ଥ୍ୟ କେତେ ମରାତ୍ମକ ତାହା ସହଜରେ ଅନୁମେୟ। ଏହାଛଡ଼ା ନଦୀଗୁଡ଼ିକରେ ବେଧଡକ ଚୋରା ବାଲି ଚାଲାଣ ହେଉଥିବାରୁ ସମସ୍ୟା ମଧ୍ୟ ବଢୁଛି।

କେବଳ ନଦୀ ଜଳ ଯେ ପ୍ରଦୂଷିତ ତାହା ନୁହେଁ, ସଂଖ୍ୟାଧିକ ଜଳ ଭଣ୍ଡାରର ମଧ୍ୟ ସମାନ ସ୍ଥିତି। ଅଧିକାଂଶ ଜଳଭଣ୍ଡାରରେ ଜଳର ଅମ୍ଳତ୍ୱ ଓ ଲବଣତ୍ୱ ବୃଦ୍ଧି ପାଇବା ଚିନ୍ତାର କାରଣ ହୋଇଛି। ଏହାଛଡ଼ା ଭୂତଳ ଜଳ ସ୍ତର ମଧ୍ୟ ଉଦ୍‌ବେଜନକ ଭାବେ ପ୍ରଦୂଷିତ ହେଉଛି। ଏହାଛଡ଼ା ଖୋଦ୍ ଭୁବନେଶ୍ୱର ସମେତ ରାଜ୍ୟର ବହୁ ଅଞ୍ଚଳର ଭୂତଳ ଜଳ ସ୍ତର ଯେପରି ଦ୍ରୁତ ଗତିରେ ତଳକୁ ଖସୁଛି ତାହା ଭବିଷ୍ୟତ ପାଇଁ ବିପଦର କାରଣ ହୋଇପାରେ ବୋଲି ପରିବେଶବିତ୍‌ମାନେ ଆଶଙ୍କା ବ୍ୟକ୍ତ କରୁଛନ୍ତି। ରାଜ୍ୟରେ ବର୍ଷକୁ ବର୍ଷ ବାୟୁ ପ୍ରଦୂଷଣର ମାତ୍ରା ମଧ୍ୟ ବଢ଼ିବଢ଼ି ଚାଲିଛି। ସରକାରଙ୍କ ବାୟୁ ଗୁଣବତ୍ତା ବା ଏୟାର କ୍ୱାଲିଟି ଇଣ୍ଡେକ୍ସ ୫୦ ତଳକୁ ରହିଲେ ଭଲ। ୫୧ରୁ ୨୦୦ ପର୍ଯ୍ୟନ୍ତ ଏକ୍ୟୁଆଇ ତାହା ଖରାପ ହେଲେ ବି ଚଳନୀୟ। କିନ୍ତୁ ୨୦୦ରୁ ୪୦୦ ପର୍ଯ୍ୟନ୍ତ ଏହା ଖରାପ ଓ ଅତି ଖରାପ ସ୍ତରରେ ରହୁଥିବାବେଳେ ୪୦୦ ଟପିଲେ ଭୟଙ୍କର ବୋଲି ସରକାର ନିଜେ ସ୍ୱୀକାର କରୁଛନ୍ତି। କିନ୍ତୁ ରାଜଧାନୀ ଭୁବନେଶ୍ୱରଠାରୁ ଆରମ୍ଭ କରି ବାଲେଶ୍ୱର, ରାଉରକେଲା, ଝାରସୁଗୁଡ଼ା, ଅନୁଗୁଳ ପର୍ଯ୍ୟନ୍ତ ବହୁ ସହରରେ ବାୟୁର ଗୁଣବତ୍ତା ଅତି ଖରାପ। କଳକାରଖାନାରୁ ନିର୍ଗତ ଧୂଆଁ ଓ ଗୁଣ୍ଡ, ଖଣି ଅଞ୍ଚଳରୁ ନିର୍ଗତ ଗୁଣ୍ଡ ଏବଂ ଯାନବାହାନରୁ ବାହାରୁଥିବା ଧୂଆଁ ଆଦି ଯୋଗୁ ବାୟୁ ପ୍ରଦୂଷଣ ବଢୁଛି।

### ଛାତ୍ରଙ୍କ ପରୀକ୍ଷା ଫଳ ବାତିଲ ମାମଲା

# ସିବିଏସ୍‌ଇ ଆଦେଶକୁ ରଦ୍ଦ କଲେ ହାଇକୋର୍ଟ

କଟକ,(ସବ୍ୟୁ): ପରୀକ୍ଷାରେ କପି କରିବା ବା ଅସାଧୁ ଉପାୟ ଅବଲମ୍ବନ କରିବା ଅଭିଯୋଗରେ ସିବିଏସଇ ଦ୍ୱାରା ବାତିଲ କରାଯାଇଥିବା ଜଣେ ଛାତ୍ରଙ୍କ ପରୀକ୍ଷା ଫଳକୁ ନେଇ ଓଡ଼ିଶା ହାଇକାର୍ଟ ଅନୁମାନ ଆଧାରରେ ପରୀକ୍ଷା ଫଳ ବାତିଲ ହୋଇପାରିବ ନାହିଁ ବୋଲି ମତ ଦେଇଛନ୍ତି । ବରଗଡ଼ ଜିଲ୍ଲା ପଦ୍ମପୁର ପବ୍ଲିକ୍ ସ୍କୁଲର ଛାତ୍ର ଶ୍ରୀନିବାସ ପଟେଲ୍‌ଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି ପରିପ୍ରେକ୍ଷୀରେ ହାଇକୋର୍ଟର ବିଚାରପତି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ସିବିଏସ୍‌ଇ, ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଜାରି କରାଯାଇଥିବା ୨୦୨୫ ମେ ୨୬ର ଆଦେଶକୁ ରଦ୍ଦ କରିବା ସହ ଏକ ସପ୍ତାହ ମଧ୍ୟରେ ଛାତ୍ରଙ୍କ ପରୀକ୍ଷା ଫଳ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀନିବାସ ପଟେଲ ୨୦୨୫ ମସିହାରେ ସିବିଏସଇ ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେଇଥିଲେ । ପରୀକ୍ଷା ଫଳ ପ୍ରକାଶ ପାଇବା ସମୟରେ ତାଙ୍କର ରେଜଲ୍ଟ (ଆର.ଏଲ) ଦେଖାଇଥିଲା । ପରେ ସିବିଏସଇ ପକ୍ଷରୁ ଏକ ଆଦେଶନାମା ଜାରି କରାଯାଇ କୁହାଯାଇଥିଲା ଯେ, ସେ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରିଥିବାରୁ ତାଙ୍କର ସମସ୍ତ ବିଷୟର ପରୀକ୍ଷା ଫଳ ବାତିଲ କରାଯାଇଛି। ଏହାକୁ ବିରୋଧ କରି ଛାତ୍ର ଜଣକ ହାଇକୋର୍ଟରେ ମାମଲା ଦାୟର କରିଥିଲେ । ଅଦାଲତ କହିଛନ୍ତି ଯେ ପରୀକ୍ଷା କେନ୍ଦ୍ରର ଅଧ୍ୟକ୍ଷ, ଅଧୀକ୍ଷକ, ପରିଦର୍ଶକ କିମ୍ବା କୌଣସି ଫ୍ଲାଇଙ୍ଗ ସ୍କ୍ୱାଡ୍ ଛାତ୍ରଙ୍କ ବିରୋଧରେ କପି କରିବାର କୌଣସି ରିପୋର୍ଟ ଦେଇନାହାନ୍ତି । ପାର୍ଶ୍ୱବର୍ତ୍ତୀ ଛାତ୍ରଙ୍କ ସହ କିଛି ଉତ୍ତର ମିଶିଯାଉଥିବା ଦର୍ଶାଇ ସିବିଏସଇ ପରୀକ୍ଷା ଫଳ ବାତିଲ କରିଥିଲା, କେବଳ ଏକ ଅନୁମାନ ଓ ସନ୍ଦେହ ଆଧାରରେ ପରୀକ୍ଷା ଫଳ ବାତିଲ କରିବା ନ୍ୟାୟସଙ୍ଗତ ନୁହେଁ । ସେହି ସମାନ କେନ୍ଦ୍ରରେ ପରୀକ୍ଷା ଦେଇଥିବା ଅନ୍ୟ ସମସ୍ତ ଛାତ୍ରଙ୍କ ଫଳ ପ୍ରକାଶ ପାଇଥିବାବେଳେ କେବଳ କିଛି ଛାତ୍ରଙ୍କ ପ୍ରତି ଏଭଳି ଆଚରଣ ସମ୍ବିଧାନର ଧାରା ୧୪ର ଉଲ୍ଲଙ୍ଘନ ବୋଲି ଅଦାଲତ କହିଛନ୍ତି। ଏଥିସହ ଏହି ରାୟ ପ୍ରକାଶ ପାଇବାର ଏକ ସପ୍ତାହ ମଧ୍ୟରେ ଛାତ୍ରଙ୍କ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ କରି ମାର୍କସିଟ୍ ଓ ସାର୍ଟିଫିକେଟ ପ୍ରଦାନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

# ୧ କୁଇଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ, ୩ ଗିରଫ

ନିରାକାରପୁର,(ସବ୍ୟୁ):ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗକୁ ଶୁକ୍ରବାର ଦିନ ଦୁଇଟି ପୃଥକ ଚଢ଼ାଉରେ ଏକ ବଡ଼ ସଫଳତା ମିଳିଛି । ଟାଙ୍ଗୀ ଏବଂ ଖୋର୍ଦ୍ଧା ଅବକାରୀ ରେଞ୍ଜ ପକ୍ଷରୁ କରାଯାଇଥିବା ଏହି କାର୍ଯ୍ୟାନୁଷ୍ଠାନରେ ପ୍ରାୟ ୧ କୋଟି ୨୨ ଲକ୍ଷ ଟଙ୍କାର ଗଞ୍ଜେଇ ସମେତ ଦୁଇଟି ଗାଡ଼ି ଜବତ କରାଯାଇଥିବା ବେଳେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ।ଟାଙ୍ଗୀ ଅବକାରୀ ରେଞ୍ଜ ଅଧୀନସ୍ଥ ଜଙ୍କିଆ ଥାନା ଅନ୍ତର୍ଗତ ଛଣଗିରି ରୋଡ ଫୁଟବଲ ପଡ଼ିଆ ସମ୍ମୁଖରେ ବିଭାଗ ପକ୍ଷରୁ ଏକ ବଡ଼ ଧରଣର ଚଢ଼ାଉ କରାଯାଇଥିଲା । ଏକ ଟାଟା ଏସି ମାଲବାହୀ ଗାଡ଼ିରେ ନୟାଗଡ଼ରୁ ଜଙ୍କିଆ ଆଡ଼କୁ ବିପୁଳ ପରିମାଣର ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଅବକାରୀ ଟିମ ଚଢ଼ାଉ କରିଥିଲେ । ଏହି ଗାଡ଼ିରୁ ୯୬୦ କିଲୋଗ୍ରାମ ଗଞ୍ଜେଇ, ଟାଟା ଏସି ଗାଡ଼ି ଏବଂ ଏକ ରେଡମି ସ୍ମାର୍ଟଫୋନ ଜବତ ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୧,୦୧,୦୦,୦୦୦ ଟଙ୍କା ଓ ଗିରଫ ହୋଇଥିବା ବ୍ୟକ୍ତି ହେଲେ କାଳୁ ଚରଣ ଦାସ (୪୫), ପିତା- ସୁବଳ ଦାସ, ଜଟଣୀ ଗଜପତି ନଗର ।ଏହି ଚଢ଼ାଉରେ ଟାଙ୍ଗୀ ରେଞ୍ଜ ପରିଦର୍ଶକ ଅଜିତ ପାତ୍ର, ଓଆଇସି ରମେଶ ଚନ୍ଦ୍ର ବାରିକ, ଏଏସଆଇ ରାମଚନ୍ଦ୍ର ଜେନା, ସମ୍ଭୁନାଥ ପାତ୍ର ଏବଂ କନଷ୍ଟେବଳ ଅଶେଷ ପ୍ରଧାନ, ମନୋଜ ଜୟସିଂହ ଓ ସସ୍ମିତା ସେଠୀ ସାମିଲ ଥିଲେ । ସେହିପରି ଅନ୍ୟ ଏକ ଘଟଣାରେ, ଆଜି ଭୋର ପ୍ରାୟ ୬ଟା ସମୟରେ ଖୋର୍ଦ୍ଧା ମଡେଲ ଥାନା ମେଡିକାଲ ଛକ ନିକଟରେ ଅବକାରୀ ବିଭାଗ ଏକ ସୁଜୁକି ନେକ୍ସା ଗ୍ରାଣ୍ଡ ଭିଟାରା (କ୍ୱଡ଼-୦୨-ଡM-୦୯୭୦) କାରକୁ ଅଟକାଇ ଯାଞ୍ଚ କରିଥିଲା ।

### ଓଡ଼ିଆ ପକ୍ଷ : ପିପିଲି ରାଜପଥରେ ଲୋକକଳାର ମହାକୁମ୍ଭ

# ଓଡ଼ିଆ ଅସ୍ମିତାର ମହାପର୍ବ ହେଉଛି ଓଡ଼ିଆ ପକ୍ଷ : ଆଇନ ମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏପ୍ରିଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ପାଳିତ ହେଉଛି ଓଡ଼ିଆ ପକ୍ଷ। ଆଜି ଓଡ଼ିଆ ପକ୍ଷ ପାଳନର ଦଶମ ଦିବସରେ ପୁରୀ ଜିଲ୍ଲାର ପିପିଲି ଠାରେ ରାଜ୍ୟ ସ୍ତରୀୟ "ଲୋକକଳା ପାଇଁ ଦିନଟିଏ" ଉତ୍ସବ ଆୟୋଜିତ ହୋଇଯାଇଛି। "ଲୋକକଳା ପାଇଁ ଦିନଟିଏ" ଉତ୍ସବରେ ରାଜ୍ୟର ପ୍ରାୟ ୮୦ରୁ ଉର୍ଦ୍ଧ୍ୱ ସାଂସ୍କୃତିକ ଦଳ ଅଂଶଗ୍ରହଣ କରିଥିଲେ। ୮୦୦ରୁ ଉର୍ଦ୍ଧ୍ୱ କଳାକାରମାନେ ପିପିଲିର ରାଜପଥରେ ଓଡ଼ିଶାର ସମୃଦ୍ଧ ଲୋକକଳାକୁ ପ୍ରଦର୍ଶିତ କରିଥିଲେ। ଏଥିସହ ଜବାହର ବିଦ୍ୟାପୀଠ ଠାରୁ ପଦାପଡ଼ିଆ ପର୍ଯ୍ୟନ୍ତ ଏକ ରାଲିରେ ନିଜର କଳା ଓ ନୃତ୍ୟକୁ ପ୍ରଦର୍ଶିତ କରିଥିଲେ।



ଭଦ୍ରକର ମୋଗଲ ତାମସା ଓ ଲଉଡ଼ି ନୃତ୍ୟ, ବାଲେଶ୍ୱରର ନୀଳଗିରି ଛଉ, ବରଗଡ଼ର ଦୁଲଦୁଲି, ରସରକେଲି, ବଜଶାଲ, ବୌଦ୍ଧର ଦଣ୍ଡନୃତ୍ୟ, ଶବର ଶବରୁଣୀ, ବଲାଙ୍ଗୀରର ବଜନିଆ, ନଚନିଆ, କଟକର ଗୋପାଳ ଲଉଡ଼ି, ପାଲା, ଗଞ୍ଜାମର ଯୋଡ଼ିଶଙ୍ଖ, ପଶୁମୁଖା, ବାଘନାଚ, ସଖୀ କଣ୍ଢେଇ, ରଣପା, ଗଜପତିର ଭାରତ ଲୀଳା, ପ୍ରହଲ୍ଲାଦ ନାଟକ, ଝାରସୁଗୁଡ଼ାର ଡ଼ାଲଖାଇ, ସମ୍ବଲପୁରୀ, କନ୍ଧମାଳର କୁଇନୃତ୍ୟ, ଖୋର୍ଦ୍ଧାର ଗୋଟିପୁଅ, ପାଲି ନୃତ୍ୟ, ପାଇକ ଆଖଡ଼ା, କଳାହାଣ୍ଡିର ଘୁମୁରା, କେଉଁଝରର ଚାଙ୍ଗୁନୃତ୍ୟ, ଝୁମର, କରମ୍, ନୟାଗଡ଼ର ଖଞ୍ଜଣି ନୃତ୍ୟ, ଘଣ୍ଟ ମୃଦଙ୍ଗ, କେନ୍ଦ୍ରାପଡ଼ା ରାମଲୀଳା, ପୁରୀର ଘୋଡ଼ାନାଚ, ବଡ଼ ଘୋଡ଼ାନାଚ, ବଗ ବଗୁଲି, ସଂକୀର୍ତ୍ତନ, ନବଦୁର୍ଗା ନୃତ୍ୟ ଆଦିକୁ ଖୁବ ସୁନ୍ଦର ଭାବେ କଳାକାରମାନେ ରାଜପଥରେ ପରିବେଷଣ କରିଥିଲେ।

ଆଜିର କାର୍ଯ୍ୟକ୍ରମର ରାଜ୍ୟ ସରକାରଙ୍କ ପୂର୍ତ୍ତ, ଅବକାରୀ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନିଜର ଅଭିଭାଷଣରେ ସେ କହିଥିଲେ ଯେ, "ଓଡ଼ିଆ ପକ୍ଷ ହେଉଛି ଓଡ଼ିଆ ଅସ୍ମିତାର ମହାପର୍ବ। ଆଜି ଓଡ଼ିଆ ପକ୍ଷ ପାଳନର ଦଶମ ଦିନଟି ଓଡ଼ିଶାର ଲୋକକଳା ପାଇଁ ସମର୍ପିତ। ସାରା ରାଜ୍ୟରେ ଓଡ଼ିଆ ପକ୍ଷକୁ ବହୁ ଆଡ଼ମ୍ବର ସହକାରେ ପାଳନ କରାଯାଉଛି। ଆମ ଲୋକକଳାର ବିକାଶ ସହ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଆମେ ଯେପରି ବିଶ୍ୱବିଦିତ କରିପାରିବା, ସେ ଦିଗରେ ଆମେ ମିଳିମିଶି କାର୍ଯ୍ୟ କରିବା ଉଚିତ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତପ୍ରକାଶ କରିଥିଲେ।

ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଏବଂ ପିପିଲି ବିଧାୟକ



ଆଶ୍ରିତ ପଟ୍ଟନାୟକ ଆଜିର କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶା ସମୃଦ୍ଧ ଲୋକକଳା ଉପରେ ଗୁରୁତ୍ୱାରୋପ କରିବା ସହ ଶ୍ରୀ ଜଗନ୍ନାଥ ସଂସ୍କୃତି ଓଡ଼ିଆମାନଙ୍କୁ ଆଜି ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି ବୋଲି ମତପ୍ରକାଶ କରିଥିଲେ। ଆଜି ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ମଧ୍ୟ "ଲୋକକଳା ପାଇଁ ଦିନଟିଏ" ଉତ୍ସବ ଅନୁଷ୍ଠିତ ହେବା ସହ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଜିର ରାଜ୍ୟ ସ୍ତରୀୟ ଲୋକକଳା ଉତ୍ସବରେ ପୁରୀ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସ୍ନେହା ଅରୁଗୁଲା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ସ୍ମିତା ମହାନ୍ତି, ଉପ ନିର୍ଦ୍ଦେଶକ ଶୁଚିସ୍ମିତା ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ମାଛ ବ୍ୟବସାୟୀଙ୍କ ଠାରୁ ଲୁଟ୍ ଅଭିଯୋଗ

ସୋର,(ସବ୍ୟୁ):ଶୁକ୍ରବାର ଭୋର ସମୟରେ ଅନନ୍ତପୁର ଥାନା ଅଧିନ ଘୁଷୁରା ପୋଲ ନିକଟରୁ ଜଣେ ମାଛ ବ୍ୟବସାୟୀଙ୍କ ଠାରୁ ଲୁଟ ହୋଇଛି । ଏନେଇ ଅନନ୍ତପୁର ଥାନାରେ ଅଭିଯୋଗ ହେବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି । ଅଭିଯୋଗ ଅନୁସାରେ ଆଜି ଭୋର ସମୟରେ ଖଣ୍ଡାସାହି ଗ୍ରାମର କୃତିବାସ ଧଡା ମାଛ ଆଣିବାକୁ ଚୁଡାମଣି ଅଭିମୁଖେ ନିଜ ବାଇକ ଯୋଗେ ଯାଉଥିଲେ । ଏହି ସମୟରେ ଅନନ୍ତପୁର ଥାନା ଅଧିନ ଘୁଷୁରା ପୋଲ ନିକଟରେ ଦୁଇଜଣ ଯୁବକ ଏକ ବାଇକରେ ଆସି ତାଙ୍କୁ ମାଡ ମାରିବା ସହିତ ମାରଣାସ୍ତ୍ର ଦେଖାଇ ତାଙ୍କ ନିକଟରେ ଥିବା ୨୪ ହଜାର ଟଙ୍କା ଲୁଟ କରି ଚମ୍ପଟ ମାରିଥିଲେ ।

# ପ୍ଲାଏ ଗୋଦାମରୁ ଚୋରି ଉଦ୍ୟମ

କଟକ,(ସବ୍ୟୁ): ଏକ ପ୍ଲାଏ ଗୋଦାମରୁ ଚୋରି ଉଦ୍ୟମ ହୋଇଛି । ଏନେଇ ଗୋଦାମ ମାଲିକ ଫ୍ରେଣ୍ଡସ କଲୋନୀରେ ଶ୍ୱେତ କୁମାର ଜେନା ପୁରୀଘାଟ ଥାନାରେ ଅଭିଯୋଗ କରିଛନ୍ତି । ଫ୍ରେଣ୍ଡସ କଲୋନୀ ସ୍ଥିତ ଏକ ହସ୍ପିଟାଲ ନିକଟରେ ତାଙ୍କର ଏକ ପ୍ଲାଏଉଡ ଗୋଦାମ ରହିଛି । ସବୁଦିନ ଭଳି ଗୁରୁବାର ରାତିରେ ସେ ଗୋଦାମ ବନ୍ଦ କରି ଘରକୁ ଫେରିଥିଲେ ।ଶୁକ୍ରବାର ସକାଳେ ଗୋଦାମ ଖୋଲିବା ପାଇଁ ଜଣେ କର୍ମଚାରୀ ତାଙ୍କ ଘରକୁ ଆସି ଚାବି ନେଇଥିଲେ । ତେବେ କର୍ମଚାରୀ ଜଣକ ଗୋଦାମରେ ପହଞ୍ଚି ଦେଖିଲେଯେ, ଗୋଦାମ ସର୍ଟରରେ ନୂଆ ତାଲା ଲାଗିଛି । ଭଙ୍ଗାଯାଇଥିବା ପୁରୁଣା ତାଲାର ଅଂଶବିଶେଷ ପାଖରେ ପଡିଛି । ଏହି ସୂଚନା ପାଇ ଶ୍ୱେତ ତୁରନ୍ତ ଗୋଦାମରେ ପହଞ୍ଚିଥିଲେ । ଗୋଦାମରେ ପ୍ରାୟ ୫ ଲକ୍ଷ ଟଙ୍କାର ସାମଗ୍ରୀ ସହିତ ନଗଦ ୫୦ ହଜାର ଟଙ୍କା ରହିଥିଲା । କେହି ଦୁର୍ବୃତ୍ତ ଚୋରି ଉଦ୍ଦେଶ୍ୟରେ ତାଲା ଭାଙ୍ଗିଥିବା ସନ୍ଦେହ କରି ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି ।

# ୧୨ ଏବଂ ୧୩ ରେ ମୋ ଭାରତ ବଜେଟ୍ କ୍ୱେଷ୍ଟ ମହାସମାବେଶ ଭୁବନେଶ୍ୱରରେ

ଭୁବନେଶ୍ୱର, (ସବ୍ୟୁ): ଭାରତ ସରକାରଙ୍କ ଯୁବ ଏବଂ କ୍ରୀଡା ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ମୋ ଭାରତ, ଭୁବନେଶ୍ୱର ଏପ୍ରିଲ ୧୨-୧୩, ୨୦୨୬ରେ ସ୍ଥାନୀୟ ଶିକ୍ଷା 'ଓ' ଭାରତ ର ଅଧିକାରୀ ଏ.ଏସ. କବିର, ପ୍ରଶନ୍ନମେହେର, ରୋହିତ ନନ୍ଦଲେଶ୍ୱର ପ୍ରମୁଖ । ଯେଉଁମାନେ ଏକ କଠୋର ବହୁ-ସ୍ତରୀୟ ଜାତୀୟ ପ୍ରତିଯୋଗିତା ମାଧ୍ୟମରେ ଅଗ୍ରଗତି କରିଛନ୍ତି । ମୋ ଭାରତର ଅଧିକାରୀମାନେ ଜୋର ଆଓ୍ୱାଜ୍ ବିଷୟବସ୍ତୁ ଉପରେ ଏକ ମହିଳା ଯୁବ ସଂସଦର ସଂଗଠନ, ବିଶେଷଜ୍ଞ ପ୍ୟାନେଲ୍ ଆଲୋଚନା ଏବଂ ପାରସ୍ପରିକ ଅଧିବେଶନ ଅନ୍ତର୍ଭୁକ୍ତ ଥିଲା । ଯେଉଁଠାରେ ଅଂଶଗ୍ରହଣକାରୀମାନେ ଗୁରୁତ୍ୱପୂର୍ଣ୍ଣ




ଅନୁସନ୍ଧାନ ବିଶ୍ୱବିଦ୍ୟାଳୟରେ ମୋ ଭାରତ ବଜେଟ୍ କେ୍ୱଷ୍ଟ ୨୦୨୬ର ମହାସମାବେଶ ଆୟୋଜନ କରିବ । ଗୁରୁବାର ସିଓ୍ୱାଇଏସଡ଼ି ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମ୍ବୋଧିତ କରି, ମୋ ଭାରତର ଅଧିକାରୀମାନେ ଆଲୋକପାତ କରିଥିଲେ ଯେ ମୋ ଭାରତ ବଜେଟ୍ କେ୍ୱଷ୍ଟ ୨୦୨୬ର ମହାସମାବେଶରେ ଓଡ଼ିଶା ଏବଂ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜର ମନୋନୀତ ଯୁବକ ଯୁବତୀମାନେ ଅଂଶଗ୍ରହଣ କରିବେ । କର୍ମଶାଳାକୁ ସମ୍ବୋଧିତ କରିଥିଲେ ମୋ ଦେଇଛନ୍ତି ଯେ ଏହି ପ୍ରୟାସ କେନ୍ଦ୍ରୀୟ ବଜେଟ୍ ୨୦୨୬କୁ ଯୁବ ନାଗରିକଙ୍କ ଆକାଂକ୍ଷା ସହିତ ସଂଯୋଗ କରୁଥିବା ଏକ ପରିବର୍ତ୍ତନକାରୀ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରେ । ଏହି କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀ ଶାସନର ଦୃଷ୍ଟିକୋଣକୁ ପ୍ରତିଫଳିତ କରେ ଏବଂ ଯୁବପିଢ଼ିଙ୍କୁ ନୀତି ଆଲୋଚନାର କେନ୍ଦ୍ରରେ ରଖିବାର ଲକ୍ଷ୍ୟ ରଖିଛି, ଯାହା ବିକଶିତ୍ ଭାରତ ୨୦୪୭ ର ବ୍ୟାପକ ଲକ୍ଷ୍ୟ ସହିତ ସମନ୍ୱୀତ ।

ଅଂଶୀଦାର କରାଯାଇଥିବା ପ୍ରମୁଖ ବିଷୟବସ୍ତୁ ଗୁଡ଼ିକ ମଧ୍ୟରେ ନାରୀ ଶକ୍ତି: ବିକଶିତ୍ ଭାରତ କି ବିକାଶ ବିଷୟବସ୍ତୁ ଉପରେ ଆଲୋଚନା କରିବେ । କାର୍ଯ୍ୟକ୍ରମରେ ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରୁଥିବା 'ସାଇକେଲ୍ ଉପରେ ରବିବାର' ପଦକ୍ଷେପ ଭଳି ସାମୁହିକ ସମ୍ପୃକ୍ତି କାର୍ଯ୍ୟକଳାପ ମଧ୍ୟ ପ୍ରଦର୍ଶିତ ହେବ । ଅଧିକାରୀମାନେ ଏହା ମଧ୍ୟ ପୁନର୍ବାର କହିଛନ୍ତି ଯେ ଭାରତ ବଜେଟ୍ କେ୍ୱଷ୍ଟରେ ଦେଶବ୍ୟାପୀ ୧୨ ଲକ୍ଷରୁ ଅଧିକ ଯୁବକ ଅଂଶଗ୍ରହଣ କରିଛନ୍ତି, ଯାହା ଏହାକୁ ଦେଶର ସର୍ବବୃହତ ଯୁବ ନୀତି ସମ୍ପୃକ୍ତି ଅଭ୍ୟାସ ମଧ୍ୟରୁ ଗୋଟିଏ ବୋଲି ଅବିହିତ କରାଯାଉଛି ।

## ୨ ଟ୍ରାକ୍ଟର ସହ ମେସିନ ଓ ୪୦୭ ଜବତ

ପାଣିକୋଇଲି, (ସବ୍ୟୁ) : ପାଣିକୋଇଲି ଅଂଚଳରେ ମାଟି ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ରାଜସ୍ୱ ବିଭାଗ ନିକଟରେ ଅଭିଯୋଗ ହେଲେ ଖଣି ବିଭାଗର କାମ କହି ଚୁପ ହୋଇ ବସିରହୁଛି। ଖଣି ବିଭାଗ କାର୍ଯ୍ୟାଳୟ ଯାଜପୁରରେ ଥିବାରୁ ଅଭିଯୋଗ କରିବା କଷ୍ଟକର ହେଉଛି। ପୁଲିସ ମଧ୍ୟ ଚଢଉ ନକରି ନୀରବ ଦ୍ରଷ୍ଟା ସାଜିଛି। ରାତିଅଧିଆ ମାଟି ଚୋରି ନେଇ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇ ଆସୁଛି। ସରକାରୀ ଜମି, ବେସରକାରୀ ଜମି, ନାଳ, ଅନାବାଦୀ, ଗୋଚର, ପତିତ ସବୁଠି ମାଟି ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡିଛି। ପ୍ରତିଦିନ ବିଭିନ୍ନ ସ୍ଥାନ ପରିବର୍ତ୍ତନ କରି ମାଟି ଚୋରି ହେଉଛି।

## ଓଡ଼ିଶା ରାଜ୍ୟପାଳଙ୍କ ସହ ଶିଷ୍ଟାଚାର ଭେଟ

# କ୍ରିକେଟ୍ ପ୍ରୋତ୍ସାହନ ଓ ମିଡିଆ ସମସ୍ୟା ଉପରେ ଆଲୋଚନା

ଭୁବନେଶ୍ୱର, (ସବ୍ୟୁ): ପ୍ରୋଫେସର ଡ଼ଃ ରବି ଚତୁର୍ବେଦୀ, ଭାରତର ପ୍ରଥମ ହିନ୍ଦୀ କ୍ରିକେଟ୍ କମେଣ୍ଟେଟର ଓ ନୂଆଦିଲ୍ଲୀର ଜଣେ ପ୍ରସିଦ୍ଧ ଶିକ୍ଷାବିଦ୍ ଙ୍କ ସହିତ ଡ଼ଃ ପବିତ୍ର ମୋହନ ସାମନ୍ତରାୟ ମିଶି ଡ଼ଃ ହରିବାବୁ କମ୍ଭମପାଟି, ମାନ୍ୟବର ଓଡ଼ିଶା ରାଜ୍ୟପାଳଙ୍କୁ ରାଜଭବନରେ ଶିଷ୍ଟାଚାର ଭେଟ କରିଥିଲେ। ଏହି ଅବସରରେ ଡ଼ଃ ଚତୁର୍ବେଦୀ ମାନ୍ୟବର ରାଜ୍ୟପାଳଙ୍କୁ ଦେଶୀୟ ଓ ଆନ୍ତର୍ଜାତୀୟ କ୍ରିକେଟ୍‌ର ବର୍ତ୍ତମାନ ସ୍ଥିତି ବିଷୟରେ ଅବଗତ କରାଇଥିଲେ ଓ ମୂଳସ୍ତରରେ କ୍ରିକେଟ୍‌କୁ ପ୍ରୋତ୍ସାହନ ଦେବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ସେ ଗ୍ରାମୀଣ ଅଞ୍ଚଳରୁ ଯୁବ ପ୍ରତିଭାଙ୍କୁ ଚିହ୍ନଟ, ପ୍ରଶିକ୍ଷଣ ଓ ସଠିକ ଭାବେ ଗଢ଼ି ତୋଳିବାର



ଗୁରୁତ୍ୱକୁ ଉଲ୍ଲେଖ କରିଥିଲେ, ଯାହା ଭାରତର କ୍ରିକେଟ୍‌ର ଭବିଷ୍ୟତକୁ ଆହୁରି ସଶକ୍ତ କରିବ।

ଏପରିକି ଡ଼ଃ ସାମନ୍ତରାୟ ଓଡ଼ିଶା ସହିତ ସମଗ୍ର ଦେଶର ସାମ୍ବାଦିକମାନଙ୍କ ସମ୍ପର୍କିତ ମୁଖ୍ୟ ସମସ୍ୟାଗୁଡ଼ିକୁ ଉଠାଇଥିଲେ। ସେ ମିଡିଆ ପେଶାଜୀବୀମାନଙ୍କ ସମ୍ମୁଖୀନ ଚ୍ୟାଲେଞ୍ଜଗୁଡ଼ିକୁ ଆଲୋକପାତ କରି ସାମ୍ବାଦିକମାନଙ୍କ କଲ୍ୟାଣ, ସୁରକ୍ଷା ଓ ସ୍ୱାଧୀନତା ନିଶ୍ଚିତ କରିବାପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ରାଜ୍ୟପାଳ ଏହି ଆଲୋଚନାରେ ଉପସ୍ଥାପିତ ପ୍ରସ୍ତାବ ଓ ପଦକ୍ଷେପମାନଙ୍କୁ ପ୍ରଶଂସା କରିଥିଲେ ଓ ଦେଶ ଗଢ଼ିବାରେ କ୍ରୀଡ଼ା ଓ ମିଡିଆର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରିଥିଲେ। ଏହି ଶିଷ୍ଟାଚାର ଭେଟ କ୍ରୀଡ଼ା ସଂସ୍କୃତିକୁ ପ୍ରୋତ୍ସାହନ ଓ ଦେଶରେ ମିଡିଆ ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ଏକ ସାର୍ଥକ ଆଲୋଚନାର ରୂପେ ସମାପ୍ତ ହୋଇଥିଲା।

# ଓଡ଼ିଶା ସଚିବାଳୟ ଲେଖକ ପରିଷଦର ସାରସ୍ୱତ ଆସର

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଶା ସଚିବାଳୟ ଲେଖକ ପରିଷଦର ସାରସ୍ୱତ ଆସର ଲୋକସେବା ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ସାହିତ୍ୟ ସଭାରେ ସଭାପତିତ୍ୱ କରିଥିଲେ ନାଟ୍ୟକାର ,ନିର୍ଦ୍ଦେଶକ ପୀୟୂଷ ରଞ୍ଜନ ପରିଡ଼ା । ସଂଯୋଜନା କରିଥିଲେ ବିଜନବାଳା ପାଟଯୋଷି । ରଶ୍ମିତା ମହାନ୍ତ ,କାହ୍ନୁ ଚରଣ ଦାସ, ପୁଷ୍ପାଞ୍ଜଳି ବିଶୋୟୀ, ତ୍ରିଲୋଚନ ପ୍ରଧାନ ,ପୀୟୂଷ ରଞ୍ଜନ ପରିଡା,ସଞ୍ଜୟ ଆନନ୍ଦ କୁମାର ତ୍ରିପାଠୀ , ବିଜନବାଳା ପାଟଯୋଷି



ଓ ଜନ୍ମେଜୟ ପ୍ରଜାପତି ସ୍ୱରଚିତ କବିତା ପାଠ କରିଥିଲେ । ପରିଷଦର ବାର୍ଷିକ ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ସଭା ଆସନ୍ତା ମାସରେ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ରଶ୍ମିତା ମହାନ୍ତ । ପରିଷଦରୟୁ ଟ୍ୟୁବ ପତ୍ରିକାର ପ୍ରଚାର ପ୍ରସାର ପାଇଁ ସମସ୍ତେ ଯନିବାନ ହେବାକୁ ସାଧାରଣ ସମ୍ପାଦକ ଅନୁରୋଧ କରିଥିଲେ ।

## ବିଶ୍ୱବିଦ୍ୟାଳୟ ଶିକ୍ଷକ ମରୁଡ଼ି, ସମାଧାନ କେବେ?

ଭୁବନେଶ୍ୱର, (ତଥ୍ୟ): ଉଚ୍ଚଶିକ୍ଷା ବିଭାଗ ନିୟନ୍ତ୍ରଣରେ ଥିବା ୧୪ଟି ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତ ହେବା ପରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଖାଲି ପଡିଥିବା ଶିକ୍ଷକ, ଅଣଶିକ୍ଷକ ଓ ପ୍ରଶାସକ ପଦବୀ ପୂରଣ ପାଇଁ ଆଶା ଉଜ୍ଜ୍ୱଳ ହୋଇଛି। ତେବେ ଆସନ୍ତା ଶିକ୍ଷାବର୍ଷ ଆରମ୍ଭ ପୂର୍ବରୁ ଯୁଦ୍ଧକାଳୀନ ଭିତ୍ତିରେ ଏହି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଖାଲି ପଡିଥିବା ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ବିଭିନ୍ନ ଛାତ୍ର ଓ ଶିକ୍ଷକ ସଂଗଠନ ମତବ୍ୟକ୍ତ କରୁଛନ୍ତି। ଉଚ୍ଚଶିକ୍ଷା ବିଭାଗ ନିୟନ୍ତ୍ରଣରେ ଥିବା ୧୭ଟି ବିଶ୍ୱବିଦ୍ୟାଳୟରେ ୬୮ ପ୍ରତିଶତରୁ ଅଧିକ ଶିକ୍ଷକ ପଦବୀ ଖାଲି ରହିବା ଫଳରେ ଗବେଷଣା, ଶିକ୍ଷାଦାନ, ପରୀକ୍ଷା ପରିଚାଳନା ଓ ପ୍ରଶାସନିକ କାର୍ଯ୍ୟରେ ଅବ୍ୟବସ୍ଥା ପରିଲକ୍ଷିତ ହେଉଛି। ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ୨୯୯ଟି ମଞ୍ଜୁରୀପ୍ରାପ୍ତ ପ୍ରଫେସର ପଦବୀ ଥିବାବେଳେ ସେଥିରୁ ୨୬୧ଟି ଖାଲି। ବସ୍ତୁତଃ ଉତ୍କଳ, ରେଭେନ୍ସା, ସମ୍ବଲପୁର, ବ୍ରହ୍ମପୁର, ରମାଦେବୀ ସମେତ ଅନେକ ବିଶ୍ୱବିଦ୍ୟାଳୟର ବହୁ ବିଭାଗରେ ପ୍ରଫେସର ନାହାନ୍ତି।

ସେହିଭଳି ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ ଲାଗି ୫୯୩ଟି ମଞ୍ଜୁରୀପ୍ରାପ୍ତ ସହଯୋଗୀ ପ୍ରଫେସର ପଦବୀ ଥିବାବେଳେ ସେଥିରୁ ବି ୪୫୮ଟି ଖାଲି। ଏଗୁଡ଼ିକ ଲାଗି ୧୧୯୪ଟି ସହକାରୀ ପ୍ରଫେସର ପଦବୀ ରହିଥିବାବେଳେ ସେଥିରୁ ବି ୭୦୮ଟି ଖାଲି ପଡିଛି। ମୋଟାମୋଟି ଭାବେ ସରକାରୀ ହିସାବ ମୁତାବକ କେବଳ ଉଚ୍ଚଶିକ୍ଷା ବିଭାଗର ଏହି ୧୭ଟି ବିଶ୍ୱବିଦ୍ୟାଳୟ ପାଇଁ ୨୦୮୬ଟି ମଞ୍ଜୁରୀପ୍ରାପ୍ତ ଶିକ୍ଷକ ପଦବୀ ଥିବାବେଳେ ସେଥିରୁ ୧୪୨୭ଟି ଖାଲି ପଡିଛି। ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ୩୦୮୨ଟି ମଞ୍ଜୁରୀପ୍ରାପ୍ତ ଅଣଶିକ୍ଷକ ପଦବୀ ଥିବାବେଳେ ସେଥିରୁ ବି ୨୩୨୫ଟି ଖାଲି। ଏ ପରିପ୍ରେକ୍ଷୀରେ ପ୍ରଶାସନିକ, ପରୀକ୍ଷା ପରିଚାଳନା ଓ ପାଠପଢ଼ା କାମ କିଭଳି ଚାଲୁଥିବ ତାହା ସହଜରେ ଅନୁମେୟ। ମୋଟାମୋଟି ଭାବେ ଏହି ବିଶ୍ୱବିଦ୍ୟାଳୟଗୁଡ଼ିକରେ ୭୫ ପ୍ରତିଶତରୁ ଅଧିକ ଅଣଶିକ୍ଷକ ପଦବୀ ଖାଲି ପଡିଥିବା ସରକାରୀ ତଥ୍ୟରୁ ଜଣାପଡିଛି।

# ଶିଶୁ ସୁରକ୍ଷା ଉପରେ କ୍ରାଏ ପକ୍ଷରୁ ଏକ ଦିବସୀୟ ମିଡ଼ିଆ କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ): ସ୍ଥାନୀୟ ସିଓ୍ୱାଇଏସଡ଼ି ପରିସରରେ କ୍ରାଏ (cry) ପକ୍ଷରୁ ଏକ ଦିବସୀୟ ମିଡ଼ିଆ କର୍ମଶାଳା ଅନୁଷ୍ଠିତ ହୋଇଥିଲା । କ୍ରାଏ ଓଡ଼ିଶା ମୁଖ୍ୟ ବରିଷ୍ଠ ସାମ୍ବାଦିକା ରାକ୍ଷୀ ଘୋଷଙ୍କ ଅବାହକତ୍ୱରେ ଆୟୋଜିତ ଶିଶୁ ସୁରକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମରେ ସ୍ୱାଧୀନତାର ୭ ଦଶନ୍ଧୀ ପରେ ମଧ୍ୟ ଭୋଗୁଥିବା କଷ୍ଟ, ଯନ୍ତ୍ରଣା ଓ ଅଧିକାରର ହନନ ଉପରେ ଆଲୋକପାତ ହୋଇଥିଲା । ରାକ୍ଷୀ ଘୋଷ ପାଓ୍ୱାର ପଏଣ୍ଟ ଉପସ୍ଥାପନା ମାଧ୍ୟମରେ ରାଜ୍ୟରେ ଶିଶୁ ମାନଙ୍କର ସ୍ଥିତି, ସମସ୍ୟା ଓ ସେମାନଙ୍କ ପାଇଁ କଣ ସବୁ କରାଯାଇପାରିବ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ଏହି




କ୍ରାଏ ( cry) ବରିଷ୍ଠ ଅଧିକାରୀ ଅଭିକ୍ ଭଟ୍ଟାଚାର୍ଯ୍ୟ ଓ ଶୁଭେନ୍ଦୁ ଭଟ୍ଟାଚାର୍ଯ୍ୟ ଦେଶ ଓ ବିଶ୍ୱରେ ଶିଶୁ ମାନଙ୍କର ସ୍ଥିତି ଉପରେ ତଥ୍ୟ ଉପସ୍ଥାପନ କରି ସାମ୍ବାଦିକ ମାନେ ସ୍ୱର୍ଶକାତର ବିଷୟ ଗୁଡ଼ିକ ସାମ୍ବାଦିକ ମାନେ କିପରି ଭାବେ ଖବର କରିପାରିବେ ଓ କରିବା ଉଚିତ ସେସମ୍ପର୍କରେ ମତ ରଖିଥିଲେ । ଏ ଦିଗରେ ଅଧିକ ସମ୍ବେଦନଶୀଳ ହେବାକୁ ପରାମର୍ଶ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପିକା ଅମ୍ରିତା କୁଣ୍ଡୁ, ବରିଷ୍ଠ ସାମ୍ବାଦିକ ସତ୍ୟ ସୁନ୍ଦର ଭଞ୍ଜ, ପତିପ୍ରଜ୍ଞା ଚୌଧୁରୀସସ୍ମିତା ସାହୁଓ ଏଠଶର୍ଯ୍ୟା ପରିଜା ପ୍ରମୁଖ ଆଲୋଚନାରେ ଅଠା ଗ୍ରହଣ କରିଥିଲେ । ୨୦ରୁ ଉର୍ଦ୍ଧ ସାମ୍ବାଦିକ ଓ ସାମ୍ବାଦିକ ଅନୁଷ୍ଠାନରେ ଶିକ୍ଷାଗ୍ରହଣ କରୁଥିବା ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ୧୯୮୮ରୁ ୧୯୯୪ ମସିହାରୁ ମିଳିନି ପ୍ରାପ୍ୟ

# ଅଦାଲତ ଆଦେଶ କାର୍ଯ୍ୟକାରୀ ନ କଲେ ୧ଲକ୍ଷ ଡଣ୍ଡ ଗଣିବେ ଗଣଶିକ୍ଷା ସଚିବ

କଟକ, (ସବ୍ୟୁ): ୧୯୮୮ରୁ ୧୯୯୪ ମସିହାର ବକେୟା ପ୍ରାପ୍ୟ ପ୍ରଦାନ ଲାଗି ରାଜ୍ୟ ଶିକ୍ଷା ଟ୍ରିବ୍ୟୁନାଲ ଗଣଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ସେବେଠାରୁ ରାଜ୍ୟ ସରକାର ଏହି ଆଦେଶକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ହାଇକୋର୍ଟରୁ ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ ଯାଇଛନ୍ତି । ଉଭୟ ଅଦାଲତ ଆବେଦନକାରୀଙ୍କ ସପକ୍ଷରେ ତଥା ଟ୍ରିବ୍ୟୁନାଲଙ୍କ ଆଦେଶକୁ କର୍ଯ୍ୟକାରୀ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଏହାସତ୍ତ୍ୱେ ରାଜ୍ୟ ଗଣଶିକ୍ଷା ବିଭାଗ ଏହି ଆଦେଶକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ବିଭିନ୍ନ ଆଳରେ ଗଡାଇ ଆସୁଥିଲା। ଏନେଇ ରୁଜୁ ମାମଲାରେ ହାଇକୋର୍ଟ ଗଣଶିକ୍ଷା ସଚିବଙ୍କୁ ୨୦୧୫ ମସିହାର ଟ୍ରିବ୍ୟୁନାଲଙ୍କ ଆଦେଶକୁ କାର୍ଯ୍ୟକାରୀ କରିବା ଲାଗି ୪ସପ୍ତାହ ସମୟ ଦେଇଛନ୍ତି । ଚାରି ସପ୍ତାହ ପରେ ଗୋଟେ ସପ୍ତାହ ମଧ୍ୟରେ ଆଦେଶ କାର୍ଯ୍ୟକାରୀ ସଂକ୍ରାନ୍ତ ସତ୍ୟପାଠ ଅଦାଲତରେ ଦାଖଲ କରିବେ ।

ଯଦି ଏହି ଧାର୍ଯ୍ୟ ସମୟ ମଧ୍ୟରେ ଟ୍ରିବ୍ୟୁନାଲଙ୍କ ଆଦେଶ କାର୍ଯ୍ୟକାରୀ ନହୁଏ ତାହେଲେ ଗଣଶିକ୍ଷା ସଚିବଙ୍କୁ ୧ଲକ୍ଷ ଟଙ୍କାର ଡଣ୍ଡ ଗଣିବାକୁ ପଡ଼ିବ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ଚକ୍ରଧର ମହାକୁଡ଼ ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ କେ.ଏସ୍. ଦୀକ୍ଷିତ ଏହି ଆଦେଶ ଦେଇଛନ୍ତି। ଏଥିସହ ଅବମାନନାକାରୀଙ୍କ ବିରୋଧରେ ପ୍ରୋସିଡିଂ କରାଯିବ ବୋଲି ହାଇକୋର୍ଟ କହିଛନ୍ତି।

ଆବେଦନକାରୀମାନେ ବାଲେଶ୍ୱର ଜିଲ୍ଲା ଭିଲ୍ଲା ବିଦ୍ୟାଳୟର ଶିକ୍ଷକ ଏବଂ ଅଣଶିକ୍ଷକ ଅଟନ୍ତି। ୧୯୮୮ମସିହାରୁ ୧୯୯୪ ମସିହା ଭିତରେ ସେମାନଙ୍କୁ ସେମାନଙ୍କ ବକେୟା ପ୍ରାପ୍ୟ ଦିଆଯାଇନଥିଲା। ଏନେଇ ପ୍ରଥମେ ଆବେଦନକାରୀମାନେ ଏଇଟି( ରାଜ୍ୟ ଶିକ୍ଷା ଟ୍ରିବ୍ୟୁନାଲ) ରେ ମାମଲା ରୁଜୁ କରିଥିଲେ । ଏସ୍‌ଇଟି ୨୦୧୫ରେ ରାୟ ପ୍ରକାଶ କରି ଆବେଦନକାରୀଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଆଦେଶ ବିରୋଧରେ ଗଣଶିକ୍ଷା ବିଭାଗ ହାଇକୋର୍ଟକୁ ଆସିଥିଲା । ହାଇକୋର୍ଟରୁ ମଧ୍ୟ ଗଣଶିକ୍ଷା ବିଭାଗକୁ ନିରାଶ ହେବାକୁ ପଡ଼ିଲା । ପୁନର୍ବାର ରିଭ୍ୟୁ ପିଟିସନ୍ ମଧ୍ଧ ଖାରଜ ହେଲା। ଏହି ଆଦେଶ ବିରୋଧରେ ରାଜ୍ୟ ସରକାର ସୁପ୍ରିମ୍‌କୋର୍ଟକୁ ଯାଇଥିଲେ । ସୁପ୍ରିମ୍‌କୋର୍ଟ ଗତ ଜାନୁଆରୀରେ ଗଣଶିକ୍ଷା ବିଭାଗର ପିଟିସନ୍‌କୁ ଖାରଜ କରି ଦେଇଥିଲେ। ସୁପ୍ରିମ୍‌କୋର୍ଟରୁ ଝଟ୍‌କା ପାଇଲା ପରେ ବି ଆବେଦନକାରୀଙ୍କୁ ସେମାନଙ୍କ ପ୍ରାପ୍ୟ ନମିଳିବାରୁ ପୁନର୍ବାର ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ମାମଲାର ଶୁଣାଣି କରି ଏହି ଆଦେଶ ଦେଇଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୁଶାନ୍ତ କୁମାର ମିଶ୍ର ଏହି ମାମଲା ପରିଚାଳନା କରୁଥିଲେ ।

## ଉପନିବନ୍ଧକ କାର୍ଯ୍ୟାଳୟରୁ ଚୋରି ଜିନିଷ ଉଦ୍ଧାର: ଜଣେ ଗିରଫ

କଣାସ, (ସବ୍ୟୁ): ପୁରୀ ଜିଲ୍ଲା କଣାସ ଉପନିବନ୍ଧକ କାର୍ଯ୍ୟାଳୟରୁ ଗତ ବୁଧବାର ବିଳମ୍ବିତ ରାତିରେ କବାଟ ଭାଙ୍ଗି ଦୁର୍ବୃତ୍ତମାନେ ବ୍ୟାଟେରୀ, ଇନଭଟର,ୟୁପିଏସ, ଷ୍ଟାବଲାଇଜର ଚୋରି କରିଥିବା ଗୁରୁବାର ଦିନ ୧୦ ଟାରେ ଜାଣିବା ପରେ ଉପନିବନ୍ଧକ ଅଧିକାରୀ ଉପେନ୍ଦ୍ର କୁମାର ସେଠୀ କଣାସ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।ଅଭିଯୋଗକୁ ଭିତ୍ତିକରି କଣାସ ଥାନା ପକ୍ଷରୁ ୯୦/୨୦୨୬ ରେ ଏକ ମାମଲା ରୁଜୁ କରାଯାଇଥିଲା । କଣାସ ଥାନା ତଦନ୍ତ ଅନୁଯାୟୀ ଉପନିବନ୍ଧକ କାର୍ଯ୍ୟାଳୟରେ ଲାଗିଥିବା ସିସି କ୍ୟାମେରାରୁ ଜଣାପଡ଼ିଲାଜେ ଦୁର୍ବୃତ୍ତ ଜଣକ କଣାସ ଥାନା ସହନା ଗ୍ରାମର ସଂଗ୍ରାମ କେଶରୀ ବରାଳ ।ଅଭିଯୁକ୍ତକୁ କଣାସ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ତା ସାଙ୍ଗରେ ଆଉ କେହି ଅଭିଯୁକ୍ତ ଅଛିକି ନାହିଁ ବୋଲି ତଦନ୍ତ ଚାଲିଥିବା ଥାନା ଅଧିକାରୀ ଶୁଭେନ୍ଦୁ ଭୂଷଣ ମହାନ୍ତି ସୂଚନା ଦେଇଛନ୍ତି ।

# ଜନଗଣନାରୁ ଜନକଲ୍ୟାଣ ରଥର ଶୁଭାରମ୍ଭ

ଖୋର୍ଦ୍ଧା, (ସବ୍ୟୁ): ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଜନଗଣନାରୁ ଜନକଲ୍ୟାଣ ରଥର ଶୁଭାରମ୍ଭ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପ୍ରତାପ ଚନ୍ଦ୍ର ବେଉରା ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଉକ୍ତ ସଚେତନତା ରଥ ଜିଲ୍ଲାରେ ଆଜିଠାରୁ ଆସନ୍ତା ଏକମାସ ପର୍ଯ୍ୟନ୍ତ ସମସ୍ତ ବ୍ଲକରେ ବୁଲି ଜନସାଧାରଣ ମାନଙ୍କୁ ସଚେତନ କରିବ ଜନଗଣନା ବିଷୟରେ ଏବଂ ସ୍ୱ ଗଣନା କିପରି କରିବେ ସେ ସମ୍ବନ୍ଧରେ ରଥ ଡ଼ାକବାଜି ଯନ୍ତ୍ର ଓ ଲିଖିତ ଭାବେ ସଚେତନତା କରିବ। ଏହି କାର୍ଯ୍ୟକ୍ରମରେ ଗୃହ ଗଣନା ୧୬ ଅପ୍ରିଲ୍ ୨୦୨୬ ରୁ ୧୫ ମଇ ୨୦୨୬, ଦେଶର ପ୍ରଥମ ଡିଜିଟାଲ ସ୍ୱ ଗଣନାରେ ୧ ଅପ୍ରେଲ ୨୦୨୬ ରୁ ୧୫ ଅପ୍ରେଲ ୨୦୨୬ ମଧ୍ୟ ରାତ୍ର ପର୍ଯ୍ୟନ୍ତ ଅନଲାଇନ୍ ରେ ନିଜେ ନିଜର ତଥ୍ୟ ପ୍ରଦାନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିପରି ସଠିକ୍ ଏବଂ



ନିରପେକ୍ଷ ତଥ୍ୟ ପ୍ରଦାନ କରନ୍ତୁ, ସମୃଦ୍ଧ ରାଜ୍ୟ ତଥା ଦେଶ ଗଠନରେ ସାମିଲ ହୁଅନ୍ତୁ,ବୋଲି ପରାମର୍ଶ ଦିଆଯାଇଛି। ଆଜିର ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ଜନଗଣନା ଅଧିକାରୀ ବିଜୟ କୁମାର ସେଠୀ, ଡେପୁଟୀ କଲେକ୍ଟର ଅନନ୍ୟା ସୃଷ୍ଟି ଶତପଥୀ, ନିବେଦିତା ପରିଡ଼ା, ସାରା ମଲ୍ଲିକ,ରଞ୍ଜନ କୁମାର ଜେନା, ସ୍ୱିଟି ସୋରେନ, ଆର୍ତ୍ତତ୍ରାଣ ମଲ୍ଲିକ,ଆସିଷ୍ଟାଂଟ କଲେକ୍ଟର ରିଷବ୍ ତ୍ରିପାଠୀ, ଇପ୍ସିତା ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ଅଧିକାରୀ ଓ କର୍ମଚାରୀ ବୃନ୍ଦ ଯୋଗଦେଇଥିଲେ।

# ବିଜୁ ବାବୁଙ୍କ ୨୯ତମ ତିରୋଧାନ ଦିବସ ରାଜ୍ୟବ୍ୟାପୀ ପାଳିତ ହେବ: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ପ୍ରତିବର୍ଷ ପରି ବିଜୁ ଜନତା ଦଳ ତରଫରୁ ରାଜ୍ୟର ସମସ୍ତ ନିର୍ବାଚନମଣ୍ଡଳୀରେ ପାଳିତ ହେବ ବୋଲି



ଦଳ ତରଫରୁ ସୂଚନା ଦିଆଯାଇଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଦଳର ଭୁବନେଶ୍ୱର ଜିଲ୍ଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡା, ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟସଭା ସଦସ୍ୟ ଶ୍ରମତୀ ସୁଲତା ଦେଓ, ଯୁବ ସଭାପତି ଚିନ୍ମୟ ସାହୁ ଓ ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ତିରୋଧାନ ଦିବସ ଅବସରରେ ଦଳ ତରଫରୁ ହେବାକୁ ଥିବା କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ ।

ଶ୍ରୀ ମିଶ୍ର କହିଥିଲେ, ରାଜ୍ୟର ସମସ୍ତ ନିର୍ବାଚନମଣ୍ଡଳୀରେ ଏହି ପ୍ରବାଦ ପୁରୁଷ ଦିବସ କାର୍ଯ୍ୟକ୍ରମ କରିବାକୁ ଦଳ ତରଫରୁ ସ୍ଥାନୀୟ ନେତୃତ୍ୱଙ୍କୁ ନିର୍ଦ୍ଦେଶ ଦିଆଯାଇଛି । କାର୍ଯ୍ୟକ୍ରମର ରୂପରେଖ କ୍ଷେତ୍ରୀୟ ସ୍ତରରେ ନିଷ୍ପତ୍ତି ନେବାକୁ କୁହାଯାଇଥିବା ବେଳେ, ତିଳ ତର୍ପଣ, ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଅସହାୟ ବା ରୋଗୀଙ୍କୁ ଫଳ ବଣ୍ଟନ, ରକ୍ତଦାନ ଶିବିର ଇତ୍ୟାଦି ଆୟୋଜନ କରାଯିବାର କାର୍ଯ୍ୟକ୍ରମ ରହିଛି । ଏହାଛଡା, ସ୍ୱାଧୀନତା ସଂଗ୍ରାମ ତଥା ଆଧୁନିକ ଓଡିଶା ନିର୍ମାଣରେ ବିଜୁ ବାବୁଙ୍କ ଭୂମିକା ଶୀର୍ଷକରେ ଏକ ବୌଦ୍ଧିକ ଆଲୋଚନାଚକ୍ର ଆୟୋଜନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଦଳର ଛାମୁଆ ସଂଗଠନର ନେତୃବୃନ୍ଦ ମାନେ ସହଯୋଗ କରିବେ । ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଅବଦାନକୁ ସ୍ମରଣ କରିବା ସହିତ ତାଙ୍କ ତିରୋଧାନ ଦିବସରେ ତାଙ୍କର ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ । ବିଜେଡି ମୁଖ୍ୟାଳୟ ଶଙ୍ଖ ଭବନରେ ମଧ୍ୟ ଭୁବନେଶ୍ୱର ଜିଲ୍ଲା ବିଜେଡି ତରଫରୁ ପ୍ରତିବର୍ଷ ପରି ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ । ସକାଳେ ବିନ୍ଦୁ ସାଗର ଠାରେ ତିଳ ତର୍ପଣ କାର୍ଯ୍ୟକ୍ରମ ହେବ । ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ରୋଗୀ ମାନଙ୍କୁ ଫଳ ବଣ୍ଟନ କାର୍ଯ୍ୟକ୍ରମ ହେବ । ଶଙ୍ଖ ଭବନ୍ ଠାରେ ଆଲୋଚନା କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ଭୁବନେଶ୍ୱର ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ଅଶୋକ ପଣ୍ଡା ସୂଚନା ଦେଇଥିଲେ ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗଣ୍ଡଗୋଳ, ଜଣେ ଗିରଫ

ସୋର, (ସବ୍ୟୁ): ସୋର ଥାନା ସରଶଙ୍ଖ ନିକଟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟଣାରେ ସୋର ପୁଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି ।ସୂଚନା ଅନୁସାରେ ଗତକାଲି ପୂର୍ବାହ୍ନରେ ଅଙ୍କ ବରହମପୁର ଗ୍ରାମର ରାହୁଲ କୁମାର ଜେନା(୨୪) ସରଶଙ୍ଖ ଛକରେ ଏକ ଗାଡି କାମ କରିବାକୁ ଆସିଥିଲେ ।ଏହି ସମୟରେ ସରଶଙ୍ଖ ଗ୍ରାମର ଚିତ୍ତରଞ୍ଜନ ବେହେରାଙ୍କ ସହିତ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କର ଗଣ୍ଡଗୋଳ ହୋଇଥିଲା । ଏଥିରେ ଚିତ୍ତରଞ୍ଜନ ଆହତ ହୋଇଥିଲେ ।ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ରାହୁଲକୁ ଆଣି ଥାନାରେ ଅଟକ ରଖିଥିଲେ । ଏ ବାବଦରେ ଚିତ୍ତରଞ୍ଜନ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ୩୩୨/୨୬ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଆଜି ସକାଳେ ରାହୁଲକୁ ଗିରଫ କରିଥିଲେ । ମଧ୍ୟାହ୍ନରେ ସୋର ମେଡ଼ିକାଲରେ ତାର ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରିଛି ।

# ବିଶିଷ୍ଟ ନ୍ୟୁରୋସର୍ଜନ୍ ପ୍ରଫେସର (ଡାକ୍ତର) ସୁରେଶ୍ୱର ମହାନ୍ତିଙ୍କ ପରଲୋକ

ଭୁବନେଶ୍ୱର, (ସବ୍ୟୁ): ବିଶିଷ୍ଟ ନ୍ୟୁରୋସର୍ଜନ ଓ ଶିକ୍ଷାବିତ୍ ପ୍ରଫେସର (ଡାକ୍ତର) ସୁରେଶ୍ୱର ମହାନ୍ତିଙ୍କର ଶୁକ୍ରବାର ପରଲୋକ ହୋଇଯାଇଛି। ସ୍ୱର୍ଗତ ମହାନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ପ୍ରଥମ ଅଧକ୍ଷ ଭାବେ ଦାୟିତ୍ୱ ତୁଲାଇଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ହୋଇଥିବା ବେଳେ ଦୀର୍ଘ ଦିନ ଧରି ସେ ଅସୁସ୍ଥ ଥିଲେ। ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଏକମାତ୍ର ଝିଅ ଥିଲେ। ସ୍ୱର୍ଗତ ମହାନ୍ତି ଭାରତ ସମେତ ବିଦେଶର ବିଭିନ୍ନ ଖ୍ୟାତି ସମ୍ପନ୍ନ ଡାକ୍ତରୀ ଅନୁଷ୍ଠାନ ଗୁଡ଼ିକରେ କାର୍ଯ୍ୟ କରିଥିଲେ। କଟକ ସ୍ଥିତ ଏସସିବି ମେଡିକାଲ୍ କଲେଜରୁ ଏମ୍‌ବିବିଏସ୍ ଉପାଧି ଲାଭ କରିବା ପରେ ପ୍ରଫେସର (ଡାକ୍ତର) ମହାନ୍ତି ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ (ଏମ୍ସ),



ନୂଆଦିଲ୍ଲୀରୁ ନ୍ୟୁରୋସର୍ଜରୀରେ ଏମ୍‌ସିଏଚ୍ ଶିକ୍ଷା ଗ୍ରହଣ କରିଥିଲେ।

ତାଙ୍କ ମୃତ୍ୟୁରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କର ଅମରଆତ୍ମାର ସଦ୍‌ଗତି କାମନା କରିଛନ୍ତି। ନ୍ୟୁରୋଲଜିକାଲ୍ ସୋସାଇଟି ଅଫ୍ ଇଣ୍ଡିଆ ମଧ୍ୟ ପ୍ରଫେସର ମହାନ୍ତିଙ୍କ ବିୟୋଗରେ ଶୋକ ପ୍ରକାଶ କରିଛି। ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍‌ରେ ଶୁକ୍ରବାର ତାଙ୍କ ମରଶରୀରକୁ ଶେଷ ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ବିଶିଷ୍ଟ ନ୍ୟୁରୋସର୍ଜନ ତଥା ସୋଆର ପୂର୍ବତନ କୁଳପତି ଓ ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପ୍ରଫେସର (ଡାକ୍ତର) ଅଶୋକ ମହାପାତ୍ର, ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାରଙ୍କ ସମେତ ସିନିୟର ପ୍ରଫେସର, ଡାକ୍ତର, ବରିଷ୍ଠ କର୍ମକର୍ତ୍ତା ଓ ହସ୍ପିଟାଲ୍‌ର କର୍ମଚାରୀମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ମହାନ୍ତିଙ୍କୁ ହସ୍ପିଟାଲ୍ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା।

# ରାୟଗଡ଼ା ଜିଲ୍ଲାର ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିଲା ଟିପିଏସ୍ଓଡିଏଲ୍ : ୮୦୦୦ ଉପଭୋକ୍ତା ଉପକୃତ



ବ୍ରହ୍ମପୁର, (ସବ୍ୟୁ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍ଓଡିଏଲ୍), ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ରାୟଗଡ଼ା ଜିଲ୍ଲାର ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିଛି । ଏହି କ୍ରମରେ କମ୍ପାନୀତରଫରୁ ୩୩/୧୧କେଭି, ୧୨.୫/୧୬ ଏମଭିଏ ଟ୍ରାନ୍ସଫର୍ମର ଅଟୋନଗର ପାୱାର ସବ୍-ଷ୍ଟେସନ (ପିଏସ୍ଏସ୍)ରେ ସ୍ଥାପନ କରାଯାଇଛି । ଦକ୍ଷିଣ ଓଡ଼ିଶାର ଉପଭୋକ୍ତାଙ୍କୁ ଭରସାଯୋଗ୍ୟ, ଭବିଷ୍ୟତ ପ୍ରସ୍ତୁତ ଏବଂ ସ୍ଥିର ବିଜୁଳି ଯୋଗାଣ କ୍ଷେତ୍ରରେ ଟିପିଏସ୍ଓଡିଏଲର ଥିବା ପ୍ରତିବଦ୍ଧତାକୁ ଏହି ଅଭିନବ ପଦକ୍ଷେପ ଦର୍ଶାଉଛି ସହରାଞ୍ଚଳ, ସରକାରୀ ପ୍ରତିଷ୍ଠାନ ଏବଂ ଉଦୀୟମାନ ବାଣିଜ୍ୟିକ କାର୍ଯ୍ୟକଳାପର ମିଶ୍ରଣ ସହିତ ଏକ ଦ୍ରୁତ ଅଭିବୃଦ୍ଧିଶୀଳ ଜିଲ୍ଲା ମୁଖ୍ୟାଳୟ ଭାବେ ରାୟଗଡ଼ା ଏହି ଅଞ୍ଚଳରେ ଏକ ରଣନୈତିକ ଗୁରୁତ୍ୱ ବହନ କରେ । ଏଥିସହିତ ଏହା ମଧ୍ୟ ଜନଜାତି ଏବଂ ଗ୍ରାମାଞ୍ଚଳ ପାଇଁ ଏକ ପ୍ରମୁଖ ପ୍ରାଶାସନିକ ଓ ସଂଯୋଗ କେନ୍ଦ୍ର ଭାବରେ ସେବା ଯୋଗାଇଥାଏ ।

ଶାସନ, ଜନସେବା, ସ୍ଥାନୀୟ ବ୍ୟବସାୟ ଏବଂ ସାମଗ୍ରିକ ଭାବରେ ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ଏହି ଅଞ୍ଚଳରେ ଦୃଢ଼ ତଥା ସ୍ଥିର ଓ ଭରସାଯୋଗ୍ୟ ବିଜୁଳି ସୁନିଶ୍ଚିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସହରର ବର୍ଦ୍ଧିତ ବିଜୁଳି ଚାହିଦାକୁ ଦୃଷ୍ଟିରେ ରଖି ଟିପିଏସ୍ଓଡିଏଲ୍ ତରଫରୁ ୩୩/୧୧ କେଭି, ୧୨.୫/୧୬ ଏମଭିଏ ଟ୍ରାନ୍ସଫର୍ମର ଅଟୋନଗର ପିଏସ୍ଏସ୍ରେ ସ୍ଥାପନ କରାଯାଇଛି । ଏହି ଉନ୍ନତିକରଣ ଫଳରେ ଓଭରଲୋଡିଂ ସମସ୍ୟା ଦୂରୀଭୂତ ହେବ । ଏଥିସହିତ ବିଦ୍ୟୁତ ସଂସ୍ଥାପନର କ୍ଷମତା ବୃଦ୍ଧି ପାଇବା ସହିତ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ଯୋଗାଣ ସୁନିଶ୍ଚିତ ହୋଇଛି । ନୂତନ ଭାବରେ ସ୍ଥାପନ ହୋଇଥିବା ଏହି ଟ୍ରାନ୍ସଫର୍ମର ବର୍ତ୍ତମାନ ୧୧କେଭି ଟାଉନ-୩ ଫିଡରକୁ ବିଦ୍ୟୁତ ଯୋଗାଣ କରିବ । ଫଳତଃ ଏହି ଉନ୍ନତିକରଣ ଯୋଗୁଁ ବହୁ ଘରୋଇ ଉପଭୋକ୍ତା, ସରକାରୀ କାର୍ଯ୍ୟାଳୟ ସମେତ ପ୍ରମୁଖ ଜିଲ୍ଲା ପ୍ରଶାସନର ସୁବିଧା ମିଳୁଥିବା ଅଞ୍ଚଳ ସହିତ ପ୍ରାୟ ୮,୦୦୦ ଉପଭୋକ୍ତା ଉପକୃତ ହୋଇପାରିଛନ୍ତି ।

ଏଥିସହିତ ନୂତନ ୩୩କେଭି ଏବଂ ୧୧କେଭି ଲାଇନ ସଂଯୋଗ ଯୋଗୁଁ ପୁରୁଣା ଭିତ୍ତିଭୂମି ଉପରେ ଥିବା ଲୋଡ୍ ହ୍ରାସ ପାଇବ ଏଥିସହିତ ବିଦ୍ୟୁତ ପରିଚାଳନା ଅଧିକ ସୁଗମ ଓ ଦକ୍ଷତାର ସହିତ ହୋଇପାରିବ ସେହିଭଳି ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଟିପିଏସ୍ଓଡିଏଲ୍ ତରଫରୁ ସବଷ୍ଟେସନରେ ଏକ ୩୩ କେଭି ରିଙ୍ଗ ମେନ୍ୟୁନିଟ୍ (ଆରଏମୟୁ) ମଧ୍ୟ ସ୍ଥାପନ ହୋଇଛି । ଯାହା ଏକ ଦ୍ୱୈରୟତ ଉତ୍ସକୁ ସମର୍ଥନ କରେ ଏଥିସହିତ ଜରୁରୀକାଳୀନ ସମୟରେ ଓ ଫିଡରରେ କୌଣସି ତୃଟି ହେଲେ ମଧ୍ୟ ବିଦ୍ୟୁତ ଯୋଗାଣ ଦିଗରେ ସ୍ଥିରତା ଆଣିବାରେ ସହାୟକ ହେବ ରାୟଗଡ଼ା ଜିଲ୍ଲାର ବିଦ୍ୟୁତ ଭିତ୍ତିଭୂମିକୁ ଆଧୁନିକୀକରଣ କରିବା ଦିଗରେ ଟିପିଏସ୍ଓଡିଏଲ୍ ତରଫରୁ ନିଆଯାଇଥିବା ଏହି ପଦକ୍ଷେପ ବିଶେଷ ଭାବେ ଗୁରୁତ୍ୱପୂର୍ଣ୍ଣ ଅଟେ । ଉପଭୋକ୍ତାମାନେ ଏହି ଉନ୍ନତୀକରଣ ପରେ ବିଦ୍ୟୁତ ଯୋଗାଣରେ କମ୍ ବାଧା, ଉନ୍ନତ ଭୋଲେଟଜ ସ୍ଥିରତା ଏବଂ ସାମଗ୍ରିକ ସେବା ପାଇବାରେ ସମର୍ଥ ହେବେ । ଯାହା ସହରର ଅଭିବୃଦ୍ଧି ଓ ବିକାଶକୁ ବଳ ଯୋଗାଇବ ଏ ସମ୍ପର୍କରେ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍ଓଡିଏଲ୍ କହିଛନ୍ତି, ସମଗ୍ର ଦକ୍ଷିଣ ଓଡ଼ିଶାର ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଟିପିଏସ୍ଓଡିଏଲ୍ ପ୍ରତିବଦ୍ଧ ।

ଅଟୋନଗର ପିଏସ୍ଏସ୍ରେ ସ୍ଥାପନ ହୋଇଥିବା ଏହି ନୂତନ ଟ୍ରାନ୍ସଫର୍ମର ଭରସାଯୋଗ୍ୟ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ଦିଗରେ ଏକ ପଦକ୍ଷେପ । ଏହା ରାୟଗଡ଼ାର ଲୋକଙ୍କୁ ବିଶେଷ ଭାବରେ ଉପକାର ପ୍ରଦାନ କରିବା ସହିତ ଜିଲ୍ଲାର ବର୍ଦ୍ଧିତ ବିଦ୍ୟୁତ ଚାହିଦାକୁ ପୂରା କରିବ ଟିପିଏସ୍ଓଡିଏଲ୍ ନିରନ୍ତର ଭିତ୍ତିଭୂମିର ଉନ୍ନତିକରଣ ଏବଂ ସମସ୍ତଙ୍କ ପାଇଁ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରି ଗ୍ରାହକଙ୍କ ସନ୍ତୁଷ୍ଟି ପାଇଁ ପ୍ରତିବଦ୍ଧ ।

## ଓଡ଼ିଆ ଜାଗରଣ ମଞ୍ଚ ପକ୍ଷରୁ ନିର୍ବାଚନ କମିସନରଙ୍କୁ ଦାବିପତ୍ର

# ଜିଲ୍ଲାରେ ପୁନଃ ଡିଲିମିଟେସନ କରି ଆସନ ବୃଦ୍ଧି କରାଯାଉ



ବାରିପଦା, (ସବ୍ୟୁ) : ଓଡ଼ିଶାର ସର୍ବବୃହତ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ମୟୂରଭଞ୍ଜକୁ ବିଗତ ୨୦୦୯ ମସିହାରେ ହୋଇଥିବା ଡି-ଲିମିଟେସନରେ ଉପେକ୍ଷା କରାଯାଇଥିବାର ଅଭିଯୋଗ ଆଣି ବିଗତ ୫ବର୍ଷ ଧରି ଓଡ଼ିଆ ଜାଗରଣ ମଂଚ ତରଫରୁ ଆନ୍ଦୋଳନ କରାଯାଇ ଆସୁଥିବା ବେଳେ ଆଜି ଓଡ଼ିଆ ଜାଗରଣ ମଞ୍ଚ ତରଫରୁ ପୁନଃ ଡିଲିମିଟେସନରେ ମୟୂରଭଞ୍ଜ ଜିଲ୍ଲାରେ ବିଧାନସଭା ଏବଂ ଲୋକସଭା ନିର୍ବାଚନ ମଣ୍ଡଳୀ ବୃଦ୍ଧି କରାଯିବାକୁ ମୟୁରଭଞ୍ଜ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟ ନିର୍ବାଚନ କମିଶନରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ବିଧାନସଭା ନିର୍ବାଚନ ମଣ୍ଡଳୀକୁ କେନ୍ଦୁଝର ଲୋକସଭା କ୍ଷେତ୍ରରେ ଏବଂ ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳିକୁ ବାଲେଶ୍ୱର ଲୋକସଭା କ୍ଷେତ୍ରରେ ରଖାଯାଇଛି। ସେହିପରି ଜିଲ୍ଲାର ପୂର୍ବରୁଥିବା ୧୦ଟି ବିଧାନସଭା ନିର୍ବାଚନ ମଣ୍ଡଳୀକୁ କମାଇ ୯ଟି ଆସନରେ ସୀମିତ ରଖଯାଇଛି। ଜିଲ୍ଲାରେ ଥିବା ଏକମାତ୍ର ପୂର୍ଣ୍ଣାଙ୍ଗ ଲୋକସଭା କ୍ଷେତ୍ର ଆଦିବାସୀ ବର୍ଗ ପାଇଁ ସଂରକ୍ଷିତ ରହିଥିବାବେଳେ, ୯ଟି ବିଧାନସଭା କ୍ଷେତ୍ର ମଧ୍ୟରୁ କେବଳ ମୋରଡା ଆସନକୁ ଛାଡି ଦେଲେ ଅନ୍ୟ ୮ଟି ଯାକ ଆସନ ସଂରକ୍ଷିତ ରହିଥିବାରୁ ମୟୂରଭଞ୍ଜର ସାଧାରଣ ଜନତା ନିଜର ରାଜନୈତିକ ଅଧିକାରରୁ ବିଶେଷ ଭାବରେ ବଂଚିତ ହେଉଛନ୍ତି। ଏଣୁ ଜିଲ୍ଲାରେ ପୁନଃନିର୍ବାଚନ ମଣ୍ଡଳୀ ସୀମାନିର୍ଦ୍ଧାରଣ କରାଯାଇ ଆୟତନ ଏବଂ ଜନସଂଖ୍ୟା ଦୃଷ୍ଟିରୁ ଜିଲ୍ଲାରେ ୧୨ଟି ବିଧାନସଭା ଆସନ ସହ ଅନୁନ୍ୟ ଦୁଇଟି ଲୋକସଭା ଆସନ ଗଠନ କରିବା ସହ ଗୋଟିଏ ଲୋକସଭା ଆସନ ଏବଂ ଅନୁନ୍ୟ ୩ଟି ବିଧାନ ସଭା ଆସନକୁ ସଂରକ୍ଷଣ ମୁକ୍ତ ରଖାଯିବାକୁ ଦାବୀ କରାଯାଇଛି। ଏହି ଦାବିପତ୍ର ପ୍ରଦାନରେ ଓଡିଆ ଜାଗରଣ ମଞ୍ଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ମଞ୍ଚର କର୍ମକର୍ତ୍ତା ପିତାମ୍ବର ମଲ୍ଲିକ, ଆଇନଜୀବୀ ଲିଙ୍ଗରାଜ ମିଶ୍ର ଓ ସତ୍ୟ ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଆଉ ଜଣେ ଅସୁସ୍ଥ ଟ୍ରେନ ଯାତ୍ରୀ ମୃତ

ବ୍ରହ୍ମପୁର, (ସବ୍ୟୁ) : ଟ୍ରେନରେ ଯାତ୍ରା ବେଳେ ଅସୁସ୍ଥ ହୋଇପଡିଥିବା ଜଣେ ଯାତ୍ରୀଙ୍କ ମୃତ୍ୟୁ ହୋଇଯାଇଛି । ସେ ହେଲେ ଝାଡଖଣ୍ଡ ରାଜ୍ୟର ଯୁବକ ଅର୍ଜୁନ ଗାଗରାଇ(୨୪) । ମୃତ ଅର୍ଜୁନ ଚେନ୍ନାଇରେ ରହି କାମ କରୁଥିଲେ । ଗତକାଲି ସେ ଓ ତାଙ୍କର ଜଣେ ପୁତୁରା ଯୋଦ୍ଧପୁର ସୁପରଫାଷ୍ଟ ଟ୍ରେନରେ ଯାତ୍ରା କରୁଥିଲେ। ରାତି ୯ ଟା ଅର୍ଜୁନ ଟ୍ରେନ ଭିତରେ ଅସୁସ୍ଥ ହୋଇ ପଡିଥିଲେ। ଟ୍ରେନଟି ବ୍ରହ୍ମପୁରରେ ପହଞ୍ଚିବା ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦଘାତରୁ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଇଛି। ସରକାରୀ ରେଳବାଇ ଥାନା ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(୨୦/୨୬) ରୁଜୁ ହୋଇଛି ।

# ମାଦଳ ମହୁରୀ ଉତ୍ସବ-୨୦୨୬ ଉଦ୍ଯାପିତ

ବାରିପଦା, (ସବ୍ୟୁ) : ସହିଦ ସ୍ମୃତି ଭବନରେ ଦୁର୍ଯ୍ୟ-ସରସ୍ୱତୀ ସାଂସ୍କୃତିକ ପରିଷଦ ଓ ସୌଖିନ କଳାକାର କ୍ଲବ ଆନୁକୂଲ୍ୟରେ ଆୟୋଜିତ ୩ ଦିନିଆ ମାଦଳ ମହୁରୀ ଉତ୍ସବ-୨୦୨୬ ଉଦ୍ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ କ୍ଷୀରୋଦ ସିଟଙ୍କ ରଚିତ ତଥା ନିର୍ଦ୍ଦେଶିତ ନାଟକ "ମରୀଚିକାର ଛାଇରେ କାକୋଲୀ ନନ୍ଦି ଓ କ୍ରିଷ୍ଣା ଦାସଙ୍କ ଅଭିନୟ ଦର୍ଶକଙ୍କୁ ସ୍ତବ୍ଧ କରିଥିଲା। ନାଟକ ପ୍ରାରମ୍ଭରେ ପରିଷଦର ମୁଖ୍ୟ ସଂଯୋଜକ କ୍ଷୀରୋଦ ବିହାରୀ ସିଟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ବିଶିଷ୍ଟ ନାଟ୍ୟକାର ହରିଶ ଚନ୍ଦ୍ର ବେହେରା, ପ୍ରାକ୍ତନ ଅଧ୍ୟକ୍ଷା ଡଃ ପୁଷ୍ପା ପାତ୍ର, ପ୍ରୋ. ଝରଣା ବେହେରା, ଅଭିନେତା ନିର୍ଦ୍ଦେଶକ ଅନ୍ନଦା ଶଙ୍କର ଦାଶ, ରାଜେଶ ଦାଶ ଓ ଗୋକୁଳ ଚନ୍ଦ୍ର ଦାସ, ଶିଶୁ ନାଟ୍ୟକାର ଇ. ମନୋଜ କୁମାର ଦଳବେହେରା, ଗୀତିକାର ତଥା ପ୍ରାକ୍ତନ ଅଧ୍ୟକ୍ଷ ସୁନୀଲ କୁମାର ଜେନା ଓ ରବି ଚାଉପଟ୍ଟନାୟକ ପ୍ରମୁଖ ଯୋଗଦେଇ ମାଦଳ ମହୁରୀ ଉତ୍ସବର ପରିକଳ୍ପନା ପାଇଁ ଆୟୋଜକଙ୍କୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଏହାର ଉତ୍ତୋରତର ଉନ୍ନତି କାମନା କରିଥିଲେ।

ଏହି ଅବସରରେ ନାଟକ କ୍ଷେତ୍ରରେ ଅବଦାନ ପାଇଁ ବିଶିଷ୍ଟ ନାଟ୍ୟକାର ହରିଶ ଚନ୍ଦ୍ର ବେହେରାଙ୍କୁ ଏବଂ ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ ସୁଧାମୟୀ ଦାସ ଓ କାବେରୀ ମିଶ୍ରଙ୍କୁ "ଶ୍ରୀକାନ୍ତ ଦେ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। କୁନି ଓଡ଼ିଶୀ କଳାକାର ନୟନିକା ମହାନ୍ତିଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରି ଉତ୍ସାହିତ କରାଯୋଇଥିଲା। ସୋମନାଥ ସିଂହ ଓ ଗୌରବ ସିଟ ମଞ୍ଚ ପରିଚାଳନା କରିଥିଲେ। ମାତୁଳସୀ କୁଡ଼ମାଲୀ ନୃତ୍ୟ ଦଳର ଝୁମର ନୃତ୍ୟ ମଧ୍ୟରେ ଅନିରୁଦ୍ଧ ଜେନାଙ୍କ ତରଫରୁ ଟ୍ରଫି ଓ ଅନୁଷ୍ଠାନ ତରଫରୁ ପ୍ରମାଣପତ୍ର ସୌଖିନ କଳାକାର କ୍ଲବର ସମ୍ପାଦକ ଅନିଲ କୁମାର ପ୍ରଧାନ ଓ ଦୁର୍ଯ୍ୟ ସାହିତ୍ୟ ସାଂସ୍କୃତିକ ପରିଷଦର ଉପସଭାପତି ସବିତା ସିଟଙ୍କ ହାତରେ ସମସ୍ତ ନାଟକର ନିର୍ଦ୍ଦେଶକ ଓ କଳାକାରଙ୍କୁ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଶେଷରେ ଉତ୍ସବର ସଫଳତା ପାଇଁ ମୁଖ୍ୟ ଆୟୋଜନ ଶ୍ରୀ ସିଟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବାରିପଦା ନିସ୍ୱାର୍ଥ ସେବା ଅନୁଷ୍ଠାନ ଆନୁକୂଲ୍ୟରେ

# ଦୃଷ୍ଟି ବାଧିତ ଓ ମୂକବଧିର ବିଦ୍ୟାଳୟରେ ଖାଦ୍ୟ ବଣ୍ଟନ



ବାରିପଦା, (ସବ୍ୟୁ) : ବାରିପଦା ନିସ୍ୱାର୍ଥ ସେବା ଅନୁଷ୍ଠାନ ଆନୁକୂଲ୍ୟରେ ଲକ୍ଷ୍ମୀପୋଷିସ୍ଥ ଦୃଷ୍ଟି ବାଧିତ ଓ ମୂକବଧିର ଆବାସିକ ବିଦ୍ୟାଳୟର ୭୦ଜଣ ଛାତ୍ରଛାତ୍ରୀମାନଙ୍କୁ ବିଛଣା ଚାଦର ଏବଂ ଶୁଷ୍କ ପ୍ୟାକେଟ ଖାଦ୍ୟ ବଣ୍ଟନ କରାଯାଇଛି ।

ଏହି ଉପଲକ୍ଷେ ଆୟୋଜିତ ଏକ ସଭା କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନେ ସୁମଧୁର କଣ୍ଠରେ ସ୍ୱାଗତ ସଙ୍ଗୀତ ପରିବେଷଣ କରିବା ପରେ ମୂକବଧିର ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ଦାସ, ଦୃଷ୍ଟି ବାଧିତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚନ୍ଦନ ଦାସ, ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ତ୍ରିପାଠୀ ଏବଂ ନିସ୍ୱାର୍ଥ ସେବା ଅନୁଷ୍ଠାନର ସଞ୍ଚାଳକ ଦେବାଶିଷ କୁମାର ଦାସ, ସନ୍ଦୀପ କୁମାର ଚାନ୍ଦ ଓ ପ୍ରଣବ କିଶୋର ମହାପାତ୍ର ଛାତ୍ରଛାତ୍ରୀ ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ ।

ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀବୃନ୍ଦ ଏବଂ ନିସ୍ୱାର୍ଥ ଅନୁଷ୍ଠାନ ତରଫରୁ ଜଗନ୍ନାଥ ମିଶ୍ର, ମଳୟ କୁମାର ଦ୍ୱାରି, ଅନନ୍ତ କୃଷ୍ଣ ବେହେରା, ହରିଶ ଚନ୍ଦ୍ର ଦ୍ୱାରୀ, ପ୍ରଭାସ ଚନ୍ଦ୍ର ବେହେରା, ତିମିର କୁମାର ଘୋଷ ଓ ସୁଦୀପ୍ତ ବସୁ ପ୍ରଭୃତି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହାୟତା କରିଥିଲେ । ଆଗାମୀ ଦିନରେ ଏହି ସେବା ଅନୁଷ୍ଠାନ ସମାଜର ଆବଶ୍ୟକତା ଅନୁଯାୟୀ ତାର ସେବାର ହସ୍ତ ପ୍ରସାରିତ କରି ଚାଲିବ ।

# ୧୧ରୁ ୧୫ ତାରିଖ ଯାଏଁ ଚୈତ୍ର ପର୍ବ ଓ ପଲ୍ଲିଶ୍ରୀ ମେଳା

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର କଳା ସଂସ୍କୃତି ପାଇଁ ସ୍ୱତନ୍ତ୍ର ପରିଚୟ ପ୍ରାପ୍ତ ଚୈତ୍ର ପର୍ବ-୨୦୨୬ କୁ ମହା ଧୁମଧାମରେ ପାଳନ କରିବା ଜିଲ୍ଲା ପ୍ରଶାସନ ପ୍ରସ୍ତୁତ ଚୂଡ଼ାନ୍ତ କରିଛି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ଏହାର ବିଭିନ୍ନ ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ । ଚଳିତ ବର୍ଷ ଚୈତ୍ର ପର୍ବ ସହ ସମକାଳୀନ ଭାବରେ ପଲ୍ଲିଶ୍ରୀ ମେଳା ମଧ୍ୟ ଆୟୋଜନ ହେବାକୁ ଯାଉଛି । ଏହା ଚଳିତ ମାସ ୧୧ତାରିଖରୁ ଆସନ୍ତା ୧୫ତାରିଖ ଯାଏଁ ଦୀର୍ଘ ପାଞ୍ଚଦିନ ଧରି ଆୟୋଜନ ହେବ । ପ୍ରଥମ ତିନିଦିନ ଗ୍ରାମୀଣ ଛଉନୃତ୍ୟ ସହ ବାରିପଦାର ପ୍ରସିଦ୍ଧ ଛଉ ଆଖଡ଼ା ଉତ୍ତର ସାହି ଓ ଦକ୍ଷିଣ ସାହି ନିଜ ନିଜର ନୃତ୍ୟ ପରିବେଷଣ କରିବେ । ସେହିପରି ଅନ୍ୟ ରାଜ୍ୟର ଲୋକନୃତ୍ୟ ଯଥା- ମଟକି, କାଲବାଲିଆ, କଥକ, ଲାଭାନୀ, କଲାରୀ ପଇଥୁ, ମାଲକମ୍ ପ୍ରଭୃତି ଦଳ ନିଜ ନିଜର ନୃତ୍ୟ ପ୍ରଦର୍ଶନ କରିବେ । ଏହି ଅବସରରେ ଆସନ୍ତାକାଲି ଉଦଘାଟନୀ ସମାରୋହରେ ଦିନ ତିନି ଘଟିକାରେ ଏକ ବିରାଟ ଶୋଭାଯାତ୍ରା ବାରିପଦାର ଅଧିଷ୍ଠାତ୍ରୀ ମାଅମ୍ବିକା ମନ୍ଦିରରୁ ବାହାରି ଛଉ ପଡ଼ିଆରେ ସମାପନ ହେବ । ସେହିପରି ଅନ୍ୟ ରାଜ୍ୟର ଲୋକନୃତ୍ୟ ନୃତ୍ୟ ଯଥା- ମଟକି, କାଲବାଲିଆ, କଥକ, ଲାଭାନୀ, କଲାରୀ ପଇଥୁ, ମାଲକମ୍ ପ୍ରଭୃତି ଦଳ ନିଜ ନିଜର ନୃତ୍ୟ ପ୍ରଦର୍ଶନ କରିବେ । ସେହିପରି ଏହି ଚୈତ୍ର ଉତ୍ସବ ଅବସରରେ ଓରମାସ୍ ତଥା ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି ପକ୍ଷରୁ ଆୟୋଜନ ହେବାକୁ ଥିବା ଏହି ପଲ୍ଲିଶ୍ରୀ ମେଳାରେ ମୋଟ୍ ୧୫୦ଟି ବିଭିନ୍ନ ବିଭାଗର ପ୍ରଦର୍ଶନୀ ଷ୍ଟଲ ଖୋଲିବାକୁ ଯୋଜନା ହୋଇଛି । ଏହାସହ ଛଉ ନୃତ୍ୟକୁ ବିଶ୍ୱ ଦରବାରରେ ପରିଚିତ କରିବା ନିମନ୍ତେ ଛଉ ନୃତ୍ୟରେ ବ୍ୟବହୃତ ହେଉଥିବା ଅଳଙ୍କାର, ବାଦ୍ୟଯନ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀକୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରଦର୍ଶନ କରାଯିବ । ସେହିପରି ଛଉନୃତ୍ୟ ସମ୍ବନ୍ଧୀୟ ବିଭିନ୍ନ କୁଇଜ୍ ଓ ଟ୍ରେଜର୍ ହଣ୍ଟ ପ୍ରତିଯୋଗିତା ଆୟୋଜନ ହେବ । ଏତଦ୍‌ବ୍ୟତୀତ ବିଭିନ୍ନ ଅଞ୍ଚଳର ଖାଦ୍ୟ ଷ୍ଟଲ ଖୋଲିବା ସହ ଦେଶୀୟ ଖାଦ୍ୟ ଷ୍ଟଲ ଖୋଲିବାକୁ ନିଷ୍ପତ୍ତି ହୋଇଛି । ଗ୍ରାମୀଣ ଅର୍ଥନୀତିର ବିକାଶ ପାଇଁ ବ୍ରାଣ୍ଡିଂ, ପ୍ୟାକେଜିଂ ଏବଂ ମାର୍କେଟିଂ ପାଇଁ ବିଭିନ୍ନ ଉତ୍ସର୍ଗୀକୃତ ଷ୍ଟଲ୍ ଆୟୋଜନ ହେବ । ଆଜିର ବୈଠକରେ ଓରମାସ୍ ଡେପୁଟି ସିଇଓ ଭାଗ୍ୟଲକ୍ଷ୍ମୀ ରାଉତ, ଜିଲ୍ଲା ସଂସ୍କୃତି ଅଧିକାରୀ ଶୁଭାଶିଷ ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁଦୁୟା ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ ।

# ଦୁଇ ଭାଇଙ୍କୁ ଆକ୍ରମଣ ଘଟଣା, ଦୁଇ ଗିରଫ

ବୁଗୁଡା, (ସବ୍ୟୁ) : ବୁଗୁଡ଼ା ବ୍ଲକ ଗୋଳିଆ ପଞ୍ଚାୟତ ଅନ୍ତର୍ଗତ ବାଦୁଆ ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ବଡ ଓ ସାନ ଭାଇ ଉଭୟଙ୍କୁ ମରଣାନ୍ତକ ଆକ୍ରମଣକରି ମଝିଆ ଭାଇ ସସ୍ତ୍ରୀକ ଗିରଫ ହୋଇଥିବା ଜଣାଯାଇଛି । ଗିରଫ ଦ୍ୱୟ ହେଲେ ପଞ୍ଚୁ ଓରଫ ପ୍ରଫୁଲ୍ଲ ଗୌଡ (୫୪) ଏବଂ ତାଙ୍କର ସ୍ତ୍ରୀ ବିଷ୍ଣୁପ୍ରିୟା ଗୌଡ(୩୪) । ଗୁରୁତର ଦୁହେଁ ହେଲେ ବଡ ଭାଇ ଧୋବ ଗୌଡ (୫୭) ଓ ସାନ ଭାଇ ଦୁର୍ଯ୍ୟ ଗୌଡ (୫୦) । ଏନେଇ ପୋଲିସ କେସ୍ ନଂ ୧୫୮/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି ।

ପ୍ରକାଶ ଯେ, ପୂର୍ବରୁ ତିନି ଭାଇଙ୍କ ମଧ୍ୟରେ ଜମିବାଡ଼ି ବିବାଦକୁ ନେଇ ଶତ୍ରୁତା ରହିଥିବା ବେଳେ ଗତ ଗୁରୁବାର ସନ୍ଧ୍ୟାରେ ପଞ୍ଚୁର ଘର ସମ୍ମୁଖରେ ଧୋବା ଓ ଦୁର୍ଯ୍ୟ କଥାବାର୍ତ୍ତା ହେଉଥିବା ବେଳେ ହଠାତ ପଞ୍ଚୁ ପଛପଟୁ ଆସି ସେ ଦୁଇ ଭାଇଙ୍କୁ ଏକ ଠିଆ କୋଡିରେ ମରଣାନ୍ତକ ଆକ୍ରମଣ କରିଥିଲା । ଆକ୍ରମଣରେ ଆହତ ଦୁଇ ଭାଇଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେଠାରେ ପଡିରହିଥିବା ବେଳେ ପୋଲିସ ସେମାନଙ୍କୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣିଥିଲା । ଉଭୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା ଏବଂ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସେଦୁହିଁଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା । କୋମାରେ ଥିବା ବଡ ଭାଇ ଧୋବାର ଅବସ୍ଥା ଅତି ସଙ୍କଟାପନ୍ନ ଥିବାରୁ ତାଙ୍କୁ ପୁଣି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ଏନେଇ ଅଭିଯୋଗ କ୍ରମେ ପୋଲିସ ଘଟଣାର ତଦନ୍ତ କରି ମଝିଆ ଭାଇ ପଞ୍ଚୁ ଓ ତାଙ୍କର ସ୍ତ୍ରୀ ବିଷ୍ଣୁପ୍ରିୟାଙ୍କୁ ପୋଲିସ ଗିରଫ କରିବା ସହ ଆକ୍ରମଣରେ ବ୍ୟବହୃତ ଠିଆକୋଡିଟିକୁ ଜବତ କରିଥିବା ଜଣାଯାଇଛି ।

# ବ୍ଲକ ପ୍ରଶାସନ ପକ୍ଷରୁ ଲୋକ କଳାକାର ସମ୍ବର୍ଦ୍ଧିତ



ଭଞ୍ଜନଗର, (ସବ୍ୟୁ) : ସ୍ଥାନୀୟ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଓଡିଆ ଅସ୍ମିତା ପକ୍ଷ ପାଳନ ଅବସରରେ ଶୁକ୍ରବାର ଲୋକ କଳାର ବ୍ୟାପକ ପ୍ରଚାର ପ୍ରସାର ଦିଗରେ ଉଲ୍ଲେଖନୀୟ ଅବଦାନ ସୃଷ୍ଟି କରିଥିବା ସ୍ଥାନୀୟ ଲୋକ କଳାକାର ମାନଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି । ଏଥିପାଇଁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଏବିଡିଓ ପୂର୍ଣ୍ଣଚନ୍ଦ୍ର ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଏସଏସଓ ସାନୁଜ ନାୟକ, ମଙ୍ଗଳ ସଂପ୍ରସାରଣ ଅଧିକାରୀ, ମୁଖ୍ୟ କିରାଣୀ ମହେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଲୋକକଳାର ପ୍ରଚାର ପ୍ରସାର ଦିଗରେ ସ୍ଥାନୀୟ କଳାକାର ମାନେ ଯେଉଁଭଳି ଦକ୍ଷତା ଦେଖାଇ ଆସିଛନ୍ତି ତା ଉଚ୍ଚ ପ୍ରଶଂସା କରିଥିଲେ । ବିଶେଷ କରି ଏହି ମାଟିର ଅନ୍ୟତମ ଲୋକ କଳାକାର ସଂସ୍କୃତି ରନି ନାରାୟଣ ମହାରଣା ନିଜ ପଶୁ ମୁଖା ନୃତ୍ୟ ଦଳ ସହ ବିଦେଶ ମାଟିରେ ଏହାକୁ ପ୍ରଦର୍ଶିତ କରିବା ଆମ ପାଇଁ ଅତ୍ୟନ୍ତ ଗୌରବର ବିଷୟ ବୋଲି ଏବିଡିଓ ପାଢୀ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ । ଏହି ଅବସରରେ ନାରାୟଣ ମହାରଣାଙ୍କ ସମେତ ଘୁମୁସର ମାଟିର ୧୦ ଜଣ ଲୋକ କଳାକାରଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଆନିମିଆ ମୁକ୍ତ ଅଭିଯାନ

# ମୟୂରଭଞ୍ଜ ପାଇଁ ଖିମଜୀ ଦୟାଭାଇ କୋ-ଗ୍ରୁପ୍ ଦେଲା ଆହ୍ୱାନ




ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାରେ ମହିଳା ଓ ଶିଶୁମାନଙ୍କ ଠାରେ ଦେଖାଯାଉଥିବା ବ୍ୟାପକ ଆନିମିଆ ବା ରକ୍ତହୀନତାକୁ ରୋକିବାର ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଆଜି ଖିମଜୀ ଦୟାଭାଇ କୋ ଗ୍ରୁପ୍ ବାରିପଦାର ସହିଦ୍ ସ୍ମୃତି ଭବନରେ ଆନିମିଆ ମୁକ୍ତ ମୟୂରଭଞ୍ଜ ଅଭିଯାନ ଆରମ୍ଭ କରିଛି । ଉଚିତ୍ ସମୟରେ ଯାଞ୍ଚ ଓ ନିବାରଣ ଅଭ୍ୟାସ ସମ୍ବନ୍ଧରେ ସଚେତନତା ସୃଷ୍ଟି କରି ଆନିମିଆକୁ ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖିଥିବା ଏହି ଅଭିଯାନ ହେଉଛି ଏକ ଜିଲ୍ଲାସ୍ତରୀୟ ଜନସ୍ୱାସ୍ଥ୍ୟ ସୁରକ୍ଷା ପଦକ୍ଷେପ । ମୁଖ୍ୟଅତିଥି, ମୟୂରଭଞ୍ଜର ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ ଓ ସମ୍ମାନୀୟ ଅତିଥି ଭାବେ ଜିଲ୍ଲା ମୁଖ୍ୟସ୍ୱାସ୍ଥ୍ୟ ଅଧିକାରୀ କିଶୋର କୁମାର ଆଚାର୍ଯ୍ୟ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଲୋକାର୍ପଣ କରିଥିଲେ ।

ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ନିହାରିକା ମହାନ୍ତି ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ସଫଳତା ଦିଗରେ ମାର୍ଗଦର୍ଶନ କରିଥିଲେ । ଏ କ୍ଷେତ୍ରରେ ସାମିଲ ଥିବା ସମସ୍ତ ଷ୍ଟେକ୍ ହୋଲ୍ଡରଙ୍କୁ ଏକତ୍ରିତ ହୋଇ ଲଢେଇ ଜାରି ରଖିବାର ଆହ୍ୱାନ ଦିଆଯାଇଛି। ସୂଚନାଯୋଗ୍ୟ ଏହି କାର୍ଯ୍ୟକ୍ରମ ଜରିଆରେ କମ୍ପାନୀ ପକ୍ଷରୁ ୧୬ହଜାର ଆନିମିଆ ଟେଷ୍ଟିଙ୍ଗ୍ କିଟ୍ ସହ ୧୬ଟି ଟେଷ୍ଟିଙ୍ଗ୍ ମେସିନ୍ ପ୍ରଦାନ କରାଯାଇଥିଲା ।

ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ଆୟୋଜିତ ମୟୂରଭଞ୍ଜରୁ ଆନିମିଆର ତ୍ୱରିତ ହ୍ରାସ ଦିଗରେ ଆହ୍ୱାନ, ନୂତନତ୍ୱ ଓ ଭବିଷ୍ୟତ ଯୋଜନା ଶୀର୍ଷକ ଆଲୋଚନା ଚକ୍ରରେ ଭାଗ ନେଇ ଜିଲ୍ଲା ରିପ୍ରଡକ୍ଟିଭ୍ ଆଣ୍ଡ୍ ଚାଇଲ୍ଡ୍ ହେଲ୍ଥ୍, ଓଡ଼ିଶାର ଉପପରିଚାଳକ ଏଲିନା ସାମଲ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ନିହାରିକା ମହାନ୍ତି ନିଜ ଅଭିଜ୍ଞତାକୁ ଭିତ୍ତିକରି ଏ ବିଷୟରେ ଥିବା ସମସ୍ୟାଗୁଡିକ ବିଷୟରେ ଆଲୋଚନା କରିବା ସହ ଜିଲ୍ଲାକୁ ଆନିମିଆରୁ ରକ୍ଷା କରିବା ଦିଗରେ ଆଗକୁ କଣ ସବୁ ପ୍ରସ୍ତୁତି ଦରକାର ସେ ବିଷୟରେ ନିଜର ସୁଚିନ୍ତିତ ମତାମତ ଦେଇଥିଲେ ।

## ଛତ୍ରପୁରରେ ଆମେ ଜାଣିବା ଆମ ବଜେଟ୍ କାର୍ଯ୍ୟକ୍ରମ

# ଓଡିଆ ଅର୍ଥନୀତିର ଆକାର ୯.୮୮ ଲକ୍ଷ କୋଟି ଟଙ୍କା

ଛତ୍ରପୁର, (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସବୁବେଳେ କହି ଆସିଛନ୍ତି ବର୍ତ୍ତମାନର ସରକାର ଲୋକଙ୍କ ସରକାର । ତେଣୁ ଲୋକମାନେ ଯୋଜନା ଠାରୁ ଆରମ୍ଭ କରି ବଜେଟ୍ ଯାଏଁ ସମସ୍ତ କଥା ଜାଣିବା ଦରକାର । ସେହି ଅବଲୋକନରେ ଆଜି ଉଚ୍ଚଶିକ୍ଷା ବିଭାଗର କମିଶନର ଏବଂ ଗଞ୍ଜାମ ଜିଲ୍ଲା ସଚିବ ଅରବିନ୍ଦ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ରଷିକୂଲ୍ୟା ସମ୍ମିଳନୀ କକ୍ଷ ଠାରେ ଆମେ ଜାଣିବା ଆମ ବଜେଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବାର୍ଷିକ ବଜେଟ୍ ୨୦୨୬-୨୭ ରେ ଆର୍ଥିକ ଦୁର୍ବଳ, ଯୁବକ ଯୁବତୀ, ଅନ୍ନଦାତା ଓ ନାରୀ ଶକ୍ତିକୁ ପ୍ରାଧାନ୍ୟ ଦିଆଯାଇଛି ।

ଏହା ସହିତ ଏହି ବଜେଟ୍ ରେ ସମୃଦ୍ଧ ଓଡିଶା ୨୦୩୬ ଓ ବିକଶିତ ଭାରତ-୨୦୪୭ ଭିଜନ୍ ଲକ୍ଷ୍ୟ ହାସଲ ପାଇଁ ସୁପରିକଳ୍ପିତ ବ୍ୟବସ୍ଥା କରାଯାଇଛି । ଓଡିଶାର ଅର୍ଥନୀତିର ଆକାର ୯.୮୮ ଲକ୍ଷ କୋଟି ଟଙ୍କା ଏବଂ ୨୦୨୫-୨୬ରେ ଆର୍ଥିକ ଅଭିବୃଦ୍ଧି ହାର ୭.୯ ପ୍ରତିଶତ ବୋଲି ଶ୍ରୀ ଅଗ୍ରୱାଲ ସୂଚନା ଦେଇଥିଲେ । ସରକାର ଓଡିଶାର ଅର୍ଥନୀତିକୁ ୨୦୩୬ ସୁଦ୍ଧା ୫୦୦ ବିଲିୟନ୍ ଡଲାର୍ ଅର୍ଥନୀତି ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ୍ ଡଲାର୍ ଅର୍ଥନୀତିରେ ପରିଣତ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ବୋଲି ସେ ସୂଚନା ଦେଇଥିଲେ ।

ଓଡିଶାର ଯୋଗାଯୋଗକୁ ସୁଦୃଢ କରିବା ପାଇଁ କେନ୍ଦ୍ର ସରକାର କେନ୍ଦ୍ର ବଜେଟ୍ ୨୦୨୬-୨୭ ରେ ୧୦୯୨୮ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି । ଷୋଡଶ ଅର୍ଥ କମିଶନ୍ ତାଙ୍କର ଆୱାର୍ଡ ପିରିୟଡ୍ (୨୦୨୬-୨୭ରୁ ୨୦୩୦-୩୧) ମଧ୍ୟରେ କେନ୍ଦ୍ରୀୟ ଟିକସରୁ ରାଜ୍ୟର ଅଂଶ ଭାବେ ୪.୬୨ ଲକ୍ଷ କୋଟି ଟଙ୍କା ଓଡିଶା ପାଇବ ବୋଲି ଆକଳନ କରିଛନ୍ତି ଯାହାକି ପୂର୍ବ ଆୱାର୍ଡ ପିରିୟଡ୍ ଅର୍ଥ ଠାରୁ ପ୍ରାୟ ୨ ଲକ୍ଷ କୋଟି ଟଙ୍କା ଅଧିକ ବୋଲି ସେ ସୂଚନା ଦେଇଥିଲେ । ଏହା ସହିତ କେଉଁ କ୍ଷେତ୍ରକୁ କେତେ ଅର୍ଥ ଦିଆଯାଇଛି ସେ ସମ୍ପର୍କରେ କମିଶନର ସୂଚନା ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାର ସମସ୍ତ ସଂଗଠନର କର୍ମକର୍ତ୍ତା, କ୍ଷେତ୍ର ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ । ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଗ୍ରଣୀ ସାମାଜିକ ଓ ବ୍ୟବସାୟିକ ସଂଗଠନର କର୍ମକର୍ତ୍ତା ଯଥା ସୀମାଞ୍ଚଳ ନାହାକ, କେ. ଏଲେୟା, ଡାକ୍ତର ସୁନୀଲ କୋଟା, ସଞ୍ଜିବ ରେଡୀ, ଏ ଟଙ୍କଧର ପ୍ରମୁଖ ରଷିକୂଲ୍ୟା ପୁନରୁଦ୍ଧାର, ଜଳ ସଂରକ୍ଷଣ ପାଇଁ ବିଭିନ୍ନ ସ୍ଥାନରେ ଆନିକଟ୍, ଜୀବିକା ପାଇଁ ସ୍ଥାନାନ୍ତରଣ ସମସ୍ୟା ରୋକିବା ପାଇଁ ପ୍ରତିବର୍ଷ ୫ ପ୍ରତିଶତ ଜଳସେଚନ ବୃଦ୍ଧି, ଉତ୍ପାଦର ବିକ୍ରିବଟା ପାଇଁ ଉପଯୁକ୍ତ ବ୍ୟବସ୍ଥା, ଜୈବିକ ଚାଷର ପ୍ରୋତ୍ସାହନ, ଆର୍ଯ୍ୟପଲ୍ଲୀ ଠାରେ ପ୍ରସ୍ତାବିତ ଫିସିଂ ହାରବର ଶୀଘ୍ର କାର୍ଯ୍ୟକାରୀ କରିବା, ସମୁଦ୍ରରେ ରାତ୍ରୀ ପେଟ୍ରୋଲିଂ ବୃଦ୍ଧି, ମତ୍ସ୍ୟଜୀବୀଙ୍କ ପାଇଁ ସବୁସମୟରେ ସୁବିଧା ସୁଯୋଗ, ଏମ.କେ.ସି.ଜି. ଭେଷଜ ମହାବିଦ୍ୟାଳୟ ଓ ଜିଲ୍ଲାର ସ୍ୱାସ୍ଥ୍ୟସେବାର ଉନ୍ନତିକରଣ, ହୁମ୍ମା ଠାରେ ଥିବା ୧୭୦୦ ଏକର ଜମିର ସଠିକ୍ ବିନିଯୋଗ, ଯେଉଁ କମ୍ପାନୀ ମାନେ ସରକାରଙ୍କ ପାଖରୁ ଜମି ନେଇ ସଦୁପଯୋଗ କରୁନାହାନ୍ତି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ, ବର୍ଷାଜଳ ସଂରକ୍ଷଣ ପାଇଁ ବ୍ୟବସ୍ଥା, ଛାତ୍ରଛାତ୍ରୀ ମାନଙ୍କ ପାଇଁ ଆଧୁନିକ ପ୍ରଶିକ୍ଷଣ ଉପରେ ଆଲୋଚନା କରାଯାଇଥିଲା ।

ଏହି ସବୁ ମଧ୍ୟରୁ ଯାହା ବଜେଟରେ ସାମିଲ ହୋଇନାହିଁ ତାକୁ ସାମିଲ କରିବା ପାଇଁ ବୁଦ୍ଧିଜୀବୀ ମାନେ ଅନୁରୋଧ କରିଥିଲେ । କମିଶନର ଶ୍ରୀ ଅଗ୍ରୱାଲ ଏବଂ ଗଞ୍ଜାମ ଜିଲ୍ଲାପାଳ ୱି କୀର୍ତ୍ତି ୱାସନ୍ ସମସ୍ତ ପ୍ରଶ୍ନର ଉତ୍ତର ରଖିଥିଲେ ।

କମିଶନର ଶ୍ରୀ ଅଗ୍ରୱାଲ ବଜେଟ ସମ୍ପର୍କରେ ଜନସାଧାରଣଙ୍କୁ ବୈଠକ, ସାମାଜିକ ଗଣମାଧ୍ୟମ ଆଦି ବିଭିନ୍ନ ମାଧ୍ୟମରେ ସଚେତନ କରିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଉକ୍ତ ବୈଠକରେ ଗଞ୍ଜାମ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ମହାନଗର ନିଗମ ଆୟୁକ୍ତ କୁମାରୀ ଆକବରମ୍ ସସ୍ୟ ରେଡ୍ଡୀ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଜିଲ୍ଲାର ସମସ୍ତ ସାମାଜିକ ଓ ବ୍ୟବସାୟୀକ ସଂଗଠନର କର୍ମକର୍ତ୍ତା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ନାବାଳିକାଙ୍କୁ ଦୁଷ୍କର୍ମ ଓ ହତ୍ୟାକାଣ୍ଡ ମାମଲା, ଅଭିଯୁକ୍ତକୁ ଫାଶୀ ଦଣ୍ଡ

ଅନୁଗୋଳ, (ସବ୍ୟୁ): ଅନୁଗୋଳ ଜିଲ୍ଲାରେ ଘଟିଥିବା ଜଣେ ୪ ବର୍ଷର ନାବାଳିକାଙ୍କୁ ଦୁଷ୍କର୍ମ ଓ ହତ୍ୟା କରିବା ଭଳି ସମ୍ବେଦନଶୀଳ ମାମଲାର ଚୂଡାନ୍ତ ରାୟ ଆଜି ପ୍ରକାଶ ପାଇଛି । ଅନୁଗୋଳ ଅତିରିକ୍ତ ଜିଲ୍ଲା ଜଜ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଅଭିଯୁକ୍ତ ବାବୁଲା ଜେନାକୁ ଦୋଷୀ ସାବ୍ୟସ୍ତ କରି ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଦଫା ୧୩୭(୨), ୧୦୩(୧), ୬୫(୨) ଏବଂ ୨୩୮(କ) ସହିତ ପକ୍ସୋ ଆକଟର ଧାରା ୬ ଅନୁଯାୟୀ ଅଭିଯୁକ୍ତକୁ ଦଣ୍ଡିତ କରାଯାଇଛି । ମାତ୍ର ଏକ ବର୍ଷ ମଧ୍ୟରେ ଏହି ମାମଲାର ବିଚାର ପ୍ରକ୍ରିୟା ସମାପ୍ତ କରାଯାଇ ଅଭିଯୁକ୍ତକୁ ଦଣ୍ଡିତ କରାଯିବା ଘଟଣା ପୋଲିସର ଦକ୍ଷତା ଓ ତ୍ୱରିତ ନ୍ୟାୟ ପ୍ରଦାନର ଏକ ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରିଛି ।



ମାମଲାର ବିବରଣୀ ଅନୁଯାୟୀ, ଗତ ୨୦୨୫ ମାର୍ଚ୍ଚ ୧୩ ତାରିଖରେ ଇଣ୍ଡଷ୍ଟ୍ରିଆଲ ଥାନା ଅଞ୍ଚଳରେ ଜଣେ ନାବାଳିକା ନିଜ ଘର ସମ୍ମୁଖରେ ଖେଳୁଥିବା ସମୟରେ ହଠାତ ନିଖୋଜ ହୋଇଯାଇଥିଲେ । ପରିବାର ଲୋକଙ୍କ ଅଭିଯୋଗ କ୍ରମେ ଖୋଜାଖୋଜି କରାଯିବା ପରେ ମାର୍ଚ୍ଚ ୧୫ ତାରିଖରେ ନିକଟସ୍ଥ ଏକ ମହୁଲ ଗଛ ମୂଳରୁ ଶିଶୁ କନ୍ୟାର ମୃତଦେହ ଉଦ୍ଧାର କରାଯାଇଥିଲା ।

ଶବ ବ୍ୟବଚ୍ଛେଦ ରିପୋର୍ଟରୁ ନାବାଳିକାଙ୍କୁ ଦୁଷ୍କର୍ମ କରାଯିବା ସହ ଗଳା ଚିପି ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା । ଅନୁଗୋଳ ଏସପି ଶ୍ରୀ ରାହୁଲ ଜୈନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରାଯାଇଥିଲା । ଇଣ୍ଡଷ୍ଟ୍ରିଆଲ ଥାନା ଆଇଆଇସି ଏବଂ ଡିଏସପି ଯୋଗେଶ୍ୱରୀ ବେହେରାଙ୍କ ନେତୃତ୍ୱରେ ପୋଲିସ ଘଟଣାର ତୁରନ୍ତ ଅଭିଯୁକ୍ତ ବାବୁଲା ଜେନାକୁ ଗିରଫ କରିଥିଲା । ବୈଜ୍ଞାନିକ ଏବଂ ଫୋରେନସିକ୍ ପ୍ରମାଣ ସଂଗ୍ରହ, ଡିଏନଏ ନମୁନା ପରୀକ୍ଷା ଏବଂ ସଠିକ ସମୟରେ ପୋଲିସର ଚାର୍ଜସିଟ୍ ଦାଖଲ ଯୋଗୁଁ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବାରେ ପୋଲିସ ସଫଳ ହୋଇପାରିଥିଲା । ମହିଳା ଓ ଶିଶୁଙ୍କ ବିରୋଧରେ ହେଉଥିବା ଅପରାଧ କ୍ଷେତ୍ରରେ ଓଡ଼ିଶା ପୋଲିସର "ଶୂନ୍ୟ ସହନଶୀଳତା' ନୀତି ଏବଂ ପ୍ରଶାସନିକ ସମନ୍ୱୟ ଯୋଗୁଁ ପୀଡ଼ିତାଙ୍କ ପରିବାରକୁ ଖୁବ୍ କମ ସମୟ ମଧ୍ୟରେ ନ୍ୟାୟ ମିଳିପାରିଛି ।

ଏହି ଅବସରରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଅନୁଗୋଳ ଏସପି ଏବଂ ତଦନ୍ତକାରୀ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏହା ସହ ନୂତନ ଭାରତୀୟ ଆଇନ କାର୍ଯ୍ୟକାରୀ ହେବାପରେ ଦ୍ରୁତ ତଦନ୍ତ ଓ କମ ସମୟ ମଧ୍ୟରେ ଦୋଷୀ ସାବ୍ୟସ୍ତ ହାର ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି ।

ଏ ସମ୍ପର୍କରେ ଆଜି ଏସପି କାର୍ଯ୍ୟାଳୟ ଠାରେ ଅନୁଗୋଳ ଏସପି ରାହୁଲ ଜୈନ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ ସୂଚନା ପ୍ରଦାନ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଡିଏସପି ଜ୍ୟୋତ୍ସ୍ନାରାଣୀ ବେହେରା, ନିଶା ଥାନା ଆଇଆଇସି ବିବେକାନନ୍ଦ ଅମାନ୍ତ, ଅନୁଗୋଳ ପକ୍ସୋ କୋର୍ଟର ସରକାରୀ ଓକିଲ ଦିଲ୍ଲୀପ କୁମାର ଦାସ, ପୂର୍ବତନ ସରକାରୀ ଓକିଲ ସରୋଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ, ଡ୍ରାଇଭର ଗିରଫ

ରେଙ୍ଗାଳି, (ସବ୍ୟୁ): କଣିହାଁ ବ୍ଲକ ରେଙ୍ଗାଳି ଥାନା ଦେନାଳୀ ଗ୍ରାମ ନିକଟ ବେଆଇନ ବାଲି ଘାଟରେ ପୋଲିସ ଚଢାଉ କରି ଏକ ବାଲି ବୋଝେଇ ଟ୍ରାକଟର ଜବତ କରିବା ସହ ଏହାର ଚାଳକକୁ ଗିରଫ କରିଛି । ପୋଲିସ ସୂତ୍ରରୁ ପ୍ରକାଶ ଦେନାଳିର ବେଆଇନ ବାଲି ଘାଟରୁ ଚୋରା ବାଲି ଚାଲାଣ ହେଉଥିବା ଖବର ପାଇ ରେଙ୍ଗାଳି ପୋଲିସ ଗୁରୁବାର ସଂଧ୍ୟାରେ ଚଢାଉ କରିଥିଲା । ଘାଟରୁ ଏକ ବାଲି ବୋଝେଇ ଟ୍ରାକଟର ନଂ(ଓଡି ୧୯-୬୧୫୪) କୁ ଜବତ କରିବା ସହ ରେଙ୍ଗାଳି ଗ୍ରାମ ବାଉଁଶମାଳ ସାହିର ଗାଡି ଚାଳକ ମିଟୁ ପାତ୍ର (୩୪) କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି । ରେଙ୍ଗାଳି ଅଞ୍ଚଳରେ ବେଆଇନ ବାଲି ଚୋରା ଚାଲାଣକୁ ରୋକିବାକୁ ଚଢାଉକୁ ଜୋରଦାର କରାଯିବ ବୋଲି ଆଇଆଇସି ଚଞ୍ଚଳା ନାୟକ ସୂଚନା ଦେଇଛନ୍ତି ।

# ଜିଲ୍ଲା ଯୋଜନାବୋର୍ଡ ଅଧ୍ୟକ୍ଷାଙ୍କ ଦାୟିତ୍ୱ ଗ୍ରହଣ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷା ତଥା ହିନ୍ଦୋଳ ବିଧାୟିକା ଶୁକ୍ରବାର ବିଧିବଦ୍ଧ ଭାବରେ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି । ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ବୈଠକରେ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷା ଭାବେ ବିଧାୟିକା ହିନ୍ଦୋଳ ସୀମାରାଣୀ ନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି ।

ଏହି ଅବସରରେ ସେ ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହ ଆଗକୁ ଜିଲ୍ଲାର ବିକାଶ ପାଇଁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କରାଯିବ ବୋଲି ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ବିଧାୟିକା ହିନ୍ଦୋଳଙ୍କୁ



ପୁଷ୍ପଗୁଚ୍ଛ ଦେଇ ତାଙ୍କର ନୂତନ ଦାୟିତ୍ୱ ପାଇଁ ଶୁଭେଚ୍ଛା ଜଣାଇଥିଲେ ।

ଏହି ଅବସରରେ ଉପସ୍ଥିତ ଥିବା କାମାକ୍ଷାନଗରର ବିଧାୟକ ଶତ୍ରୁଘ୍ନ ଜେନା କହିଥିଲେ ଯେ, ଶ୍ରୀମତୀ ସୀମାରାଣୀ ନାୟକ ଆମ ଜିଲ୍ଲାର ବିଧାୟିକା ତେଣୁ, ସେ ଜିଲ୍ଲା ବାବଦରେ ଅବଗତ ଅଛନ୍ତି । ତେଣୁ ତାଙ୍କ ଦାୟିତ୍ୱ ସେ ସୂଚାର ରୂପେ ତୁଲାଇବା ସହ ଜିଲ୍ଲାର ବିକାଶକୁ ଆଗେଇନେବେ । କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୀପ୍ତି ରଞ୍ଜନ ସେଠି, ବୁଦ୍ଧିଜୀବୀ, ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ ।

# ବରପୁତ୍ରଙ୍କ ଜୀବନୀ ଉପରେ ଆଲୋଚନାଚକ୍ର ଓ ପାଲା

ଆଠମଲ୍ଲିକ, (ସବ୍ୟୁ): ଓଡ଼ିଆ ପକ୍ଷ ପାଳନ ଅବସରରେ ଆଠମଲ୍ଲିକ ଏନ.ଏ.ସି. କାର୍ଯ୍ୟାଳୟ ନିକଟସ୍ଥ କଲ୍ୟାଣୀ ମଣ୍ଡପ ପରିସରରେ ଶୁକ୍ରବାର ବରପୁତ୍ର ମାନଙ୍କ ଜୀବନୀ ଉପରେ ଆଲୋଚନା ଚକ୍ର ଓ ପାଲା ପରିବେଷଣ ଅନୁଷ୍ଠିତ ହୋଇଥିଲା । ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ଅଧ୍ୟକ୍ଷା ଆଶା କୁମାରୀ ସାହୁ , ମୁଖ୍ୟବକ୍ତା ଭାବରେ ଶିକ୍ଷାବିତ ଜୀବର୍ଦ୍ଧନ ବାରିକ, ସମ୍ମାନିତ ଅତିଥି ଭାବରେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପିତାମ୍ବର ବିଶ୍ୱାଳ ପ୍ରମୁଖ ଯୋଗଦେଇ ବରପୁତ୍ର ମାନଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ସମେତ ଉପସ୍ଥିତ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷଙ୍କୁ ବରପୁତ୍ର ମାନଙ୍କ ଜୀବନୀ ପୁସ୍ତକ ବଣ୍ଟନ କରାଯିବା ସହିତ ପାଲା ପରିବେଷଣ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଡି.ଏମ.ଏମ. ସୀମା ପ୍ରଧାନ ମଞ୍ଚ ସଂଯୋଜନା କରିଥିବା ବେଳେ ସ୍ୱଚ୍ଛ ବିଶେଷଜ୍ଞ ଅବିନାଶ ମିଶ୍ର, ଗୋଷ୍ଠୀ ସଂଯୋଜିକା ସଂଗୀତା ମହାପାତ୍ର, ପୌର କର୍ମଚାରୀ କଲ୍ୟାଣୀ ଗଡ଼ନାୟକ, ବିନୋଦ ଗୋଛାୟତ, ନିର୍ମଳ ବେହେରା, ରମାକାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ମାଲାବାର ଗୋଲ୍ଡ ଅନୁଗୁଳ ଷ୍ଟୋର ପକ୍ଷରୁ କଳାତ୍ମକ ପ୍ରସ୍ତୁତି

ଅନୁଗୁଳ, (ସବ୍ୟୁ): ଗୁରୁବାର ସୁନା ଓ ହୀରା ଗହଣାର ଅଗ୍ରଣୀ ପ୍ରତିଷ୍ଠାନ ମାଲବାର ଅନୁଗୁଳ ଶାଖା ପକ୍ଷରୁ ଏହାର ଗହଣା ଗୁଡ଼ିକର ଏକ କଳାତ୍ମକ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି । ଅନୁଗୁଳ ବଣିକ ସଂଘ କେଟର ଅଧ୍ୟକ୍ଷ ତଥା ଜାତୀୟ ଉପ ସଭାପତି ରାଜକୁମାର ଶୁକ୍ଳା ମୁଖ୍ୟ ଅତିଥିରୂପେ ସମାରୋହକୁ ଉଦଘାଟନ କରିଥିଲେ ।

ମାଲବାର ସୁନା ଓ ହୀରା ଗହଣାର ଶୁଦ୍ଧତା ଓ ଆକର୍ଷଣୀୟ





ଅଫର୍ ଯୋଗୁଁ ଏହା ପ୍ରତି ଗ୍ରାହକଙ୍କ ରଚି ବଢ଼ିଥିବା ଶ୍ରୀ ଶୁକ୍ଳା ପ୍ରକାଶ କରିଥିଲେ । ଏପ୍ରିଲ ୯ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ମାଲବାର ପକ୍ଷରୁ ଗହଣାର ସ୍ୱତନ୍ତ୍ର ପ୍ରଦର୍ଶନୀ ଚାଲୁ ରହିଛି । ପ୍ରତିଟି ଗହଣାରେ କଳାର ଉତ୍କର୍ଷତା ପ୍ରସ୍ଫୁଟିତ ହୋଇଛି ଯାହାକି ସବୁ ପ୍ରକାର ଗ୍ରାହକଙ୍କୁ ଏହା ପସନ୍ଦ ଆସିବ ବୋଲି ମାଲବାର ଚେୟାରମ୍ୟାନ୍ ଏମପି ଅହମ୍ମଦ ପ୍ରକାଶ କରିଛନ୍ତି ।

ମାଲାବାର ଅନୁଗୋଳ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାଉନସିଲର ରଞ୍ଜୀତ ମାଣ୍ଡୋଠିଆ (ପପଲି ), ଅନୁଗୋଳ ଷ୍ଟୋରର ମ୍ୟାନେଜର ୟୁନୁସ, ଅନୁଗୋଳ ସହରର ମାନ୍ୟଗଣ୍ୟ ବ୍ୟକ୍ତି, ମହିଳାଙ୍କ ସମେତ ବହୁ ଗ୍ରାହକ ଉପସ୍ଥିତ ଥିଲେ ।

# ଲଜ୍‌ରୁ ୪ ଦେହଜୀବୀଙ୍କ ସହ ଦୁଇ ଗ୍ରାହକ ଉଦ୍ଧାର

ବଣ୍ଟଁରପାଳ, (ସବ୍ୟୁ): ଅନୁଗୋଳ ଜିଲ୍ଲା ବଣ୍ଟଁରପାଳ ବ୍ଲକ ତୁରଙ୍ଗ ଅଞ୍ଚଳରେ ଥିବା ଏକ ଲଜ୍‌ରେ ଦେହ ବେପାର ଚାଲୁଥିବା ସୂଚନା ପାଇ ଗୁରୁବାର ରାତିରେ ସ୍ୱତନ୍ତ୍ର ପୁଲିସ ଟିମ୍ ଓ ଟାଉନ୍ ଥାନା ପୋଲିସ ଚଢ଼ାଉ କରିଥିଲେ । ଉକ୍ତ ଲଜ୍‌ରୁ ୪ ଜଣ ଯୁବତୀଙ୍କୁ ଉଦ୍ଧାର କରିଥିଲେ । ଏଥିସହିତ ଅସଞ୍ଜତ ଅବସ୍ଥାରେ ଥିବା ଦୁଇ ଗ୍ରାହକଙ୍କୁ ପୁଲିସ ଧରିବାରେ ସଫଳ ହୋଇଥିଲେ । ଲଜ୍ କର୍ମଚାରୀ, ଗ୍ରାହକ ଓ ଦେହଜୀବୀ ମାନଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ କରୁଛନ୍ତି ଟାଉନ୍ ଥାନା ପୋଲିସ । ଜନସାଧାରଣଙ୍କ ଅଭିଯୋଗ କ୍ରମେ ଗତ ମାର୍ଚ୍ଚ ୨୭ ତାରିଖରେ 'ସମୟ' ରେ ଖବର ପ୍ରକାଶ ପାଇଥିଲା 'ହୋଟେଲରେ ଦେହବେପାର ସାଙ୍ଗକୁ ଜମୁଛି ମଦ ଆସର ' । ଏହାର ପ୍ରଭାବରେ ସ୍ୱତନ୍ତ୍ର ପୋଲିସ ଟିମ୍ ବିଭିନ୍ନ ହୋଟେଲ ଓ ଲଜ୍ ଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିଥିଲେ । ଏଠାରେ ପ୍ରକାଶଯେ, ଦଲାଲ ମାନେ ଗାଁ ଗହଳିର ନିରୀହ ଯୁବତୀ ମାନଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଦେହ ବେପାରରେ ସାମିଲ କରୁଛନ୍ତି । ବଣ୍ଟଁରପାଳ ଓ ନାଲକୋନଗର ଥାନା ଅଞ୍ଚଳରେ ଥିବା କିଛି ହୋଟେଲ, ଲଜ୍ ଗୁଡ଼ିକରେ ଦେହବେପାର ଚାଲୁଥିବା ବେଳେ ସ୍ଥାନୀୟ ଥାନା ପୋଲିସ କିଭଳି ଜାଣି ପାରୁନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଉଚ୍ଚ ପୋଲିସ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ମଶାଲ ଶୋଭାଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ବୈଠକ

ଆଠମଲ୍ଲିକ, (ସବ୍ୟୁ): ଅନୁଗୁଳ ଜିଲ୍ଲା ମହୋତ୍ସବ ଉପଲକ୍ଷେ ଅନୁଷ୍ଠିତ ମଶାଲ ଶୋଭାଯାତ୍ରାକୁ ଶୃଙ୍ଖଳିତ ଓ ଆକର୍ଷଣୀୟ କରିବା ପାଇଁ ପ୍ରସ୍ତୁତି ବୈଠକରେ ନିଷ୍ପତି ନିଆଯାଇଥିବା ଜଣାପଡିଛି । ସ୍ଥାନୀୟ ତହସିଲ ସମ୍ମିଳନୀ କକ୍ଷରେ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏସଡିପିଓ ସୁଶାନ୍ତ ତାଉଡ଼ିଆ, ଏନଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତି ରଞ୍ଜନ ବାଗ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟିଟୋସ ମହାନନ୍ଦିଆ, ତହସିଲଦାର ପ୍ରସନ୍ନ ଟେଟେ, ସହକାରୀ ଜିଲ୍ଲାପାଳ ବିଶ୍ୱଜ୍ୟୋତି ମହାନ୍ତି, ରେଞ୍ଜ ଅଧିକାରୀ ସୁନିଲ କୁମାର ସାହୁ, ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା, ସି.ଡି.ପି.ଓ. ତରଙ୍ଗିଣୀ ମିର୍ଦ୍ଧା, ଅଗ୍ନିଶମ ବାହିନୀ ଅଧିକାରୀ ପ୍ରଶାନ୍ତ ସାମଲ, ଅତିରିକ୍ତ ଆଇଆଇସି ବିକାଶ ସାମଲଙ୍କ ସମେତ ବହୁ ଶିକ୍ଷାନୁଷ୍ଠାନ ଓ ବିଭାଗୀୟ ଅଧିକାରୀ, କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇ ମତାମତ ରଖିଥିଲେ । ନିଷ୍ପତି ଅନୁଯାୟୀ ମଶାଲକୁ ପ୍ରଥମରେ ମହାନ ଶୈବପୀଠ ଦେଉଳଝରିକୁ ନିଆଯାଇ ଯଥା ପୂଜା ରୀତିନୀତି କରାଯାଇ ଅଗ୍ନି ସଂଯୋଗ କରାଯିବା ପରେ ଶୋଭାଯାତ୍ରା ବାହାରିବ । ଶୋଭାଯାତ୍ରା ସହର ପରିକ୍ରମା କରି ଅଂଚଳର ଅଧିଷ୍ଠାତ୍ରୀ ଦେବୀ ମା ମାହେଶ୍ୱରୀଙ୍କ ମନ୍ଦିରକୁ ନିଆଯାଇ ପୂଜା କରାଯିବ । ତାପରେ ଗାନ୍ଧୀପାର୍କ ନିକଟରୁ କିଶୋରନଗର ଅଭିମୁଖେ ମଶାଲ ଶୋଭାଯାତ୍ରା ବାହାରିବ । ଶୋଭାଯାତ୍ରା ସମୟରେ ବିଭିନ୍ନ ବିଭାଗର ସଚେତନତା ବାର୍ତ୍ତା ଥିବା ରଥ ସାମିଲ ହେବ । ମଶାଲ ଶୋଭାଯାତ୍ରାରେ ଅଧିକରୁ ଅଧିକ ଜନସାଧାରଣ ଯୋଗ ଦେବାପାଇଁ ଉପଜିଲ୍ଲାପାଳ ଶ୍ରୀ ଲୁହା ଅନୁରୋଧ କରିଥିଲେ ।

## ଶିକ୍ଷା ବିଭାଗର ମନମୁଖୀ କାର୍ଯ୍ୟ

# ବିଦ୍ୟାଳୟରେ ତାଲା ପକାଇଲେ ଅଭିଭାବକ

ଓଡାପଡା, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ଶିବପୁର ଗ୍ରାମବାସୀ ମାନେ ଶିକ୍ଷା ବିଭାଗର ମନମାନି ଅଭିଯୋଗ କରି ଶିବପୁର ଉଚ୍ଚ ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ଆନ୍ଦୋଳନ କରିଥିବା ଜଣାପଡିଛି । ଖବର ନେବାରେ ଜଣାଗଲା ଯେ ଗତ ଦୁଇ ବର୍ଷ ତଳେ ଶିବପୁର ବିଦ୍ୟାଳୟର ପରିଚାଳନା କମିଟିକୁ ଭାଙ୍ଗି ଦେଇ ନୂତନ କମିଟି ଗଠନ କରିବା ପାଇଁ ଶିବପୁର ପଞ୍ଚାୟତ ସରପଞ୍ଚ, ମାନସ ମହାକୁଡ଼, ସମିତି ସଭ୍ୟା ରିତାରାଣୀ ଭୋଇଙ୍କ ସହିତ ଗ୍ରାମବାସୀ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ଶିକ୍ଷା ବିଭାଗର ସମସ୍ତ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇ ଆସୁଥିଲେ ମଧ୍ୟ ସେମାନଙ୍କ ଅଭିଯୋଗ ଶୁଣି ନଥିଲେ । ଫଳରେ ଅଭିଭାବକମାନେ ଅସନ୍ତୋଷ ବ୍ୟକ୍ତ କରି ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ଆନ୍ଦୋଳନ କରିଥିଲେ । ସେମାନଙ୍କର ଅଭିଯୋଗ ହେଲା ବିଦ୍ୟାଳୟର ପରିଚାଳନା କମିଟି ଗଠନ ନହୋଇ ବିଦ୍ୟାଳୟ କିପରି ଚାଲିଛି । ସରକାରୀ ଅନୁଦାନ କିପରି ଖର୍ଚ୍ଚ କରାଯାଉଛି ଏବଂ ଜଣେ ବିଜ୍ଞାନ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ଆନ୍ଦୋଳନ କାରି ଦାବି କରିଛନ୍ତି । ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ଦାସଙ୍କୁ ପଚାରିବାରୁ ସେ ମହାଶୟ କହିଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଠାରୁ କୌଣସି ନିର୍ଦ୍ଦେଶନାମା ଜାରି କରାଯାଇ ନଥିବାରୁ ନୂତନ କମିଟି ଗଠନ କରାଯାଇ ପାରୁନାହିଁ । ଏ ସମ୍ପର୍କରେ ଢେଙ୍କାନାଳ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ପାତ୍ରଙ୍କ ମୋବାଇଲ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ । ଖବରପାଇ କଣ୍ଟାବଣିଆ ପୋଲିସ ଘଟଣାସ୍ଥଳରେ ପହଂଚି ଆନ୍ଦୋଳନ କାରିଙ୍କୁ ବୁଝାସୁଝା କରିବା ପରେ ବିଦ୍ୟାଳୟର ଗେଟ୍ ଖୋଲା ଯାଇଥିଲା ।

# ୬ଦଫା ଦାବି ନେଇ ଜଗନ୍ନାଥ ଜିଏମ ଅଫିସ୍ ପରିସରରେ ଗଣଧାରଣା

ତାଳଚେର, (ସବ୍ୟୁ): ଅଫିସ୍ କ୍ୟାଣ୍ଟିନ୍ ମାର୍ଚ୍ଚ ୨୦୨୬ରୁ ଥିବା କଥା ଅନୁଯାୟୀ ରବିବାର ଏବଂ ସରକାରୀ ଛୁଟି ଦିନରେ ଜିଏମୟୁନିଟ୍ ଏବଂ ସେଣ୍ଟ୍ରାଲ ଷ୍ଟୋର (ଜଗନ୍ନାଥ ଏରିଆ)ର ସମସ୍ତ କର୍ମଚାରୀଙ୍କୁ ନିୟୋଜିତ କରାଯାଉ, ସମାୟୁନୁବର୍ତିତା ଅନୁସାରେ ପଦୋନ୍ନତି ଏବଂ କ୍ୟାଡ଼ର୍ ଚେଞ୍ଜ, ଦୁଇଚକିଆ ଓ ଚାରିଚକିଆ ଯାନ ପାଇଁ ପାର୍କିଙ୍ଗ ସ୍ଥଳୀ ନିର୍ମାଣ, ଜିଏମ ଅଫିସ୍ ସମ୍ମୁଖରେ ପୂଜାମଣ୍ଡପ ନିର୍ମାଣ, ସ୍ଥାନାନ୍ତରିତ ରୋଗୀଙ୍କ ଚିକତ୍ସା ବିଲର ଠିକ ସମୟରେ ପରିଶୋଧ କରାଯାଉକୁ ନେଇ ୬ଦଫା ଦାବିରେ ଆଜି ସକାଳ ୧୦ଘଟିକା ସମୟରୁ ଏଆଇଏନଟିୟୁସି ଓ ଏଚଏମଏସ୍ ମିଳିତ ଭାବେ ଶତାଧିକ ଶ୍ରମିକ ଗଣଧାରଣାରେ ବସିଥିଲେ । ସେମାନେ ପୂର୍ବରୁ ଏସମ୍ପର୍କରେ ଉଚ୍ଚପଦାଧିକାରୀଙ୍କ ସହ ଆଲୋଚନା କରାଯାଇଥିଲେ ମଧ୍ୟ ଫଳ କିଛି ନମିଳିବାରୁ ବାଧହୋଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ବୋଲି ଏଚଏମଏସ୍ ସମ୍ପାଦକ ଜେସି ମିଶ୍ର ଓ ଏଆଇଏନଟିୟୁସି ବିଜୟ ଦାସ ପ୍ରେସ୍ ମାଧ୍ୟରେ ସୂଚନା ପ୍ରଦାନ କରିଛନ୍ତି । ଏହାର କପି ନିର୍ଦ୍ଦେଶକ (ଏଚଆର) ବୁର୍ଲା, ଜେନେରୋଲ ମ୍ୟାନେଜର (ଏଚଆର /ଆଇଆର), ଜେନେରାଲ ମ୍ୟାନେଜର (ଏଚଆର/ ଏଚଆରଏମ) ଏମସିଏଲ ଜଗନ୍ନାଥକୁ ପ୍ରଦାନ କରଛନ୍ତି ।

# ଜୁଆଙ୍ଗମାନଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ





କଙ୍କଡାହାଡ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ ବ୍ଲକ ପୁଟିପାଳ ଠାରେ ଜୁଆଙ୍ଗ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜୁଆଙ୍ଗ ସମ୍ପ୍ରଦାୟର ସର୍ବାଙ୍ଗୀନ ଉନ୍ନତି ସୁନିଶ୍ଚିତ କରିବା ପାଇଁ ସମ୍ପୂର୍ଣ୍ଣତା ଅଭିଆନ ୨.୦ ଅଧୀନରେ ପୁଟିପାଳରେ ଜୁଆଙ୍ଗ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

ଏହି କାର୍ଯ୍ୟକ୍ରମରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କଙ୍କଡାହାଡ ବ୍ଲକ ଉନ୍ନୟନ ଅଧିକାରୀ ଯଶୋବନ୍ତ ଦେହୁରୀ, ଏସଇଆଇ ଦେବାଶିଷ ପଟ୍ଟନାୟକ, ନିତିର ବିକାଶ ସହଭାଗୀ ଭାବରେ ଆଭା ଅନୁଷ୍ଠାନ ଏବଂ ସମସ୍ତ ବିଭାଗର ଅଧିକାରୀ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ସମସ୍ତ ବିଭାଗ ଶିବିର ସ୍ଥାପନ କରି ସେଠାରେ ସେବା ପ୍ରଦାନ କରିଥିଲେ । ସେହିଠାରେ ହିଁ ଲୋକଙ୍କ ଅଭିଯୋଗକୁ ଗ୍ରହଣ କରି ସମାଧାନ କରାଯାଇଥିଲା ।

କାର୍ଯ୍ୟକ୍ରମରେ ବିଧାୟକ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ଶିଶୁ ଏବଂ ଶ୍ରମିକମାନଙ୍କ ସହ କଥାବାର୍ତ୍ତା କରିଥିଲେ, ଅଧ୍ୟୟନ ଟେବୁଲ ଏବଂ ଚେୟାର ବଣ୍ଟନ କରିଥିଲେ ଏବଂ ସେବା ବିତରଣର ସମୀକ୍ଷା କରିଥିଲେ । ଏକ ଶିଶୁର ଅଭିବୃଦ୍ଧି ମାପ ମଧ୍ୟ ଯାଞ୍ଚ କରାଯାଇଥିଲା ।

ମିଲେଟ ଆଧାରିତ ପୁଷ୍ଟିକର ଖାଦ୍ୟ ଏବଂ ଜୁଆଙ୍ଗ ସମ୍ପ୍ରଦାୟ ମଧ୍ୟରେ ପୁଷ୍ଟିକର ଅଭାବକୁ ଦୂର କରିବା ପାଇଁ ଏକ ମିଲେଟ ମିଶନ ଖାଦ୍ୟ ଶିବିର ଆୟୋଜନ କରାଯାଇଥିଲା । ଏଥି ସହିତ କଙ୍କଡାହାଡ଼ ବ୍ଲକର କାନ୍ତୋଲ ପଞ୍ଚାୟତ ଅନ୍ତର୍ଗତ ଏକୁଲ ଗ୍ରାମରେ ସମ୍ପୂର୍ଣ୍ଣତା ଅଭିଯାନ ୨.୦ ଅଧୀନରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଖାଦ୍ୟ ସୁରକ୍ଷା ସୁବିଧା ସୁନିଶ୍ଚିତ କରିବା ପାଇଁ ଯୋଗ୍ୟ ହିତାଧିକାରୀଙ୍କୁ ରେସନ କାର୍ଡ ବଣ୍ଟନ କରାଯାଇଥିଲା ।

# ଓଡ଼ିଆ ନବବର୍ଷ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ଅନୁଗୋଳ, (ସବ୍ୟୁ): ଅନୁଗୋଳର ଅନ୍ୟତମ ସେବା-ସାଂସ୍କୃତିକ ଅନୁଷ୍ଠାନ ଆମ ସଂସ୍କୃତି ପକ୍ଷରୁ ଓଡ଼ିଆ ନବବର୍ଷ ଓ ବିଷୁବ ମିଳନ ମହୋତ୍ସବ ପାଳନ ନିମନ୍ତେ ଅନୁଷ୍ଠାନର ସଭାପତି ବରିଷ୍ଠ ଆଇନଜୀବୀ ଦ୍ୱାରିକା ପ୍ରସାଦ ନନ୍ଦଙ୍କ ପୌରାହିତ୍ୟରେ ଆଜି ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଓଡ଼ିଆ ନବବର୍ଷକୁ କିପରି ସଫଳତାର ସହ ପାଳନ କରାଯିବ ସେଥିପାଇଁ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା ।

ଏହି ବୈଠକରେ ଅନୁଷ୍ଠାନର ଉପ ସଭାପତି ଗୋପାଳ ଚନ୍ଦ୍ର ନାଥ, ସାଧାରଣ ସମ୍ପାଦକ ବସନ୍ତ ଦାସ, ସାଂସ୍କୃତିକ ସମ୍ପାଦକ ଚଣ୍ଡିକା ପ୍ରସାଦ ନନ୍ଦ, ସହ ସମ୍ପାଦକ ରାମକୃଷ୍ଣ ତ୍ରିପାଠୀ, ଉପଦେଷ୍ଟା ବିଜୟ କୁମାର ସାହୁ, ହେମନ୍ତ କୁମାର ଦାସ ରବୀନ୍ଦ୍ର କୁମାର ଧର, ପ୍ରମୋଦ କୁମାର ପ୍ରଧାନ, ନିରୋଦ କୁମାର ମିଶ୍ରଙ୍କ ସମେତ ଅନୁଷ୍ଠାନର ବହୁ ସଭ୍ୟସଭ୍ୟାମାନେ ଯୋଗ ଦେଇଥିଲେ ।

# କଣିହାଁରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ

କଣିହାଁ, (ସବ୍ୟୁ): କଣିହାଁ ବ୍ଲକ କାର୍ଯ୍ୟାଳୟ ପରିସରସ୍ଥ ପବିତ୍ର ମୋହନ ସଭାଗୃହ ଠାରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମରେ ତାଳଚେର ବିଧାୟକଙ୍କ ପ୍ରତିନିଧି ସୁନିଲ ପ୍ରଧାନ, ପାଲଲହଡା ବିଧାୟକଙ୍କ ପ୍ରତିନିଧି ପହ୍ଲାଦ ସାମଲ, କଣିହାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ପ୍ରଧାନ, ବିଡିଓ ତ୍ରିବିକ୍ରମ କୁମୁରା, ଏବିଡିଓ ସୁତିକ୍ଷ୍ଣା ମହାପାତ୍ର ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ



କରିଥିଲେ । ପରେ କଳାକାରଙ୍କ ଦ୍ୱାରା ବିଭିନ୍ନ କଳା ପ୍ରଦର୍ଶନ କରାଯାଇଥିଲା । ଉତ୍ତରୀୟ ଏବଂ ମାନପତ୍ର ଦେଇ ଉପସ୍ଥିତ ଥିବା ସମସ୍ତ କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏଡିଇଓ ,କାର୍ଯ୍ୟ କାରୀ ସାମାଜିକ ସୁରକ୍ଷା ଅଧିକାରୀ ଟୁକୁନା ବେହେରା ପ୍ରମୁଖ ବ୍ଲକର ସମସ୍ତ ବିଭାଗିୟ ଅଧିକାରୀ ଏବଂ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଅନୁଗୁଳ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସମସ୍ୟା ଜଣାଇଲେ

ପାଲଲହଡ଼ା, (ସବ୍ୟୁ): ଶୁକ୍ରବାର ଅନୁଗୁଳ ଜିଲ୍ଲାର ନବନିଯୁକ୍ତ ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପାଲଲହଡା ବିଧାୟକ ଅଶୋକ ମହାନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସଭା ଭବନଠାରେ ସାକ୍ଷାତ କରି ପାଲଲହଡା ତଥା ଅନୁଗୁଳ ଜିଲ୍ଲାର ବିଭିନ୍ନ ସମସ୍ୟା ଓ ତାର ସ୍ଥାୟୀ ସମାଧାନ ସମ୍ପର୍କରେ ଅବଗତ କରିଥିଲେ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତକରି ଅନୁଗୋଳ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ କରିଥିବାରୁ ଧନ୍ୟବାଦ ଜଣାଇବା ସହିତ ମୁଖ୍ୟମନ୍ତ୍ରୀ ତାଙ୍କ ଉପରେ ଯେଉଁ ଅଖଣ୍ଡ ଭରସା ଓ ବିଶ୍ୱାସକରି ଯେଉଁ ଗୁରୁଦାୟିତ୍ୱ ଦେଇଛନ୍ତି ତାହାକୁ ସେ ନିଷ୍ଠାର ସହ ପାଳନ କରି ପାଲଲହଡ଼ା ତଥା ଅନୁଗୋଳ ଜିଲ୍ଲାର ସର୍ବାଙ୍ଗୀନ ବିକାଶ କାର୍ଯ୍ୟ ପାଇଁ ପ୍ରତିବଦ୍ଧ ବୋଲି କହିଛନ୍ତି । ଅନୁଗୋଳ ଜିଲ୍ଲା ତଥା ପାଲଲହଡ଼ାର ବିକାଶ ମୂଳକ କାର୍ଯ୍ୟ ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ମୁଖ୍ୟମନ୍ତ୍ରୀ ମଧ୍ୟ ଅନୁଗୋଳ ଜିଲ୍ଲା ତଥା ପାଲଲହଡ଼ାର ବିକାଶମୂଳକ କାର୍ଯ୍ୟ ପାଇଁ ସମସ୍ତ କ୍ଷେତ୍ରରେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

# ଶିଶୁ ସାହିତ୍ୟ ସମ୍ପାଦକ ସମ୍ମିଳନୀରେ ଆମ କୁନାକୁନି ସଂପାଦକ ସମ୍ବର୍ଦ୍ଧିତ

ସାଉଥବଲଣ୍ଡା, (ସବ୍ୟୁ) : ନିଖିଳ ଉକିଳ ପରଶମଣି ଶିଶୁ ସାହିତ୍ୟ ସଙ୍ଗଠନ ଆନୁକୂଲ୍ୟରେ ଭୁବନେଶ୍ୱର ସ୍ଥିତ ଜୟଦେବ ଶିକ୍ଷାକେନ୍ଦ୍ର ପରିସରରେ ରାଜ୍ୟସ୍ତରୀୟ ପ୍ରଥମ ଶିଶୁ ସାହିତ୍ୟ ସମ୍ପାଦକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଶିଶୁ ସାହିତ୍ୟିକ ତଥା ଶିକ୍ଷାବିତ୍ ଡକଟର ନରେନ୍ଦ୍ର ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ଶିଶୁ ସାହିତ୍ୟିକ ଡକ୍ଟର ମହେଶ୍ୱର ମହାନ୍ତି, ମୁଖ୍ୟବକ୍ତା ଭାବରେ ବରିଷ୍ଠ ଶିଶୁ ସାହିତ୍ୟିକ ଗବେଷକ ଡକ୍ଟର ମନୀନ୍ଦ୍ର





ମହାନ୍ତି, ସମ୍ମାନିତ ଅତିଥି ଭାବରେ ଟୁଉକୁମୁଷି ଶିଶୁ ପତ୍ରିକାର ସଂପାଦକ ବୀରେନ୍ଦ୍ର କୁମାର ସାମନ୍ତରାୟ, ବରେଣ୍ୟ ଅତିଥି ଭାବରେ ସଂସାର ଶିଶୁ କିଶୋର ପତ୍ରିକାର ସଂପାଦିକା ଅନସୂୟା ନନ୍ଦ, ପରଶମଣି ଶିଶୁ ସାହିତ୍ୟ ସଂଗଠନର ସଭାପତି ଡକଟର ରାମଚନ୍ଦ୍ର ଦେଓ ଓ ସଂପାଦକ ସୁଶାନ୍ତ କୁମାର ସେନାପତି ପ୍ରମୁଖ ମଞ୍ଚାସୀନ ହୋଇଥିଲେ ।

ଏଥିରେ ରାଜ୍ୟରୁ ପ୍ରାୟ ଏକସ୍ତରୀ ଜଣ ଶିଶୁ ପତ୍ରିକା ସମ୍ପାଦକ ଓ ସଂପାଦିକା ଯୋଗ ଦେଇଥିଲେ । ଏହି ଅବସରରେ ଅନୁଗୋଳ ଜିଲ୍ଲା ତାଳଚେର ବ୍ଲକର କଳମଛୁଇଁ ଗ୍ରାମସ୍ଥିତ ମା ହିଙ୍ଗୁଳା ପାଠାଗାର ଆନୁକୂଲ୍ୟରେ ପ୍ରକାଶିତ ତ୍ରୈମାସିକ ଶିଶୁ କିଶୋର ପତ୍ରିକା ଆମ କୁନାକୁନିର ସଂପାଦକ ଶିଶୁ ସାହିତ୍ୟିକ ବିଭୂତି ଭୂଷଣ ସ୍ୱାଇଁଙ୍କୁ ପଦକ ସହ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରା ଯାଇଥିଲା । ଏହି ଅବସରରେ ଡକ୍ଟର ରାମଚନ୍ଦ୍ର ଦେଓ ଓ ସୁଶାନ୍ତ କୁମାର ସେନାପତିଙ୍କ ସଂପାଦନାରେ ପ୍ରକାଶିତ ସଂପାଦକ ଡାଇରି ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିବା ସହ ସମସ୍ତ ସଂପାଦକ, ସଂପାଦିକାମାନଙ୍କୁ ପ୍ରଦାନ କରାଯାଇଥିଲା

# ଉଦ୍‌ଘାଟିତ ହେଲା ଦ୍ୱିତୀୟ ମହିମା ବହିମେଳା

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ମିନି ଷ୍ଟାଡିୟମ ଠାରେ ଶୁକ୍ରବାର ଦିନ ଦ୍ୱିତୀୟ ମହିମା ବହିମେଳା ୨୦୨୬ ଉଦଘାଟିତ ହୋଇଯାଇଛି । ଢେଙ୍କାନାଳ ଜିଲ୍ଲା ପ୍ରଶାସନ ଓ ଏନ୍‌ଜିଓ ନ୍ୟୁ ଇଣ୍ଡିଆର ସହଭାଗିତାରେ ଆୟୋଜିତ ଏହି ବହି ମେଳା ଚଳିତ ମାସ ୧୦ ତାରିଖ ଠାରୁ ଆରମ୍ଭ ହୋଇ ଚଳିତ ମାସ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ ।

ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କର ଖାଉଟୀ କଲ୍ୟାଣ ଓ ଯୋଗାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ । ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଯୋରନ୍ଦା ମହିମା ପୀଠର କୌପୀନଧାରୀଙ୍କର ନିତ୍ୟାନନ୍ଦ ବାବା, ବଲ୍କଳଧାରୀଙ୍କର ପାଗଳ ବାବା ଏବଂ ନ୍ୟୁ ଇଣ୍ଡିଆର ସମ୍ପାଦକ ଶେଷଦେବ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ୫୦ଟି ଷ୍ଟଲ ନିର୍ମିତ ହୋଇଥିବା ବେଳେ ରାଜ୍ୟର ବିଭିନ୍ନ ପୁସ୍ତକ ସଂଗ୍ରାଳୟ ମାନେ ସେମାନଙ୍କର ଷ୍ଟଲ ଖୋଲିଛନ୍ତି ।



କସ୍ତୁରବା ଗାନ୍ଧି

**ଆର୍ବିଭାବ -୧୧ ଏପ୍ରିଲ ୧୮୬୯**
**ତିରୋଧାନ- ୨୨ ଫେବୃୟାରୀ ୧୯୪୪**

# ଦୁର୍ନୀତି ବିରୋଧରେ ପଦକ୍ଷେପ

ଭାରତ ସ୍ୱାଧୀନତା ଲାଭ କରିବାର ଅଠୋସ୍ତରୀ ବର୍ଷ ପରେ ମଧ୍ୟ ଦୁର୍ନୀତିର ମୂଳୋତ୍ପାଟନ କରାଯିବା ସମ୍ଭବ ହୋଇ ପାରି ନାହିଁ । ଓଡ଼ିଶାରେ ଦୁର୍ନୀତିର ଦମନ ପାଇଁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଥିଲେ ମଧ୍ୟ କେଉଁଠି ନା କେଉଁଠି ଦୁର୍ନୀତିର ଗନ୍ଧ ଆମ ସମସ୍ତଙ୍କୁ ବିବ୍ରତ କରୁଛି । କେବଳ ସରକାରଙ୍କ ଉପରେ ଦୋଷ ଦେଇ ଲାଭ ନାହିଁ, ଆମେ ଯେଉଁମାନେ ସରକାରୀ କଳକୁ ସକ୍ରିୟ କରିଛୁଁ କିମ୍ବା ସରକାରୀ କଳ ବାହାରେ ଥାଇ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରି ଆସିଛୁଁ, ସମସ୍ତଙ୍କର ଦାୟିତ୍ୱ ରହିଛି, ଦୁର୍ନୀତ ନିବାରଣ ସକାଶେ ।

କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ୟମରେ ଏବଂ ରାଜ୍ୟରେ ମୋହନ ଚରଣ ମାଝୀଙ୍କ ମୁଖ୍ୟମନ୍ତ୍ରିତ୍ୱରେ ବିଜେପି ସରକାର ରାଜ୍ୟରେ ପ୍ରଥମ ଥର ଲାଗି କ୍ଷମତାସୀନ ହୋଇଛି । ପ୍ରାୟ ଦୁଇ ବର୍ଷ ଗଲାଣି । ରାଜ୍ୟରେ ଦୁର୍ନୀତି ଓ ବ୍ୟଭିଚାର ବସା ବାନ୍ଧି ରହିଥିବାରୁ ତାହାର ବିନାଶ ରାଜ୍ୟ ସରକାର କରି ପାରିବେ ବୋଲି ଜନସାଧାରଣଙ୍କ ସମେତ ଶିକ୍ଷିତ ଓ ସଚେତନ ଲୋକେ ମଧ୍ୟ ଆଶା କରିଛନ୍ତି । ରାଜ୍ୟରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ଆଉ ଜଣେ ମହିଳା ବର୍ଗର ପ୍ରତିନିଧିତ୍ୱ କରୁଥିବା ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ କାର୍ଯ୍ୟରେ ସାହାଯ୍ୟ କରିବାକୁ ମଧ୍ୟ ତତ୍ପରତା ପ୍ରଦର୍ଶନ କରିଛନ୍ତି । ଏପରିକି ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ପ୍ରକାଶ କୁମାର ମିଶ୍ରଙ୍କ ପରି ଜଣେ ସଚ୍ଚୋଟ ବ୍ୟକ୍ତି ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ କାର୍ଯ୍ୟରେ ସାହାଯ୍ୟ କରି ଆସୁଛନ୍ତି । ରାଜ୍ୟର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ଅନ୍ୟାନ୍ୟ ପଦସ୍ଥ ଅଧିକାରୀଗଣ ଯେଉଁମାନେ ରାଜ୍ୟ ତଥା ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ସମ୍ଭାଳୁଛନ୍ତି, ସେମାନଙ୍କ ପଦକ୍ଷେପକୁ ମଧ୍ୟ ସାଧାରଣରେ ପ୍ରଶଂସା କରାଯାଇଛି । ତଥାପି ଦୁର୍ନୀତିର ମାତ୍ରା ହ୍ରାସ ପାଇ ପାରୁନାହିଁ । ଏଥିପାଇଁ ଜନ ସଚେତନତା ଚାହି । ସରକାର ବା ସରକାରୀ କର୍ମଚାରୀମାନେ ଜନସାଧାରଣଙ୍କ ସଂସ୍ପର୍ଶରେ ଆସିଲେ ପ୍ରକୃତରେ କେଉଁଠି ଦୁର୍ନୀତି ଲୁଚି ଛପି ରହିଛି, ତାହା ମଧ୍ୟ ଧରା ପଡ଼ି ଯାଆନ୍ତା । ଅଦାଲତ ଜରିଆରେ ଲୋକେ ନ୍ୟାୟ ପାଇବାକୁ ବିକଳ । ମାତ୍ର ସେଠାରେ ମଧ୍ୟ ଦୁର୍ନୀତିର କଳା ଦାଗ ରହିଥିବା ଅଭିଯୋଗ ହେଉଛି । ଯେଉଁ ବିଚାରପତିମାନଙ୍କୁ ଓକିଲମାନେ 'Me Lord' ('ମୋ ଧର୍ମାବତାର') ବୋଲି ପୂର୍ବେ ସମ୍ବୋଧନ କରି ଆସୁଥିଲେ, ସେପରି ସମ୍ବୋଧନ ଏବେ ହୁଏତ ଅଦାଲତରେ କରା ଯାଉନାହିଁ । ମାତ୍ର ଲୋକେ ବିଚାରପତିମାନଙ୍କୁ ନ୍ୟାୟାବତାର ବୋଲି ମନେ କରିଥାନ୍ତି । ଡାକ୍ତରମାନେ, ଯେଉଁମାନେ ସେମାନଙ୍କ ଅମୃତ ହସ୍ତରେ ରୋଗୀମାନଙ୍କ ଚିକିତ୍ସା କରି ରୋଗୀମାନଙ୍କ ଜୀବନ ରକ୍ଷା କରି ଥାଆନ୍ତି, ସେମାନଙ୍କୁ ଲୋକେ ଦ୍ୱିତୀୟ ଈଶ୍ୱର ବୋଲି ମଧ୍ୟ ମାନନ୍ତି । କଟକ ବଡ଼ ମେଡିକଲ କଲେଜ ହସ୍ପିଟାଲରେ ମେଡିସନ ବିଭାଗର ଡାକ୍ତର ଥିବା ପ୍ରଫେସର ଶରତ ମିଶ୍ର(ଏବେ ସ୍ୱର୍ଗରେ) ଚାକିରି ଛାଡି ଦେବା ପରେ ବିଭିନ୍ନ ସମାଜ ସେବା କାର୍ଯ୍ୟ ସହିତ ରୋଗୀଙ୍କର ମାଗଣା ଚିକିତ୍ସା କରୁଥିଲେ । ଲୋକଙ୍କର ବିଶ୍ୱାସ ଥିଲା ଯେ ରୋଗୀଙ୍କ ଦେହରେ ସେ ହାତ ମାରି ଆଉଁସି ଦେଲେ, ରୋଗୀର ରୋଗ କୁଆଡେ ଅଧାଅଧି ଭଲ ହୋଇ ଯାଉଥିଲା । ଏବେ ତ କମ୍ପ୍ୟୁଟର ଯୁଗରେ ରୋଗୀକୁ ନୁହେଁ, ରୋଗୀର ପରୀକ୍ଷା ରିପୋର୍ଟକୁ କେବଳ ଦେଖୁଥା'ନ୍ତି ଡାକ୍ତରମାନେ ।

**ଉପ-ମୁଖ୍ୟମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀଙ୍କ ଦପ୍ତରର ଅଧିକାରୀମାନଙ୍କୁ ମୋବାଇଲରେ ବାର୍ତ୍ତା ପ୍ରେରଣ କଲେ, ସେମାନେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ରାଜ୍ୟ ପାଇଁ ଏକ ଶୁଭ ସୂଚନା । ମାତ୍ର ଏପରି ଅଭିଯୋଗ ବ୍ୟବସ୍ଥାକୁ ଆହୁରି ବ୍ୟାପକ ଓ ସକ୍ରିୟ କରାଯାଇ ପାରିଲେ, ଦୁର୍ନୀତିଖୋର ଅଧିକାରୀମାନଙ୍କୁ ଅଚିରେ ଦମନ କରାଯାଇ ପାରନ୍ତା । ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ।**

ସେ ଯାହା ହେଉ, ଗତ ୯ ତାରିଖରେ ଭୁବନେଶ୍ୱରର ବିଦ୍ୟୁତ ସରବରାହ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବାକୁ ଷାଠିଏ କୋଟି ଟଙ୍କା ବ୍ୟୟରେ ୩ ଗୋଟି ନୂତନ ଗ୍ରୀଡ ବାଲିଅନ୍ତା, ସତ୍ୟନଗର ଓ ଏସ୍.ସି.ବି. ମେଡିକାଲ କଲେଜ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଥିଲେ । ଏହି ଉତ୍ସବରେ ଶକ୍ତି ବିଭାଗ ଦାୟିତ୍ୱରେ ଥିବା ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମଧ୍ୟ ଉପସ୍ଥିତ ଥିଲେ । ଏହିସବୁ ଉତ୍ସବ ଚାଲିଥିବା ବେଳେ ଶ୍ରୀ ସିଂହଦେଓ ମୋବାଇଲରେ ଏକ ବାର୍ତ୍ତା ପାଇଥିଲେ । ସଭା ସରିଯିବାରୁ ସେ ଏହି ବାର୍ତ୍ତା ଅନୁଯାୟୀ ଭୁବନେଶ୍ୱର ମୈତ୍ରୀବିହାର ବିଦ୍ୟୁତ ଅଫିସରେ ପହଞ୍ଚିଥିଲେ- ପୂର୍ବରୁ କାହାକୁ କିଛି ନ ଜଣାଇ । ବିଦ୍ୟୁତ ବିଭାଗର ସମସ୍ତ କର୍ମଚାରୀ ଅପରାହ୍ନ ୩ଟା ୧୫ରେ ମଧ୍ୟାହ୍ନ ଭୋଜନ ପାଇଁ ଯାଇଥିବା ଜାଣି ସେ ଆଶ୍ଚର୍ଯ୍ୟ ହୋଇଥିଲେ । ସେହି ଅଫିସର ଜଣେ କର୍ମଚାରୀ ଦୁର୍ନୀତିରେ ଲିପ୍ତ ଥିବାର ଫଟୋ ପ୍ରମାଣପତ୍ର ଓ ବାର୍ତ୍ତା ଉପ-ମୁଖ୍ୟମନ୍ତ୍ରୀ ତାଙ୍କ ମୋବାଇଲରୁ ପାଇଥିଲେ । ରାଜ୍ୟର ଜଣେ ମନ୍ତ୍ରୀ ତାଙ୍କୁ ମୋବାଇଲ ବାର୍ତ୍ତା ସହିତ ଭିଡିଓ ଓ ଫଟୋ ପ୍ରେରଣ କରିଥିଲେ । ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ସେହି ଦୁର୍ନୀତିଗ୍ରସ୍ତ କର୍ମଚାରୀ ଯିଏ କି ଗତ ୨୦୦୯ ମସିହାରୁ ସେଠାରେ ଅବସ୍ଥାପିତ, ତାଙ୍କ ବିରୋଧର ଇତିମଧ୍ୟରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସୁପାରିଶ କରିଥିବା ଜଣାଯାଇଛି ।

ଉପ-ମୁଖ୍ୟମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀଙ୍କ ଦପ୍ତରର ଅଧିକାରୀମାନଙ୍କୁ ମୋବାଇଲରେ ବାର୍ତ୍ତା ପ୍ରେରଣ କଲେ, ସେମାନେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ରାଜ୍ୟ ପାଇଁ ଏକ ଶୁଭ ସୂଚନା । ମାତ୍ର ଏପରି ଅଭିଯୋଗ ବ୍ୟବସ୍ଥାକୁ ଆହୁରି ବ୍ୟାପକ ଓ ସକ୍ରିୟ କରାଯାଇ ପାରିଲେ, ଦୁର୍ନୀତିଖୋର ଅଧିକାରୀମାନଙ୍କୁ ଅଚିରେ ଦମନ କରାଯାଇ ପାରନ୍ତା । ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ମହାତ୍ମା ଜ୍ୟୋତିରାଓ ଫୁଲେ : ଭାରତର ମାର୍ଗଦର୍ଶନ କରୁଥିବା ଏକ ଆଲୋକବର୍ତ୍ତିକା

**ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

ଆଜି, ୧୧ ଏପ୍ରିଲ, ଆମ ସମସ୍ତଙ୍କ ପାଇଁ ଅତି ସ୍ୱତନ୍ତ୍ର ଦିନ । ଆଜି ହେଉଛି ଭାରତର ମହାନ ସମାଜ ସଂସ୍କାରକ ତଥା ଅନେକ ପିଢ଼ି ପାଇଁ ମାର୍ଗଦର୍ଶକ ପାଲଟିଥିବା ପ୍ରେରଣା ପୁରୁଷ ମହାତ୍ମା ଜ୍ୟୋତିରାଓ ଫୁଲେଙ୍କ ଜନ୍ମବାର୍ଷିକୀ। ଚଳିତ ବର୍ଷ, ଏହି ଅବସର ଆହୁରି ଅଧିକ ଗୁରୁତ୍ୱ ବହନ କରେ, କାରଣ ଏଥର ତାଙ୍କର ୨୦୦ତମ ଜନ୍ମବାର୍ଷିକୀ ପାଳନର ଶୁଭାରମ୍ଭ ହେଉଛି । ମହାତ୍ମା ଫୁଲେ ଜଣେ ମହାନ ସଂସ୍କାରକ ଥିଲେ । ଏହା ସହିତ, ତାଙ୍କର ଜୀବନ ନୈତିକ ସାହସ, ନିରନ୍ତର ଅନୁସନ୍ଧାନ ଏବଂ ସାମାଜିକ ମଙ୍ଗଳ ପାଇଁ ସମର୍ପିତ ଥିଲା । ମହାତ୍ମା ଫୁଲେ ଅନେକ ଅନୁଷ୍ଠାନ ଗଢି ଏବଂ ଏକାଧିକ ଆନ୍ଦୋଳନର ନେତୃତ୍ୱ ନେଇ ଚିର ସ୍ମରଣୀୟ । ସେହିପରି ଆମ ସଭ୍ୟତାଗତ ଯାତ୍ରାରେ ସେ ବହୁମୂଲ୍ୟ ଯୋଗଦାନ ଦେଇ ଯାଇଛନ୍ତି। ସେ ଅନେକଙ୍କ ଜୀବନରେ ଅସୁମାରି ଆଶା ଜାଗ୍ରତ କରିଛନ୍ତି, ଅନେକଙ୍କୁ ଆତ୍ମବିଶ୍ୱାସ ଦେଇଛନ୍ତି ଏବଂ ତାଙ୍କର ବିଚାର ଦେଶବ୍ୟାପୀ କୋଟି କୋଟି ଲୋକଙ୍କୁ ସାମର୍ଥ୍ୟ ଓ ପ୍ରେରଣା ଦେଇଚାଲିଛି।

୧୮୨୭ ମସିହାରେ ମହାନ ରାଜ୍ୟ ମହାରାଷ୍ଟ୍ରରେ ସେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ଜୀବନ ଅତି ସାଧାରଣ ପୃଷ୍ଠଭୂମିରୁ ଆରମ୍ଭ ହୋଇଥିଲା। କିନ୍ତୁ ଜୀବନର ପ୍ରାରମ୍ଭିକ ଅବସ୍ଥାରେ ସେ ସାମ୍ନା କରିଥିବା କଷ୍ଟ କେବେ ବି ତାଙ୍କର ଶିକ୍ଷା, ସାହସ କିମ୍ବା ସମାଜ ପ୍ରତି ତାଙ୍କର ସମର୍ପଣରେ ବାଧା ସୃଷ୍ଟି କରିନଥିଲା। ଏହି ଗୋଟିଏ ବିଶେଷତ୍ୱ ସବୁବେଳେ ତାଙ୍କ ପାଖରେ ରହିଥିଲା। ଯେକୌଣସି ଆହ୍ୱାନ ସତ୍ତ୍ୱେ ଜଣେ ବ୍ୟକ୍ତି କଠିନ ପରିଶ୍ରମ କରିବା ଆବଶ୍ୟକ, ଜ୍ଞାନ ଆହରଣ କରିବା ଆବଶ୍ୟକ ଏବଂ ହାତ ବାନ୍ଧି ବସି ରହିବା ପରିବର୍ତ୍ତେ ଆହ୍ୱାନର ମୁକାବିଲା ଲାଗି ଆଗେଇ ଆସିବା ଆବଶ୍ୟକ ବୋଲି ସେ ବିଶ୍ୱାସ କରୁଥିଲେ। ବିଦ୍ୟାଳୟରେ ପାଠ ପିବା ସମୟରେ, ବାଳୁତ ଜ୍ୟୋତିରାଓ ଗଭୀର ଜିଜ୍ଞାସୁ ଥିଲେ। ପୁସ୍ତକ ପଠନ ପ୍ରତି ତାଙ୍କର ବିଶେଷ ଆଗ୍ରହ ଥିଲା। ତାଙ୍କ ବୟସର ପିଲାଠାରୁ ଯେତିକି ଆଶା କରାଯାଉଥିଲା ତା'ଠାରୁ ଢେର ଅଧିକ ପୁସ୍ତକ ସେ ପିଥିଲେ। ଜୀବନର ପରବର୍ତ୍ତୀ ପର୍ଯ୍ୟାୟରେ ସେ କହିଥିଲେ, "ଆମେ ଯେତେ ପ୍ରଶ୍ନ ପଚାରିବା, ସେତେ ଜ୍ଞାନ ଆହରଣ କରିପାରିବା । ପିଲାଦିନର ଏହି ଜିଜ୍ଞାସୁ ମନୋଭାବ ତାଙ୍କର ପରବର୍ତ୍ତୀ ଜୀବନ ଯାତ୍ରାରେ ମଧ୍ୟ ସ୍ୱଷ୍ଟ ରୂପେ ଜାରି ରହିଥିଲା।

ଶିକ୍ଷା ଓ ଅଧ୍ୟୟନ ଆଜୀବନ ମହାତ୍ମା ଫୁଲେଙ୍କ ଲକ୍ଷ୍ୟର କେନ୍ଦ୍ରରେ ରହିଥିଲା। ଜ୍ଞାନ ଆହରଣ କେବଳ କୌଣସି ଗୋଟିଏ ବର୍ଗର ସମ୍ପତ୍ତି ନୁହେଁ, ବରଂ ଏହା ଏପରି ଏକ ଶକ୍ତି ଯାହାକୁ ସବୁ ବର୍ଗର ଲୋକଙ୍କ ମଧ୍ୟରେ ବାଣ୍ଟିବା ଉଚିତ ବୋଲି ସେ ବିଚାର କରୁଥିଲେ। ତତ୍କାଳୀନ ସମାଜରେ ଅନେକ ଲୋକଙ୍କୁ ଶିକ୍ଷାରୁ ବଞ୍ଚିତ ରଖାଯାଉଥିଲା। ସେଭଳି ଏକ ସମୟରେ ମହାତ୍ମା ଫୁଲେ ଝିଅ ଓ ବଞ୍ଚିତ ବର୍ଗର ଲୋକଙ୍କ ପାଇଁ ବିଦ୍ୟାଳୟ ଖୋଲିଥିଲେ। ସେ କହୁଥିଲେ, "ମା' ମାନଙ୍କ ମାଧ୍ୟମରେ ପିଲାଙ୍କ ଠାରେ ଆସୁଥିବା ଯେକୌଣସି ସୁଧାର ଅତ୍ୟନ୍ତ ମୂଲ୍ୟବାନ। ସେଥିପାଇଁ ଯଦି ବିଦ୍ୟାଳୟ ଖୋଲାଯିବ ତା'ହେଲେ ସର୍ବପ୍ରଥମେ ଝିଅମାନଙ୍କ ପାଇଁ ଖୋଲାଯିବା ଆବଶ୍ୟକ।" ସେ ଶିକ୍ଷାକୁ ନ୍ୟାୟ ଓ ସମାନତାର ମାଧ୍ୟମରେ ପରିଣତ କରିଥିଲେ । ଶିକ୍ଷା ପ୍ରତି ତାଙ୍କର ଦୃଷ୍ଟିକୋଣ ଆଜି ମଧ୍ୟ ଆମମାନଙ୍କୁ ଅନୁପ୍ରାଣିତ କରିଥାଏ । ବିଗତ ଏକ ଦଶନ୍ଧି ମଧ୍ୟରେ ଆମେ ଭାରତର ଯୁବପିଢ଼ି ପାଇଁ ଗବେଷଣା ଓ ଉଦଭାବନକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଛୁ । ଏପରି ଏକ ଇକୋସିଷ୍ଟମ ସୃଷ୍ଟି କରିବାକୁ ପ୍ରୟାସ କରାଯାଉଛି ଯେଉଁଠାରେ ଯୁବ ମସ୍ତିଷ୍କକୁ ପ୍ରଶ୍ନ ପଚାରିବା, ଅନୁସନ୍ଧାନ କରିବା ଏବଂ ନୂତନ ଉଦ୍ଭାବନ କରିବା ପାଇଁ ଅନୁପ୍ରାଣିତ କରାଯାଇପାରିବ । ଜ୍ଞାନ, ଦକ୍ଷତା ଏବଂ ସୁଯୋଗ କ୍ଷେତ୍ରରେ ନିବେଶ ସହିତ ଭାରତ ନିଜର ଯୁବପିଢ଼ିଙ୍କୁ ସମସ୍ୟା ସମାଧାନକାରୀ ଏବଂ ଜାତୀୟ ପ୍ରଗତିର ଆଧାର ସ୍ତମ୍ଭରେ ପରିଣତ କରିବା ଦିଗରେ କାର୍ଯ୍ୟ କରୁଛି । ନିଜର ଶୈକ୍ଷିକ ଜ୍ଞାନ ଏବଂ ବୌଦ୍ଧିକତା ବଳରେ ମହାତ୍ମା ଫୁଲେ କୃଷି, ସ୍ୱାସ୍ଥ୍ୟ ଏବଂ ଗ୍ରାମୀଣ ବିକାଶ ଭଳି କ୍ଷେତ୍ରରେ ଗଭୀର ଜ୍ଞାନ ଆହରଣ କରିଥିଲେ। ସେ ପ୍ରାୟତଃ କହୁଥିଲେ, ଚାଷୀ ଓ ଶ୍ରମିକଙ୍କ ସହିତ ଅନ୍ୟାୟ ସମାଜକୁ ଦୁର୍ବଳ କରିଥାଏ। ସାମାଜିକ ଅସମାନତା କୃଷି କ୍ଷେତ୍ରରେ ଏବଂ ଗ୍ରାମାଞ୍ଚଳରେ କିଭଳି ଲୋକଙ୍କ ଜୀବନକୁ ପ୍ରଭାବିତ କରୁଛି ତାହା ସେ ଦେଖିଥିଲେ। ସେଥିପାଇଁ ସେ ଗରିବ, ବଞ୍ଚିତ ଏବଂ ଦୁର୍ବଳ ବର୍ଗର ଲୋକଙ୍କୁ ସମ୍ମାନ ଦେବା ଲାଗି ନିଜ ଜୀବନକୁ ସମର୍ପି ଦେଇଥିଲେ । ଏଥିସହିତ ସେ ସାମାଜିକ ସଦ୍ଭାବ ବଜାୟ ରଖିବା ନିମନ୍ତେ ଯଥାସମ୍ଭବ ପ୍ରୟାସ କରିଥିଲେ। ମହାତ୍ମା ଫୁଲେ କହିଥିଲେ ସମାଜର ସବୁ ଲୋକମାନଙ୍କୁ ସମାନ ଅଧିକାର ନମିଳିବା ପର୍ଯ୍ୟନ୍ତ ପ୍ରକୃତ ସ୍ୱାଧୀନତା ମିଳିପାରିବ ନାହିଁ । ଏହି ବିଚାରକୁ ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ କରିବା ଲାଗି ସେ ଅନେକ ଅନୁଷ୍ଠାନ ଗଢ଼ିଥିଲେ । ତାଙ୍କ ଦ୍ୱାରା ପ୍ରତିଷ୍ଠିତ ସତ୍ୟଶୋଧକ ସମାଜ, ଆଧୁନିକ ଭାରତର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସମାଜ ସଂସ୍କାର ଆନ୍ଦୋଳନ ମଧ୍ୟରୁ ଅନ୍ୟତମ ଥିଲା । ଏହି ଆନ୍ଦୋଳନ ସାମାଜିକ ସଂସ୍କାର, ସମାଜ ସେବା ଏବଂ ମାନବୀୟ ଗରିମାକୁ ପ୍ରୋତ୍ସାହନ ଦେବା କ୍ଷେତ୍ରରେ ଅଗ୍ରଣୀ ରହିଥିଲା । ଏହା ମହିଳା, ଯୁବବର୍ଗ ଏବଂ ଗାଁରେ ରହୁଥିବା ଲୋକଙ୍କ ପାଇଁ ଦୃଢ ସ୍ୱର ପାଲଟିଥିଲା । ନ୍ୟାୟ, ପ୍ରତ୍ୟେକ ବ୍ୟକ୍ତିଙ୍କୁ ସମ୍ମାନ ଏବଂ ସାମୂହିକ ପ୍ରଗତି ବଳରେ ସମାଜରେ ଦୃଢତା ଆସି ପାରିବ ବୋଲି ସେ ବିଶ୍ୱାସ କରୁଥିଲେ ଯାହା ତାଙ୍କର ଏହି ଆନ୍ଦୋଳନରେ ପ୍ରତିଫଳିତ ହୋଇଥିଲା । ତାଙ୍କର ବ୍ୟକ୍ତିଗତ ଜୀବନ ମଧ୍ୟ ସାହସର ଶିକ୍ଷା ଦେଇଥାଏ । ଲୋକଙ୍କ ସହ ରହି ଲଗାତାର କାମ କରିବା ତାଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥିଲା । କିନ୍ତୁ ଗୁରୁତର ବ୍ୟାଧି ମଧ୍ୟ ତାଙ୍କର ସଂକଳ୍ପକୁ ଦୁର୍ବଳ କରିପାରିନଥିଲା। ଗମ୍ଭୀର ମସ୍ତିଷ୍କାଘାତ ପରେ ମଧ୍ୟ ସେ କାମ କରିବା ଛାଡ଼ି ନଥିଲେ ଏବଂ ନିଜର ସଂକଳ୍ପକୁ ସାକାର କରିବା ଦିଗରେ ଚେଷ୍ଟା ଜାରି ରଖିଥିଲେ । ତାଙ୍କ ଶରୀର ଦୁର୍ବଳ ହୋଇଯାଇଥିଲା, କିନ୍ତୁ ସମାଜ ପାଇଁ ତାଙ୍କର ଅତୁଟ ସମର୍ପଣ ବଜାୟ ରହିଥିଲା । ଆଜି ମଧ୍ୟ କୋଟି କୋଟି ଲୋକ ତାଙ୍କ ଜୀବନର ଏହି ଦିଗରୁ ପ୍ରେରଣା ଲାଭ କରିଥା'ନ୍ତି । ସାବିତ୍ରୀବାଇ ଫୁଲେଙ୍କ ବିଷୟରେ ସସମ୍ମାନେ ଉଲ୍ଲେଖ କରିବା ବିନା ମହାତ୍ମା ଫୁଲେଙ୍କ ସ୍ମୃତିଚାରଣ ଅଧୁରା ରହିଯିବ । ସେ ମଧ୍ୟ ଭାରତର ମହାନ ସମାଜ ସଂସ୍କାରକଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ଭାରତର ପ୍ରଥମ ମହିଳା ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଅନ୍ୟତମ ସାବିତ୍ରୀବାଇ ଝିଅମାନଙ୍କ ଶିକ୍ଷାକୁ ଆଗକୁ ବଢାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ମହାତ୍ମା ଫୁଲେଙ୍କ ଦେହାନ୍ତ ପରେ ମଧ୍ୟ ସେ ଏହି କାମ ଜାରି ରଖିଥିଲେ। ୧୮୯୭ ମସିହାରେ ପ୍ଲେଗ୍ ମହାମାରୀ ସମୟରେ, ସେ ରୋଗୀମାନଙ୍କର ଏତେ ନିଷ୍ଠାର ସହିତ ସେବା କରିଥିଲେ ଯେ ନିଜେ ସେହି ରୋଗରେ ଆକ୍ରାନ୍ତ ହୋଇଥିଲେ ଏବଂ ସେଥିରେ ତାଙ୍କର ପରଲୋକ ହୋଇଥିଲା। ଭାରତ ବାରମ୍ବାର ଏପରି ମହାପୁରୁଷଙ୍କ ଆଶୀର୍ବାଦ ପାଇଛି, ଯେଉଁମାନେ ନିଜ ବିଚାର, ତ୍ୟାଗ ଏବଂ କାର୍ଯ୍ୟ ମାଧ୍ୟମରେ ସମାଜକୁ ସୁଦୃଢ଼ କରିଯାଇଛନ୍ତି । ସେମାନେ ପରିବର୍ତ୍ତନ ପାଇଁ ଅପେକ୍ଷା କରିନଥିଲେ, ବରଂ ନିଜେ ପରିବର୍ତ୍ତନର ବାହକ ସାଜିଥିଲେ। ଶହଶହ ବର୍ଷ ଧରି ଆମ ଦେଶରେ ସେହି ମହାପୁରୁଷମାନେ ହିଁ ସମାଜ ସଂସ୍କାରର ସ୍ୱର ଉଠାଇଛନ୍ତି ଯେଉଁମାନେ ଦୁଃଖକୁ ସାମ୍ନା କରିଛନ୍ତି, କିନ୍ତୁ ଏହାକୁ କପାଳ ଲିଖନ ବୋଲି ସହଜରେ ସ୍ୱୀକାର କରିନାହାନ୍ତି । ମହାତ୍ମା ଜ୍ୟୋତିରାଓ ଫୁଲେ ସେଭଳି ଜଣେ ବ୍ୟକ୍ତିତ୍ୱ ଥିଲେ। ୨୦୨୨ରେ ମୁଁ ପୁଣେ ଗସ୍ତ କରିଥିଲି। ସେହି ସମୟରେ ମୁଁ ସହରରେ ଥିବା ମହାତ୍ମା ଫୁଲେଙ୍କ ଭବ୍ୟ ପ୍ରତିମୂର୍ତ୍ତିରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲି । ଆମେ ମହାତ୍ମା ଫୁଲେଙ୍କର ୨୦୦ତମ ଜନ୍ମବାର୍ଷିକୀ ବର୍ଷ ପାଳନ ଆରମ୍ଭ କରିବାକୁ ଯାଉଥିବା ବେଳେ ସାମାଜିକ ନବଜାଗରଣ ନିମନ୍ତେ ତାଙ୍କ ଆଦର୍ଶକୁ ଗ୍ରହଣ କରିବା ହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ। ତାଙ୍କ ହୃଦୟର ନିକଟତର ଥିବା ବିଷୟ ଯଥା ଶିକ୍ଷା କ୍ଷେତ୍ରରେ ନବଜାଗରଣ ପାଇଁ ଆମର ପ୍ରତିବଦ୍ଧତାକୁ ସୁଦୃଢ କରିବାକୁ ହେବ। ଅନ୍ୟାୟ ପ୍ରତି ସମ୍ବେଦନଶୀଳ ହେବାକୁ ପଡିବ ଏବଂ ବିଶ୍ୱାସ କରିବାକୁ ପଡିବ ଯେ ସମାଜ ନିଜ ପ୍ରୟାସ ଦ୍ୱାରା ନିଜକୁ ଉନ୍ନତ କରିପାରିବ। ସମାଜର ଶକ୍ତିକୁ ଜନହିତ ଏବଂ ନୈତିକ ମୂଲ୍ୟବୋଧ ସହ ମିଶାଇ ଭାରତରେ ବୈପ୍ଲବିକ ପରିବର୍ତ୍ତନ ଆଣିହେବ ବୋଲି ତାଙ୍କର ଜୀବନ ଆମକୁ ଶିକ୍ଷା ଦିଏ। ଏହି କାରଣରୁ ଆଜି ମଧ୍ୟ ତାଙ୍କ ବିଚାର ଲକ୍ଷ ଲକ୍ଷ ଲୋକଙ୍କ ମନରେ ନୂତନ ଉତ୍ସାହ ଓ ପ୍ରେରଣା ଜାଗ୍ରତ କରିଥାଏ । ୨୦୦ ବର୍ଷ ପରେ ମଧ୍ୟ ମହାତ୍ମା ଜ୍ୟୋତିରାଓ ଫୁଲେ କେବଳ ଜଣେ ଐତିହାସିକ ବ୍ୟକ୍ତିତ୍ୱ ନୁହନ୍ତି ବରଂ ଭାରତର ଭବିଷ୍ୟତ ପାଇଁ ଏକ ଆଲୋକବର୍ତ୍ତିକା ହୋଇ ରହିଛନ୍ତି ।



* * *

# ହୋମିଓପାଥି: ଚିକିତ୍ସାର ଭିନ୍ନ ଏକ ପଦ୍ଧତି

**ଡାଃ ନଳିନ କୁମାର ପଟ୍ଟନାୟକ**
**ଡାଃ ସୁଶ୍ରୀ ସଙ୍ଗୀତା ବାରିକ**

ସମାଜରେ ଯେତେ ବଡ଼ ରୋଗ ଆମେ ଦେଖୁଛେ, ତାର ଉତ୍ପତ୍ତି ସମସ୍ତଙ୍କ ଆଲେଖ୍ୟରେ ଥାଏ, ଯାହା ଆମକୁ ଦେଖାଯାଏ ବା ପରୀକ୍ଷା ନିରୀକ୍ଷାରେ ଆସେ ସେ ସବୁ ରୋଗ ସେହି ଉତ୍ପତ୍ତିର ଫଳାଫଳ । ଡାଇବେଟିସ, କ୍ୟାନସର, ରକ୍ତଚାପ, ଥାଇରଏଡ୍, ଯାବତୀୟ ଆଣ୍ଠୁ ଗଣ୍ଠିରୋଗ, ଶ୍ୱାସ, ମୂର୍ଚ୍ଛା ଇତ୍ୟାଦି ଇତ୍ୟାଦି ପ୍ରକୃତ ରୋଗର ଅଗ୍ର ବା ଫଳାଫଳ, ରୋଗର ମୂଳ ଯାଇ ବହୁତ ପୂର୍ବରୁ ଥାଏ ।

ଏପରି ଏକ ଆବିଷ୍କାରର ଜନକ ଥିଲେ ଜର୍ମାନୀର ଜଣେ ଏଲୋପାଥିକ୍ ଗବେଷକ ଡଃ ସାମୁଏଲ ହାନିମ୍ୟାନ । ସମସ୍ତେ ସେହି ଜିନିଷ ଦେଖୁଥିବେ ଆଉ ବ୍ୟବହାର ବି କରୁଥିବେ, କିନ୍ତୁ ଜଣେ ବୈଜ୍ଞାନିକ ସେଥିରୁ ଅନେକ ଜିନିଷ ଉଦ୍‌ଭାବନ କରିଥାନ୍ତି । ସେହିପରି ଜଣେ ଚିକିତ୍ସା ବିଜ୍ଞାନୀ ଥିଲେ ହାନିମ୍ୟାନ ।

ସେ ୧୦ ଏପ୍ରିଲ ୧୭୫୫ରେ ଜର୍ମାନୀରେ ଜନ୍ମଗ୍ରହଣ କରିଥିଲେ । ପରେ ସେ ଏଲୋପାଥିରେ ମେଡିସିନ ସ୍ପେଶାଲିଷ୍ଟ ହିସାବରେ ଖ୍ୟାତି ଲାଭ କରିଥିଲେ । ଜଣେ ମହାନ୍ ବ୍ୟକ୍ତି କେବେ ଚିରାଚରିତ ପ୍ରଥାରେ ଭୁଲ ଦିଗରେ ସନ୍ତୁଷ୍ଟ ହୋଇପାରେ ନାହିଁ, ବରଂ ସେ ସେଥିରୁ ଠିକ୍ ଜିନିଷ ଖୋଜି ବାହାର କରିଥାଏ । ସେଥିପାଇଁ ସେ ମହାନ୍ ।

ହାନିମ୍ୟାନ ଏଲୋପାଥି ଚିକିତ୍ସା ସମୟରେ ଦେଖିଲେ ଯେ ବହୁତ ରୋଗ ଭଲ କଲା ପରେ ପୁଣି ପୂର୍ବ ସ୍ଥାନକୁ ବା ତା'ଠାରୁ ଆହୁରି ଖରାପ ଅବସ୍ଥାକୁ ଚାଲି ଆସୁଛି । ତାହାଦ୍ୱାରା ରୋଗୀ ଆରୋଗ୍ୟ ନ ହୋଇ ରୋଗର କବଳରେ ସାରା ଜୀବନ ରହିବାକୁ ବାଧ ହେଉଛି । ତାଙ୍କୁ ଯାହା ବୁଝେଇ ଦିଆଯାଉଛି ଯେ ଏହି ରୋଗ ଜୀବନରେ ଆଉ ଭଲ ହେବ ନାହିଁ, ଏବଂ ତାଙ୍କୁ ସବୁବେଳେ ଔଷଧ ଖାଇ ବଞ୍ଚିବାକୁ ହେବ,ତାହା ସେ ମାନି ନେଉଛନ୍ତି ।

ଏସବୁ ଦେଖି ଦେଖି, ହଜାର ହଜାର ରୋଗୀଙ୍କ ଶେଷ ଅବସ୍ଥାର ବିକଳ ଦୟନୀୟ ଅବସ୍ଥା ଦେଖି ଦେଖି ତାଙ୍କର ଏ ଚିକିତ୍ସା ବ୍ୟବସ୍ଥା ପ୍ରତି ବିତୃଷ୍ଣା ଭାବ ଆସିଗଲା । ରୋଜଗାର ସିନା ପ୍ରବଳ ହେଉଥିଲା ,କିନ୍ତୁ ଆତ୍ମସନ୍ତୋଷ ମିଳୁ ନଥିଲା । ନିଜର ପିଲାମାନଙ୍କ ରୋଗ ମଧ୍ୟ ସେ ଭଲ କରି ପାରିଲେନି,ଫଳରେ ସେ ଏଲୋପାଥି ଅଭ୍ୟାସ ଛାଡ଼ିଦେଲେ ।

**ତାପରେ ସେ ହଜାର ହଜାର ପୁରୁଣା କଷ୍ଟସାଧ ରୋଗୀଙ୍କ ଉପରେ ଗବେଷଣା ଚଲେଇଲେ । ଦେଖିଲେ ରୋଗର ଆରମ୍ଭ ଯାଇ ଆଉ କେଉଁ ଜାଗାରେ , ଯଥା ଚର୍ମ ଓ ତା ପୂର୍ବରୁ ମାନସିକ ସ୍ତରରେ । ରାଗ, ଦୁଃଖ, ଭୟ, ଚିନ୍ତା ସବୁ ରୋଗର ଆରମ୍ଭ । ବହୁତ ଔଷଧ ସେ ନିଜ ଉପରେ ତଥା ନିଜ ଛାତ୍ରଛାତ୍ରୀଙ୍କ ଉପରେ ପ୍ରୟୋଗ କରି ସେମାନଙ୍କୁ ଲକ୍ଷଣ ଟିପି ରଖିଲେ । ସେ ଦେଖିଲେ ଅଲଗା ଅଲଗା ଔଷଧ ଅଲଗା ଅଲଗା ଲକ୍ଷଣ ପ୍ରକାଶ କଲେ । କିନ୍ତୁ ସମସ୍ତେ ସେହି ମାନସିକ ବିଚଳତାରେ ପହଞ୍ଚିଲେ ଯେଉଁଠୁ ରୋଗ ଆରମ୍ଭ ହୋଇଥିଲା । ଏହିପରି ଭାବେ ସେ ହଜାର ହଜାର ରୋଗୀଙ୍କୁ ଆରୋଗ୍ୟ କଲେ, ଯାହାକି ପୂର୍ବରୁ ଭଲ ହେଉ ନଥିଲା, ଖାଲି ଦବି କି ରହୁଥିଲା ।**

ଥରେ ସେ ଏକ ଚିକିତ୍ସା ଶାସ୍ତ୍ରକୁ ଜର୍ମାନୀରେ ଅନୁବାଦ କଲାବେଳେ ଦେଖିଲେ ସିଙ୍କୋନା ପିତା ଲାଗେ ଯାହା ମ୍ୟାଲେରିଆକୁ ଭଲ କରେ, ଯେଉଁଥିରେ ପାଟି ପିତା ଲାଗେ । ସେ ଏକଥା ତ ଆଗରୁ ଜାଣିଥିଲେ, କିନ୍ତୁ ତାଙ୍କ ମୁଣ୍ଡକୁ ଆସିଲା କାହିଁକି ପିତା ପିତାକୁ ଭଲ କରେ । ତା ପରେ ଆରମ୍ଭ ହେଲା ଗବେଷଣା । କ୍ଲୋରୋକ୍ୱିନ୍ ପିତା, ମ୍ୟାଲେରିଆରେ ପାଟି ବି ପିତା । ସେ ସିଙ୍କୋନାକୁ ପୁରା ଡାଇଲୁଟ୍ କରି କରି ନେଲେ । ଦେଖିଲେ ମ୍ୟାଲେରିଆ ଆହୁରି ଶୀଘ୍ର ଭଲ ହେଲା ।

ଏଇଠୁ ଜନ୍ମଲାଭ କଲା ହୋମିଓପାଥି । ତାପରେ ସେ ହଜାର ହଜାର ପୁରୁଣା କଷ୍ଟସାଧ ରୋଗୀଙ୍କ ଉପରେ ଗବେଷଣା ଚଲେଇଲେ । ଦେଖିଲେ ରୋଗର ଆରମ୍ଭ ଯାଇ ଆଉ କେଉଁ ଜାଗାରେ , ଯଥା ଚର୍ମ ଓ ତା ପୂର୍ବରୁ ମାନସିକ ସ୍ତରରେ ।

ରାଗ, ଦୁଃଖ, ଭୟ, ଚିନ୍ତା ସବୁ ରୋଗର ଆରମ୍ଭ । ବହୁତ ଔଷଧ ସେ ନିଜ ଉପରେ ତଥା ନିଜ ଛାତ୍ରଛାତ୍ରୀଙ୍କ ଉପରେ ପ୍ରୟୋଗ କରି ସେମାନଙ୍କୁ ଲକ୍ଷଣ ଟିପି ରଖିଲେ । ସେ ଦେଖିଲେ ଅଲଗା ଅଲଗା ଔଷଧ ଅଲଗା ଅଲଗା ଲକ୍ଷଣ ପ୍ରକାଶ କଲେ । କିନ୍ତୁ ସମସ୍ତେ ସେହି ମାନସିକ ବିଚଳତାରେ ପହଞ୍ଚିଲେ ଯେଉଁଠୁ ରୋଗ ଆରମ୍ଭ ହୋଇଥିଲା । ଏହିପରି ଭାବେ ସେ ହଜାର ହଜାର ରୋଗୀଙ୍କୁ ଆରୋଗ୍ୟ କଲେ, ଯାହାକି ପୂର୍ବରୁ ଭଲ ହେଉ ନଥିଲା, ଖାଲି ଦବି କି ରହୁଥିଲା ।

ତାଙ୍କ ସମସାମୟିକ ଅନେକ ଡାକ୍ତର ତାଙ୍କ ପଥ ଅନୁସରଣ କଲେ, କିନ୍ତୁ ବହୁତ ନାଁ କରିଥିବା ଡାକ୍ତର ତାଙ୍କୁ ବିରୋଧ ବି କଲେ,ଯାହା ଆଜି ଯାଏଁ ଚାଲି ଆସିଛି । ବହୁତ ଏଲୋପାଥିକ ଡାକ୍ତର ଏଲୋପାଥି ଛାଡି ହୋମିଓପାଥିରେ ଖ୍ୟାତି ଲାଭ କରିଛନ୍ତି । ଏବେ ମଧ୍ୟ ଅନେକ ଏଲୋପାଥିକ ଡାକ୍ତର ହୋମିଓପାଥିର ଗୁଣକୁ ଆବିଷ୍କାର କରି ହୋମିଓପାଥି ଡାକ୍ତର ହିସାବରେ ନାମ ଅର୍ଜନ କରୁଛନ୍ତି ।

ହୋମିଓପାଥିରେ ରୋଗକୁ ଧରି ରୋଗର ମୂଳକୁ ଚିକିତ୍ସା କରାଯାଏ । ଯେଉଁଠି ମାନସିକ ସ୍ତରରେ ବିଭ୍ରାଟ ଘଟିଥାଏ,ସେଥିରେ କୌଣସି ପ୍ରକାର ପାଥୋଲୋଜି ପରୀକ୍ଷାରେ ଜଣାପଡିବ କି ? ସେଥିପାଇଁ ହୋମିଓପାଥିରେ ଏତେ ପରୀକ୍ଷା କରିବା ଦରକାର ହୁଏ ନାହିଁ ।

ହାନିମ୍ୟାନ୍ କହିଛନ୍ତି ମଣିଷ ସମାଜରେ ରୋଗର ସ୍ରୋତ ଚାଲିଆସିଛି । ତେଣୁ ରୋଗ ବଂଶାନୁକ୍ରମିକ ମାଡି ଚାଲିଛି ଏବଂ ଆମେ କେବଳ ଦେଖାଯାଉଥିବା ରୋଗ ପଛରେ ପଡିଛୁ ଏବଂ ବ୍ୟାଗ୍ ବ୍ୟାଗ୍ ରିପୋର୍ଟ ଧରି ଏ ଡାକ୍ତରଖାନାରୁ ସେ ଡାକ୍ତରଖାନା ଘୁରି ବୁଲୁଛୁ ।

ଏତେ ବଡ ଚିକିତ୍ସା ବିଜ୍ଞାନକୁ ପୃଥିବୀକୁ ଭେଟି ଦେଇ ସେ ଶେଷରେ ୮୮ ବର୍ଷ ବୟସରେ ଜୁଲାଇ ମାସ ୨ ତାରିଖ ୧୮୪୩ ରେ ପୃଥିବୀରୁ ବିଦାୟ ନେଲେ ।

**କାନନବିହାର,**
**ଫେଜ- ୧,ଭୁବନେଶ୍ୱର**

# ଭଗବାନ ବିଷ୍ଣୁଙ୍କ ପ୍ରିୟ ମାସ ବୈଶାଖ

**ପଣ୍ଡିତ ସୋମନାଥ ଦାଶ**

ହିନ୍ଦୁ ପଞ୍ଜାଙ୍ଗ ଅନୁସାରେ ୧୨ମାସ ମଧ୍ୟରୁ ବୈଶାଖ ମାସ ଅନ୍ୟତମ । ପୁରାଣ ଅନୁସାରେ, ଏହି ମାସରେ ଜଳ ଦାନ କରିବା ଅବା ତୃଷ୍ଣାର୍ତ୍ତଙ୍କୁ ପାଣି ପିଆଇବା ଦ୍ୱାରା ଭଗବାନ ବିଷ୍ଣୁ, ବ୍ରହ୍ମା ଓ ଶିବ ତ୍ରିଦେବ ପ୍ରସନ୍ନ ହୋଇଥାନ୍ତି । ବୈଶାଖ ମାସ ଅପ୍ରେଲ ୧୨ରୁ ଆରମ୍ଭ ହୋଇ ମେ ୧୦ ତାରିଖରେ ଏହା ଶେଷ ହେବ । ଏହି ମାସ ବିଷୟରେ ବେଦରେ ଉଲ୍ଲେଖ ରହିଛି - ବୈଶାଖ ସମାନ ମାସ ନାହିଁ, ସତ୍ୟଯୁଗ ସମାନ ଯୁଗ ନାହିଁ, ବେଦ ସମାନ କିଛି ଶାସ୍ତ୍ର ନାହିଁ ଓ ଗଙ୍ଗା ସମାନ କିଛି ତୀର୍ଥ ନାହିଁ। ଧର୍ମ ଗ୍ରନ୍ଥ ଅନୁସାରେ ସ୍ୱୟଂ ବ୍ରହ୍ମା ବୈଶାଖ ମାସକୁ ସବୁଠାରୁ ଉତ୍ତମ ମାସ ବୋଲି ବିତାଇଛନ୍ତି । ଭଗବାନ ବିଷ୍ଣୁଙ୍କୁ ପ୍ରସନ୍ନ କରିବା ପାଇଁ ବୈଶାଖ ସମାନ କୌଣସି ମାସ ନାହିଁ । ଯିଏ ବୈଶାଖ ମାସରେ ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନ କରେ, ତା ଉପରେ ଭଗବାନ ବିଷ୍ଣୁ ସନ୍ତୁଷ୍ଟି ହୋଇଥାନ୍ତି । ସବୁପ୍ରକାର ଦାନରେ ଯେଉଁ ପୁଣ୍ୟ ମିଳିଥାଏ, ସବୁ ତୀର୍ଥରେ ଯେଉଁ ଫଳ ମିଳିଥାଏ, ବୈଶାଖ ମାସରେ କେବଳ ଜଳଦାନ କରିବା ଦ୍ୱାରା ସମସ୍ତ ପୁଣ୍ୟ ପ୍ରାପ୍ତ ହୋଇଥାଏ । ଧର୍ମ ଗ୍ରନ୍ଥ ଅନୁସାରେ, ଯିଏ ଏହି ମାସରେ ଜଳଦାନ ନକରିପାରେ, ଯଦି ଅନ୍ୟକୁ ଏହି ମାସରେ ଜଳଦାନର ମହତ୍ତ୍ୱ ବୁଝାଏ, ତେବେ ମଧ୍ୟ ତାର ଶ୍ରେଷ୍ଠ ଫଳ ପ୍ରାପ୍ତ ହୋଇଥାଏ । ଏହି ମାସରେ ତୃଷ୍ଣାର୍ତ୍ତଙ୍କୁ ଜଳଦାନ କରିବା ଦ୍ୱାରା ଭଗବାନ ବିଷ୍ଣୁ, ଭଗବାନ ମହାଦେବ ଓ ବ୍ରହ୍ମା ସନ୍ତୁଷ୍ଟ ହୋଇ ଜଳଦାତାର ସର୍ବପାପ ନାଶ କରିଥାନ୍ତି । ଅନ୍ୟମାନଙ୍କ ପ୍ରତି ସଦୟଭାବ ପୋଷଣ କରିବା ତଥା ଅନ୍ୟମାନଙ୍କର ଉପକାର କରିବା ମନୋଭାବକୁ ଦାନଶୀଳତା ବୋଲାଯାଏ । ଦାନ ହିଁ ବିଶ୍ୱପ୍ରେମ। ଦରିଦ୍ରମାନଙ୍କ ପ୍ରତି ଉଦାରତାର ଅନ୍ୟ ନାମ ଦାନ । ଦାନ ବଦାନ୍ୟତାକୁ ବୁଝାଏ । ଅଭାବଗ୍ରସ୍ତଙ୍କୁ ସାହାଯ୍ୟ କରିବା ଲାଗି ଯାହା ଦିଆଯାଏ, ତାହା ଦାନ । ବ୍ୟାପକ ଅର୍ଥରେ ଦାନ ପ୍ରେମ, ବଦାନ୍ୟତା ଓ ସଦ୍‌ଭାବନାକୁ ବୁଝାଏ । ବ୍ରହ୍ମଦର୍ଶୀମାନଙ୍କ ଦୃଷ୍ଟିରୁ ମାନବ ସମାଜ ପ୍ରତି ସାର୍ବଜନୀନ ସଦଭାବନା ଓ ପରମାତ୍ମାଙ୍କ ପ୍ରତି ବିଶୁଦ୍ଧତମ ଭକ୍ତିକୁ ଦାନ ବୋଲାଯାଏ । ହୃଦୟକୁ ବିଶାଳ କରିବାକୁ ପଡ଼ିବ । ଧନ ସମ୍ପଦକୁ ତୁଚ୍ଛ ଜ୍ଞାନ କରି ଦରିଦ୍ରମାନଙ୍କର ମଧ୍ୟରେ ବାଣ୍ଟିବାକୁ ପଡ଼ିବ । ଏପରି ଦାନ କଲେ ଆପଣଙ୍କ ଭିତରେ ଅଦ୍ୱୈତ ଜ୍ଞାନ, ସମାଧି ଓ ବିଶ୍ୱପ୍ରେମ ଜାଗ୍ରତ ହେବ ।

**କର୍ମକାଣ୍ଡ ବିଶାରଦ, ସେକ୍ଟର-୭, ସିଡିଏ,**
**କଟକ, ମୋ- ୭୦୦୮୦୦୦୮୯୮**

# ଚନ୍ଦ୍ରଶେଖରପୁରରେ ଖୋଲିଲା ଚାନ୍ଦି ଭଣ୍ଡାରର ୨୯ତମ ଷ୍ଟୋର

ଭୁବନେଶ୍ୱର (ସବ୍ୟୁ): ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଓଡ଼ିଶାର ବହୁ ଭରସାଯୋଗ୍ୟ ରୁପା ଗହଣା ଷ୍ଟୋର ଚାନ୍ଦି ଭଣ୍ଡାର ଚନ୍ଦ୍ରଶେଖରପୁରରେ ଏହାର ୨୯ତମ ଷ୍ଟୋର ଉନ୍ମୋଚନ କରିଛି। କମଳା ବିହାରସ୍ଥିତ ତନିସ୍କ ନିକଟସ୍ଥ ତଳ ମହଲାରେ ଅବସ୍ଥିତ ଏହି ନୂଆ ଷ୍ଟୋର ବ୍ରାଣ୍ଡର ଅଭିବୃଦ୍ଧି ଯାତ୍ରାରେ ଆଉ ଏକ ପ୍ରମୁଖ ମାଇଲଖୁଣ୍ଟ । ୧୨ ବର୍ଷର ଉତ୍କର୍ଷତା ସହିତ ଏହି ନୂତନ ଷ୍ଟୋର ଉଦ୍‌ଘାଟନୀ ରୁପା କାରିଗରୀ ଏବଂ ଶୁଦ୍ଧତା ଓ ଅନନ୍ୟ ଡିଜାଇନ ପ୍ରତି ବ୍ରାଣ୍ଡର ଉତ୍ସର୍ଗତାର ପ୍ରତୀକ। ଏଥିସହିତ ଚାନ୍ଦି ଭଣ୍ଡାର ରୁପା ଗହଣା କ୍ଷେତ୍ରରେ ଏହାର ପତିଆରାକୁ ଆହୁରି ମଜଭୁତ କରିଛି। ଚନ୍ଦ୍ରଶେଖରପୁରର ହୃଦୟରେ ଅବସ୍ଥାପିତ ଏହି ନୂଆ ଷ୍ଟୋର ୨୦୦୦ ବର୍ଗଫୁଟ୍ ପରିବ୍ୟାପ୍ତ ସ୍ଥାନରେ ନିର୍ମିତ । ଏକ ସ୍ୱଚ୍ଛ ଏବଂ ଆମନ୍ତ୍ରଣକାରୀ ପରିବେଶ ପ୍ରଦାନ କରିବା ପାଇଁ ଚିନ୍ତନଶୀଳ ଭାବେ ଏହାକୁ ଡିଜାଇନ କରାଯାଇଛି । ଆଧୁନିକ ବିଳାସ ଏବଂ ପାରମ୍ପରିକ ଆକର୍ଷଣର ଏକ ସୁଗମ ମିଶ୍ରଣ ସହିତ ଏ ଷ୍ଟୋର ରୁପା କଳାକୃତିର ସର୍ବୋତ୍ତମ ପ୍ରଦର୍ଶନ କରେ,



ଯାହା ଏକ ସ୍ମରଣୀୟ ସପିଂ ରିଟେଲ ଅଭିଜ୍ଞତା ସୁନିଶ୍ଚିତ କରୁଛି। ଏହି ମେଗା ଉଦ୍‌ଘାଟନକୁ ପାଳନ କରିବା ପାଇଁ ଚନ୍ଦ୍ରଶେଖରପୁର ଷ୍ଟୋର ପ୍ରତି ଅବସର ପାଇଁ ଷ୍ଟର୍ଲିଂ ରୁପା ଗହଣାର ଉତ୍କୃଷ୍ଟ ସମ୍ଭାର ପ୍ରଦାନ କରୁଛି, ଯାହା ପ୍ରତ୍ୟେକ ଅବସର ପାଇଁ ଉଦ୍ଦିଷ୍ଟ । ୯୨.୫% ଶୁଦ୍ଧ ରୁପା ବାସନରୁ ଆରମ୍ଭ କରି ପ୍ରିମିୟମ ଗହଣା ପର୍ଯ୍ୟନ୍ତ ଷ୍ଟୋରରେ ମହିଳା, ପୁରୁଷ ଏବଂ ପିଲାମାନଙ୍କ ପାଇଁ ବ୍ୟାପକ ରେଞ୍ଜ୍ ରହିଛି। ମହିଳାମାନଙ୍କ ପାଇଁ ଜିକନ୍ମଚିତ ନେକ୍ସ୍, ଚୁଡ଼ି, ମୁଦି, କାନଫୁଲ, ବ୍ରେସ୍‌ଲେଟ୍ ଏବଂ ଆଙ୍ଗ୍‌ଲେଟ୍ ଭଳିକି ଭଳି ସମ୍ଭାର ଏଠାରେ ରହିଛି, ଯାହାକି ଫେଷ୍ଟିଭ୍ ସେଲିବ୍ରେଶନ୍ ଏବଂ ନିତିଦିନିଆ ବ୍ୟବହାର ପାଇଁ ସର୍ବୋତ୍କୃଷ୍ଟ । ପୁରୁଷଙ୍କ ରୁପା ଗହଣା ଚାହିଦାକୁ ଦୃଷ୍ଟିରେ ରଖି ଆମୋଘ କଲେକ୍ସନ ଷ୍ଟୋରରେ ଉପଲବ୍ଧ, ଯେଉଁଥିରେ ବ୍ରେସ୍‌ଲେଟ୍, ମୁଦି, କଫ୍‌ଲିଙ୍କ୍ ଏବଂ ଚେନ୍ ଆଦି ରହିଛି । ପିଲାମାନଙ୍କ ପାଇଁ କୌତୁକିଆ ଏବଂ ପ୍ରିମିୟମ କିସ କଲେକ୍ସନ ଉପଲବ୍ଧ । ସର୍ବୋତ୍ତମ ଗହଣା ସହିତ ଆହୁରି ଅଧିକ କିଛି ପ୍ରଦାନ କରୁଛି ଚାନ୍ଦି ଭଣ୍ଡାର। ସ୍ୱତନ୍ତ୍ର ଲଞ୍ଚିଂ ଅଫର ଭାବେ ଚାନ୍ଦି ଭଣ୍ଡାର ଗଢ଼ା ମଜୁରିରେ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି। ଏହା ଏପ୍ରିଲ ୧୯ ପର୍ଯ୍ୟନ୍ତ ଉପଲବ୍ଧ । ଏ ଅବସରରେ ଚାନ୍ଦି ଭଣ୍ଡାରର ପ୍ରତିଷ୍ଠାତା ଲିପ୍‌ସା ହଂସ କୁହନ୍ତି, ଆମର ୨୯ତମ ଷ୍ଟୋର ଖୋଲି ଆମେ ଅତ୍ୟନ୍ତ ଗର୍ବିତ । ଏହି ମାଇଲଖୁଣ୍ଟ ଆମ ପ୍ରତି ଗ୍ରାହକଙ୍କ ଦୃଢ଼ ବିଶ୍ୱାସକୁ ପ୍ରତିଫଳିତ କରୁଛି । ଅକ୍ଷୟ ତୃତୀୟାରେ ଏହା ଆମ ପାଇଁ ଏକ ସୁନ୍ଦର ନୂତନ ଆରମ୍ଭ।

## ଷ୍ଟାର୍ଟଅପ୍ ଓଡ଼ିଶା ଓ ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟର ମିଳିତ ପ୍ରୟାସ

# ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଦ୍ୟୋଗୀ ମନୋଭାବ ସୃଷ୍ଟି ପାଇଁ ଅଭିଯାନ

ଜଟଣୀ, (ସବ୍ୟୁ) : ଓଡ଼ିଶାର ଯୁବପିଢ଼ିଙ୍କ ମଧ୍ୟରେ ନବୋନ୍ମେଷ ଏବଂ ନୂତନ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ 'ଷ୍ଟାର୍ଟଅପ୍ ଓଡ଼ିଶା' ଏବଂ ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟ ପକ୍ଷରୁ ମିଳିତ ଭାବେ ଏକ ସ୍ୱତନ୍ତ୍ର 'ଷ୍ଟାର୍ଟଅପ୍ ଆଉଟ୍ରିଚ୍ ପ୍ରୋଗ୍ରାମ' ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ, ଅଧ୍ୟାପକ ଏବଂ ବିଶେଷଜ୍ଞ ଯୋଗଦେଇଥିଲେ। ଏହି ଅବସରରେ ସେଣ୍ଟର ଫର ଇନୋଭେସନ ଆଣ୍ଡ ଏଣ୍ଟରପ୍ରିନରସିପ୍ ର ଅପରେସନ୍ସ ମୁଖ୍ୟ ସଞ୍ଜୀବ ମିଶ୍ର ଯୋଗଦେଇ ଶିକ୍ଷା କ୍ଷେତ୍ରରେ ଉଦ୍ୟୋଗୀ ମନୋଭାବର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ସଠିକ୍ ପରାମର୍ଶ, ଇନକ୍ୟୁବେସନ ସୁବିଧା ଏବଂ ସରକାରୀ ନୀତିର ସହାୟତା ମିଳିଲେ



ଜଣେ ଛାତ୍ର ନିଜର କଳ୍ପନାକୁ ସଫଳ ବ୍ୟବସାୟରେ ରୂପାନ୍ତରିତ କ ରି ପା ରି ବ । ସେ ଞ୍ଚୁ ରି ୟ ନ ବିଶ୍ୱବିଦ୍ୟାଳୟର ପ୍ରୋ-ଭାଇସ୍ ଚାନ୍ସେଲର ଡକ୍ଟର ଅଜୟ କୁମାର ନାୟକ ନିଜ ସମ୍ବୋଧନରେ କହିଥିଲେ ଯେ, ବିଶ୍ୱବିଦ୍ୟାଳୟ ସର୍ବଦା ନବସୃଜନକୁ ପ୍ରାଧାନ୍ୟ ଦେଇ ଆସିଛି। ଛାତ୍ରଛାତ୍ରୀମାନେ ଉପଲବ୍ଧ ସୁଯୋଗର ଫାଇଦା ଉଠାଇ ନିଜକୁ କେବଳ ଚାକିରି ଆଶାୟୀ ନୁହେଁ, ବରଂ ଚାକିରି ପ୍ରଦାନକାରୀ ଭାବେ ଗଢ଼ିତୋଳିବା ଉଚିତ।ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଷ୍ଟାର୍ଟଅପ୍ ସଫଳତା କାହାଣୀ।

'ଭିଲାମାର୍ଟ' ର ପ୍ରତିଷ୍ଠାତା ଡକ୍ଟର ରମେଶ ଚନ୍ଦ୍ର ବିଶ୍ୱାଳ ନିଜ ସଂଘର୍ଷ ଓ ସଫଳତାର କାହାଣୀ ଛାତ୍ରଛାତ୍ରୀଙ୍କ ସହ ବାଣ୍ଟିଥିଲେ। ତାଙ୍କର ଏହି ପ୍ରେରଣାଦାୟୀ ବାର୍ତ୍ତା ଯୁବ ଅନ୍ତର୍ପ୍ରିନରମାନଙ୍କ ମଧ୍ୟରେ ନୂଆ ଉତ୍ସାହ ଭରିଥିଲା।ଶେଷରେ ଏକ ଆଲୋଚନାଚକ୍ର ମାଧ୍ୟମରେ ଛାତ୍ରଛାତ୍ରୀମାନେ ବିଶେଷଜ୍ଞଙ୍କ ସହ ସିଧାସଳଖ ଆଲୋଚନା କରି ନିଜର ସନ୍ଦେହ ଦୂର କରିବା ସହ ନୂଆ ଷ୍ଟାର୍ଟଅପ୍ ବିଷୟରେ ଧାରଣା ପାଇଥିଲେ। ଓଡ଼ିଶାକୁ ଏକ ଗ୍ଲୋବାଲ ଷ୍ଟାର୍ଟଅପ୍ ହବ୍ ଭାବେ ଗଢ଼ିତୋଳିବା ପାଇଁ ଏହି କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି।

# ବିଶ୍ୱ ହୋମିଓପାଥିକ ଦିବସରେ ହୋମିଓପାଥିକ ଡାକ୍ତରଙ୍କ ପରଲୋକ

ଖୋର୍ଦ୍ଧା, (ସବ୍ୟୁ): ବିଶ୍ୱ ହୋମିଓପାଥି ଦିବସରେ ହୋମିଓପାଥିକ ଡାକ୍ତରଙ୍କ ବିୟୋଗ ଘଟିଛି। ଖୋର୍ଦ୍ଧା ଅଂଚଳର ଜଣାଶୁଣା ହୋମିଓପାଥିକ ଚିକିତ୍ସକ ଡାକ୍ତର ଗିରିଶ ଚନ୍ଦ୍ର ନାୟକଙ୍କର ୭୧ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଗତ କିଛି ଦିନ ଧରି ସେ ଅସୁସ୍ଥ ଥିଲେ। ତେବେ ଶୁକ୍ରବାର ସକାଳୁ ତାଙ୍କର ହୃଦଘାତ ଘଟିଥିଲା। ତୁରନ୍ତ ତାଙ୍କୁ ଖୋର୍ଦ୍ଧା ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଡାକ୍ତର ନାୟକ ହୋମିଓପାଥିକ ଚିକିତ୍ସା କ୍ଷେତ୍ରରେ ଲୋକପ୍ରିୟ ଥିଲେ। ବହୁ ରୋଗୀ ତାଙ୍କ ଔଷଧରେ ଉପକୃତ ହେଉଥିଲେ। ରାଜ୍ୟର ବିଭିନ୍ନ ହୋମିଓପାଥିକ ଚିକିତ୍ସାଳୟରେ କାର୍ଯ୍ୟ କରି ସେ ସୁନାମ ଅର୍ଜନ କରିଥିଲେ। ବାଲେଶ୍ୱର ନରସିଂହପୁରର ମୂଳନିବାସୀ ସ୍ୱର୍ଗତ ନାୟକ ଖୋର୍ଦ୍ଧା ବିଡିଏ କଲୋନୀର ସ୍ଥାୟୀ ବାସିନ୍ଦା ହୋଇଥିଲେ। ଏଠାରେ ସେ ପାଟଖଣ୍ଡା ମନ୍ଦିର ପ୍ରତିଷ୍ଠା କରିବା ପୂର୍ବକ ବାସନ୍ତିକ ଦୁର୍ଗାପୂଜା ତଥା ବାର୍ଷିକ ଉତ୍ସବ ଆୟୋଜନ କରୁଥିଲେ। ଖବର ପାଇ ବହୁ ବ୍ୟକ୍ତି ବିଡିଏ କଲୋନୀସ୍ଥିତ ବାସଭବନରେ ତାଙ୍କର ଶେଷଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା। ବଡ଼ପୁଅ ଜୀବନଜ୍ୟୋତି ମୁଖାଗ୍ନି ଦେଇଥିଲେ ମୃତ୍ୟୁ ଶଯ୍ୟା ନିକଟରେ ସ୍ୱର୍ଗତ ନାୟକଙ୍କ ପତ୍ନୀ ତଥା ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପ୍ରତୀତି ପଟ୍ଟନାୟକ, କନିଷ୍ଠ ପୁତ୍ର ସପନଜ୍ୟୋତି ଓ କନ୍ୟା ଲିପ୍ସାଙ୍କ ସମେତ ଶୁଭେଚ୍ଛୁ ବନ୍ଧୁବାନ୍ଧବ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ।

## ରିଲାଏନ୍ସ 'କର ଲୋ ଦୁନିଆ ମୁଠି ମେଁ ସ୍କିମ' ମାମଲା

# ମୁକେଶ ଅମ୍ବାନୀଙ୍କ ବିରୋଧରେ ମାମଲା ଖାରଜ

କଟକ, (ସବ୍ୟୁ ) : ୨୦୦୩ ମସିହାରେ ରିଲାଏନ୍ସ କମ୍ପାନୀ ପକ୍ଷରୁ ଜାରି ଏକ ସ୍କିମ୍ 'କର ଲୋ ଦୁନିଆ ମୁଠି ମେଁ'ରେ ୫୦୧ ଟଙ୍କାରେ ମୋବାଇଲ କ୍ରୟ କରି ସେବା ପାଇ ନ ଥିବା ଅଭିଯୋଗରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡର ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କ ବିରୋଧରେ ଦାଖଲ ଅପରାଧିକ ମାମଲାକୁ ଓଡ଼ିଶା ହାଇକୋର୍ଟ ଖାରଜ କରିଦେଇଛନ୍ତି। ଜଣେ ଆବେଦନକାରୀଙ୍କ ଦ୍ୱାରା ନ୍ୟାୟିକ ପ୍ରକ୍ରିୟାର ବାରମ୍ବାର ଅପବ୍ୟବହାର କରାଯାଉଥିବା ଦେଖି ଅଦାଲତ ଅସନ୍ତୋଷ ପ୍ରକାଶ କରିଛନ୍ତି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ ଓ ଅନ୍ୟମାନଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ଜଷ୍ଟିସ ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ଆବେଦନକୁ ଗ୍ରହଣ କରିବା ସହ ପ୍ରତିପକ୍ଷଙ୍କ ଦ୍ୱାରା ଦାୟର ହୋଇଥିବା ମାମଲାକୁ ଖାରଜ କରିଦେଇଛନ୍ତି।

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଏବଂ ଅନ୍ୟ ଜଣେ ଆବେଦନକାରୀଙ୍କ ବିରୋଧରେ ପ୍ରଫୁଲ୍ଲ କୁମାର ମିଶ୍ର ନାମକ ଜଣେ ବ୍ୟକ୍ତି ନିମ୍ନ ଅଦାଲତରେ ଏକାଧିକ ମାମଲା ରୁଜୁ କରିଥିଲେ। ଏହି ମାମଲାଗୁଡ଼ିକରେ କୌଣସି ଦୃଢ଼ ଆଧାର ନଥିବା ବେଳେ ଏହା କେବଳ ଆବେଦନକାରୀ କମ୍ପାନୀକୁ ହଇରାଣ କରିବା ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ଅଭିଯୋଗ ହୋଇଥିଲା। ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ନିମ୍ନ ଅଦାଲତରେ ଚାଲିଥିବା ମିଥ୍ୟା ଓ ଭିତ୍ତିହୀନ ମାମଲାକୁ ରଦ୍ଦ କରିବା ସହ ନିଜକୁ ଅଯଥା ଆଇନଗତ ହଇରାଣରୁ ରକ୍ଷା କରିବା ପାଇଁ ପ୍ରାର୍ଥନା କରିଥିଲେ। ଅଦାଲତ ଅଦାଲତ ଅନୁଧ୍ୟାନ କରି ଦେଖିଲେ ଯେ, ପ୍ରତିପକ୍ଷ ନିଜର ଆଇନଗତ ଜ୍ଞାନକୁ ନ୍ୟାୟ ପ୍ରଦାନ ପରିବର୍ତ୍ତେ ବିରୋଧୀଙ୍କୁ ଅଯଥା ମାମଲାରେ ଛନ୍ଦିବା ପାଇଁ ବ୍ୟବହାର କରୁଥିଲେ। ସମୟ ନଷ୍ଟ କରିଥିବା ଯୋଗୁଁ ଅଦାଲତ ପ୍ରତିପକ୍ଷଙ୍କ ଉପରେ ୧୦୦୦ ଟଙ୍କା ଜୋରିମାନା ଲଗାଯାଇଛି। ଆସନ୍ତା ୪ ସପ୍ତାହ ମଧ୍ୟରେ ଏହି ଜୋରିମାନା ଅର୍ଥକୁ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର 'ଜୁଭେନାଇଲ୍ ଜଷ୍ଟିସ୍ ଫଣ୍ଡ'ରେ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ଭବିଷ୍ୟତରେ ଏଭଳି ନ୍ୟାୟିକ ପ୍ରକ୍ରିୟାର ଅପବ୍ୟବହାର ହୁଏ, ତେବେ କୋର୍ଟ ଅଧିକ କଠୋର ଏବଂ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ରାୟରେ ସ୍ପଷ୍ଟ କରିଛନ୍ତି।

## ଟ୍ରେନରେ ଖାଦ୍ୟ ବିତରଣ କରିବା ପାଇଁ

# ଇକ୍ସିଗୋ ଟ୍ରେନ ଏବଂ କନଫାର୍ମ ଟିକେଟି ସ୍ୱିଗି ସହିତ ସହଭାଗୀ ହେଲା

ଭୁବନେଶ୍ୱର (ସବ୍ୟୁ): ଭାରତର ଅଗ୍ରଣୀ ଏଆଇ-ଭିତିକ ଟ୍ରେନ୍ ଟିକେଟିଂ ପ୍ଲାଟଫର୍ମ, ଇକ୍ସିଗୋ ଟ୍ରେନ୍ ଏବଂ କନଫାର୍ମ ଟିକେଟି, ଭାରତର ଅଗ୍ରଣୀ ଅନ୍- ଡିମାଣ୍ଡ ସୁବିଧା ପ୍ଲାଟଫର୍ମ, ସ୍ୱିଗି ସହିତ ସହଭାଗୀତା କରିଛନ୍ତି, ଯାହା ଏହାର ଫୁଡ୍ ଅନ୍ ଟ୍ରେନ୍ ସେବାକୁ ଶକ୍ତିଶାଳୀ କରିବ। ସ୍ୱିଗିର ରେଷ୍ଟୁରାଂଟ ନେଟୱାର୍କକୁ ଇକ୍ସିଗୋ ଏବଂ କନଫାର୍ମ ଟିକେଟି ଆପ୍ସ ସହିତ ସଂଯୁକ୍ତ କରି, ଏହି ସହଯୋଗ ଅନ୍-ଦି- ମୁଭ୍ ଯାତ୍ରୀଙ୍କ କ୍ଷୁଧା ସମସ୍ୟାର ଆବଶ୍ୟକୀୟ ସମାଧାନ ପ୍ରଦାନ କରେ - ସମାନ ଚୟନ, ନିର୍ଭରଯୋଗ୍ୟତା ଏବଂ ମୂଲ୍ୟ ସହିତ ଯାହା ଗ୍ରାହକମାନେ ସେମାନଙ୍କ ଘରୁ ଅର୍ଡର କରିବା ସମୟରେ ସ୍ୱିଗି ଠାରୁ ଆଶା କରିପାରିବେ। ଏହି ସମନ୍ୱୟ ମାଧ୍ୟମରେ, ଯାତ୍ରୀମାନେ ଲୋକପ୍ରିୟ ଜାତୀୟ ବ୍ରାଣ୍ଡରୁ ସହର ସାରା ଜଣାଶୁଣା ସ୍ଥାନୀୟ ପସନ୍ଦିତ ଖାଦ୍ୟ ପସନ୍ଦ କରିପାରିବେ - ପରିଚିତ ଗୋ-ଟୁ ଖାଦ୍ୟ ବାଛିପାରିବେ କିମ୍ବା ସେମାନଙ୍କ ରାସ୍ତାରେ ଆଂଚଳିକ ବିଶେଷତା ଅନୁସନ୍ଧାନ କରିପାରିବେ। ଯାତ୍ରୀମାନଙ୍କୁ ସେମାନଙ୍କର ପସନ୍ଦର ଖାଦ୍ୟ ସୁଗମ ଭାବରେ ଅର୍ଡର କରିବାକୁ ଏବଂ ସିଧାସଳଖ ସେମାନଙ୍କ ସିଟ୍ କିମ୍ବା ବର୍ଥରେ ପହଂଚାଇବାକୁ ସକ୍ଷମ କରି ଟ୍ରେନ ଯାତ୍ରାକୁ ଅଧିକ ସୁବିଧାଜନକ କରିବା ପାଇଁ ଏହି ସେବା ଡିଜାଇନ୍ କରାଯାଇଛି। ଏହି ସହଭାଗୀତା ସହିତ, ଟ୍ରେନ ଯାତ୍ରୀମାନେ କ୍ୟୁରେଟେଡ୍ ମେନୁ ବ୍ରାଉଜ୍ କରିପାରିବେ, ଭାରତର ୧୬୦+ ରେଳ ଷ୍ଟେସନରେ ୪୦,୦୦୦ ରୁ ଅଧିକ ବିଶ୍ୱସ୍ତ ରେଷ୍ଟୁରାଂଟ ଅଂଶୀଦାରଙ୍କଠାରୁ ତାଜା ଏବଂ ସ୍ୱଚ୍ଛ ଖାଦ୍ୟ ଅର୍ଡର କରିପାରିବେ, ବାସ୍ତବ ସମୟରେ ସେମାନଙ୍କର ଅର୍ଡର ଟ୍ରାକ୍ କରିବାର କ୍ଷମତା ସହିତ, ଏବଂ ସେମାନଙ୍କ ଟ୍ରେନ ସିଟରେ ସିଧାସଳଖ ଡେଲିଭରି ପାଇପାରିବେ। ଯାତ୍ରୀମାନେ ଟ୍ରେନ ଆସିବାର ୪ ଦିନ ପୂର୍ବରୁ ୪୦ ମିନିଟ୍ ପର୍ଯ୍ୟନ୍ତ ଖାଦ୍ୟ ବୁକ୍ କରିପାରିବେ।

# ଉଚ୍ଚତର ଗବେଷଣା ନିମନ୍ତେ ସୋଆ ଏବଂ ଆଇସିଏଆର- ଏନ୍‌ଆର୍‌ସିୱାଇ ମଧ୍ୟରେ ବୁଝାମଣା




ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ସହିତ ଅରୁଣାଚଳ ପ୍ରଦେଶର ଡିରାଙ୍ଗ ସ୍ଥିତ ଆଇସିଏଆର-ନ୍ୟାସନାଲ୍ ରିସର୍ଚ୍ଚ ସେଂଟର ଅନ୍ ୟାକ (ଏନ୍‌ଆର୍‌ସିୱାଇ) ମଧ୍ୟରେ ଗୁରୁବାର ଏଠାରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ସୋଆ କୁଳପତି ପ୍ରଫେସର (ଡକ୍ଟର) ପ୍ରଦୀପ୍ତ କୁମାର ନନ୍ଦ ଓ ଆଇସିଏଆର-ଏନ୍‌ଆର୍‌ସିୱାଇର ବରିଷ୍ଠ ବୈଜ୍ଞାନିକ ଡାକ୍ତର ଦୀନମଣି ମେଧି ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ସୋଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନ୍‌ସ ଆଣ୍ଡ ଆନିମଲ ହଜବ୍ୟାଣ୍ଡରୀ (ଆଇଭିଏସ୍‌ଏଏଚ୍) ର ଡିନ୍ ପ୍ରଫେସର ସୁଶାନ୍ତ କୁମାର ଦାସ ଏବଂ ପ୍ରାଣୀ ପ୍ରଜନନ ଓ ପ୍ରସୂତୀ ବିଭାଗର ମୁଖ୍ୟ ଡାକ୍ତର ଅଶୋକ କୁମାର ବାରିକ ତଥା ବିଭାଗୀୟ ଅଧ୍ୟାପକମାନେ ଉପସ୍ଥିତ ଥିଲେ। ଏହି ବୁଝାମଣା ପତ୍ର ସ୍ୱାକ୍ଷର ଫଳରେ ଭବିଷ୍ୟତରେ ପ୍ରାଣୀ ପ୍ରଜନନ ଓ ପ୍ରସୂତୀ ବିଭାଗର ଉଚ୍ଚତର ମିଳିତ ଗବେଷଣା ପାଇଁ ସୁଯୋଗ ସୃଷ୍ଟି ହୋଇଛି।

# ବନ୍‌ଭି ଏରୋର ନୂଆ ଡ୍ରୋନ ପାର୍କ

ଭୁବନେଶ୍ୱର (ସବ୍ୟୁ): ଓଡିଶାର ଏରୋସ୍ପେଶ ଓ ଡିଫେନ୍ସ ମାନୁଫ୍ୟାକଚରିଂ ଇକୋସିଷ୍ଟମ ପାଇଁ ଏକ ବଡ ପ୍ରୋତ୍ସାହନ ରୂପେ ବନଭି ଏରୋ ନୂଆ ଖୋର୍ଦ୍ଧାଠାରେ ଡ୍ରୋନ ପାର୍କ ଆରମ୍ଭ କରିଛି । ଏହି ଫ୍ୟାସିଲିଟିକୁ ବରିଷ୍ଠ ସରକାରୀ ଅଧିକାରୀ ଓ ଶିଳ୍ପର ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଉ"ାଟନ କରାଯାଇଥିଲା । ୩୦ ଏକର ଜମିରେ ପରିବ୍ୟାପ୍ତ ଓ ଦୁଇଟି ପର୍ଯ୍ୟାୟରେ ଯୋଜନା କରାଯାଇଥିବା ଏହି ପ୍ରକଳ୍ପରେ ୩୦୦ କୋଟି ଟଙ୍କା ନିବେଶ କରାଯିବ ଏବଂ ଏହା ମାନୁଫ୍ୟାକଚରିଂ, ରିସର୍ଚ୍ଚ ଆଣ୍ଡ ଡେଭ୍ଲପମେଂଟ, ପାଇଲଟ ଟ୍ରେନିଂ ଓ ପରିଚାଳନା କ୍ଷେତ୍ରରେ ୧୦୦୦ରୁ ଅଧିକ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି । ଏହି ଡ୍ରୋନ ପାର୍କର କମିଶନଂ ଉଦ୍ଭାବନଭିତ୍ତିକ ବିକାଶଠାରୁ ବିସ୍ତୃତୟୁଏଭି ମାନୁଫ୍ୟାକଚରିଂ ପର୍ଯ୍ୟନ୍ତ ବନଭି ଏରୋର ରୂପାନ୍ତରଣକୁ ସୂଚିତ କରୁଛି ଯାହା ଆତ୍ମନିର୍ଭର ଭାରତ ଲକ୍ଷ୍ୟ ସହ ସମନ୍ୱିତ ରହିଛି । ଏହି ଅବସରରେ ବନଭି ଏରୋର ପ୍ରତିଷ୍ଠାତା ସତ୍ୟବ୍ରତ ଶତପଥୀ କହିଛନ୍ତି, ଏହି ପଦକ୍ଷେପ ଉତ୍ପାଦନ ବାହାରେ ଏକ ମଜବୁତ ସ୍ଥାନୀୟ ଇକୋସିଷ୍ଟମ ନିର୍ମାଣ କରିବା ପାଇଁ ଲକ୍ଷ୍ୟ ରଖିଛି, ଯାହା ଆନ୍ତର୍ଜାତୀୟୟୁଏଭି ଶିଳ୍ପରେ ଏକ ପ୍ରମୁଖ କ୍ଷେତ୍ର ଭାବେ ଓଡିଶାକୁ ଅବସ୍ଥାପିତ କରିବ । ଏହି ଡ୍ରୋନ ପାର୍କରେ ଘରୋଇ ଓ ଆନ୍ତର୍ଜାତୀୟ ବଜାରଗୁଡିକ ପାଇଁ ହଜାର ହଜାର ସଂଖ୍ୟକୟୁଏଭି ଉତ୍ପାଦନ କରିବାର କ୍ଷମତା ରଖିଥିବା ଅତ୍ୟାଧୁନିକ ଆସେମ୍ବ୍ଲି ଲାଇନ ରହିଛ ।ଏଠାରେ ସେଂଟର ଅଫ୍ ଏକ୍ସିଲେନ୍ସ (ସିଓଇ), ଏକ ଉତ୍ସର୍ଗୀକୃତ ସ୍କିଲିଙ୍ଗ ସେଂଟର ରହିବ ଏବଂ ଏହା ଏମଏସଏମଇ, କମ୍ପୋନେଂଟ ବା ଉପାଦାନ ନିର୍ମାଣକାରୀ ଓ ଶିକ୍ଷାନୁଷ୍ଠାନଗୁଡିକ ସହ ସହଭାଗିତା ମାଧ୍ୟମରେ ଇକୋସିଷ୍ଟମର ବିକାଶକୁ ପ୍ରୋତ୍ସାହିତ କରିବ ।

# ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏଡ୍‌ସ ସଚେତନତା କର୍ମଶାଳା

ବେତନଟୀ (ସବ୍ୟୁ) ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ବୈଶିଙ୍ଗାସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ୍ ଉଦ୍ୟମରେ ଏଡସ୍ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ତଥା ଇଂରାଜୀ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ବୀରେନ୍ଦ୍ର କୁମାର ବେହେରା ସଂଯତ ଓ ଶୃଙ୍ଖଳିତ ଜୀବନ ଅତିବାହିତ କରି ନିଜର ମୂଲ୍ୟବାନ ଜୀବନକୁ ସୁରକ୍ଷିତ ରଖିବା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏଡସ୍ ପରାମର୍ଶଦାତା ସନ୍ନ୍ୟାସୀ କୁମାର ଜେନା ବିଶେଷଜ୍ଞ ଭାବେ ଯୋଗଦେଇ ଏଡସ୍‌ର ଭୟାବହତା, କାରଣ, ନିରାକରଣ ଓ ପ୍ରତିକାର ଉପରେ ଦୀକ୍ଷାନ୍ତ ଭାଷଣ ଦେଇ ଯୁବ ସମାଜକୁ ସତର୍କ କରାଇବା ସହ ନିଜକୁ ସମ୍ପୂର୍ଣ୍ଣ ସୁରକ୍ଷିତ ରଖିବାକୁ ପରାମର୍ଶ ଦେଇଥିଲେ। କଲେଜର ରେଡକ୍ରସ୍ ମୁଖ୍ୟ ମହେନ୍ଦ୍ର କୁମାର କର ଏହି ସଭାକାର୍ଯ୍ୟକୁ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ବରିଷ୍ଠ ପ୍ରାଧ୍ୟାପକ, ଅଧ୍ୟାପକ ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ।

# ଖୋର୍ଦ୍ଧାରୋଡ଼ ମଣ୍ଡଳର ସିଗନାଲ୍ ଏବଂ ଟେଲିକମ୍ ବିଭାଗର ଉଲ୍ଲେଖନୀୟ ସଫଳତା

ଜଟଣୀ, (ସବ୍ୟୁ) : ଖୋର୍ଦ୍ଧାରୋଡ଼ ମଣ୍ଡଳର ସିଗନାଲ୍ ଏବଂ ଟେଲିକମ୍ ବିଭାଗ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷରେ ସୁରକ୍ଷା ଏବଂ ଆଧୁନିକୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇଛି। ରେଳ ଚଳାଚଳର ସୁରକ୍ଷା, ନିର୍ଭର ଯୋଗ୍ୟତା ଏବଂ ଯାତ୍ରୀ ସୁବିଧାରେ ଉନ୍ନତି ଆଣିବା ପାଇଁ ବିଭାଗ ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରିଛି। ଏହି ବର୍ଷ ମଧ୍ୟରେ ମେରାମଣ୍ଡଳୀ, ବୈତରଣୀ ରୋଡ୍, କୋରାଇ ଏବଂ ତାପଙ୍ଗ ଷ୍ଟେସନରେ ନୂତନ ଇଣ୍ଟରଲକିଂ ବ୍ୟବସ୍ଥା ସଫଳତାର ସହ କାର୍ଯ୍ୟକାରୀ କରାଯାଇଛି। ଏହି ଅତ୍ୟାଧୁନିକ ବ୍ୟବସ୍ଥା ଟ୍ରେନ୍ ଚଳାଚଳକୁ ସୁରକ୍ଷିତ କରିବା ସହ ବର୍ଦ୍ଧିତ ଟ୍ରେନ୍ ଯାତାୟାତକୁ ସୁଚାରୁରୂପେ ପରିଚାଳନା କରିବାରେ ସହାୟକ ହେବ।ଲେଭଲ୍ କ୍ରସିଂଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ୧୮ଟି ଗେଟ୍‌ରେ ଇଣ୍ଟରଲକିଂ ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ଗେଟ୍ ସମ୍ପୂର୍ଣ୍ଣ ବନ୍ଦ ହେବା ପରେ ହିଁ ଟ୍ରେନ୍ ଯାତାୟାତ କରିପାରିବ। ଏହା ସହିତ ୩୪ଟି ଗେଟ୍‌ରେ 'ସ୍ଲାଇଡିଂ ବୁମ୍ ବ୍ୟାରିଅର୍' ଏବଂ ୨୫ଟି ଗେଟ୍‌ରେ 'ବୈଦ୍ୟୁତିକ ଲିଫ୍ଟିଂ ବ୍ୟାରିଅର୍' ଲଗାଯାଇଛି, ଯାହା ସୁରକ୍ଷା ସହ ସାଧାରଣ ଯାତାୟାତକୁ ସହଜ କରିବ।ଆଧୁନିକୀକରଣ ପଦକ୍ଷେପ ସ୍ୱରୂପ କଟକ-ପାରାଦୀପ ସେକ୍ସନରେ 'ଅଟୋମେଟିକ୍ ବ୍ଲକ୍ ସିଗନାଲିଂ' ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ଏହାଦ୍ୱାରା କମ୍ ସମୟ ବ୍ୟବଧାନରେ ଏକାଧିକ ଟ୍ରେନ୍ ଚଳାଚଳ ସମ୍ଭବ ହେବ ଏବଂ ଲାଇନ୍ କ୍ଷମତା ବୃଦ୍ଧି ପାଇବ।ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ତାଳଚେର ଷ୍ଟେସନରେ ସିସିଟିଭି ବ୍ୟବସ୍ଥା କରାଯାଇଛି। ସେହିପରି ଯାତ୍ରୀମାନଙ୍କୁ ସଠିକ୍ ସୂଚନା ପ୍ରଦାନ ପାଇଁ କେନ୍ଦୁଝରଗଡ଼ ଏବଂ ଭୁବନେଶ୍ୱର ନିଉ ଷ୍ଟେସନରେ 'ଅଟୋମେଟିକ୍ ଆନାଉନ୍ସମେଣ୍ଟ ସିଷ୍ଟମ' ସ୍ଥାପନ କରାଯାଇଛି।ଉନ୍ନତ ରକ୍ଷଣାବେକ୍ଷଣ ଏବଂ ନୂତନ ଜ୍ଞାନକୌଶଳର ବ୍ୟବହାର ଯୋଗୁଁ ସିଗନାଲ୍ ବିଫଳତା କ୍ଷେତ୍ରରେ ପ୍ରାୟ ୩୦% ହ୍ରାସ ପରିଲକ୍ଷିତ ହୋଇଛି କ୍ଷ ଏହି ସମସ୍ତ ସଫଳତା ଖୋର୍ଦ୍ଧାରୋଡ଼ ମଣ୍ଡଳର ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଆପଣାଇବା, ସୁରକ୍ଷିତ ରେଳ ଚଳାଚଳ ଏବଂ ଯାତ୍ରୀମାନଙ୍କୁ ଉନ୍ନତ ସେବା ଯୋଗାଇଦେବାର ପ୍ରୟାସକୁ ଦର୍ଶାଉଛି।

## ଆଇଏନ୍‌ଡବ୍ଲୁଇସିର ନୂତନ କର୍ମକର୍ତ୍ତା

# ସ୍ୱାତୀ କେଜରିୱାଲ ଆବାହିକା, ସୁମା ଦେବୀ ଦାଶ ସହ ଆବାହିକା

ଭୁବନେଶ୍ୱର, (ସବ୍ୟୁ): ଆଇସିସି ଜାତୀୟ ମହିଳା ଉଦ୍ୟୋଗୀ ପରିଷଦ (ଆଇଏନଡବ୍ଲୁଇସି), ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି) ର ତତ୍ତ୍ୱାବଧାନରେ,ପରିବର୍ତ୍ତନ ଏବଂ ସଂସ୍ଥାପନ ଉତ୍ସବ ୨୦୨୬ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଯାହା ଏହାର ନୂତନ ନେତୃତ୍ୱ ଦଳ ଘୋଷଣା ଏବଂ ଏହାର ଭିଜନ ୨୦୨୬- ୨୦୨୮ ଉନ୍ମୋଚନ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଥିଲା। ଏହି କାର୍ଯ୍ୟକ୍ରମରେ ଆଇସିସି ର ଅଧ୍ୟକ୍ଷ ରାଜୀବ ସାହୁ, ବରିଷ୍ଠ ଉପାଧ୍ୟକ୍ଷ ଧର୍ମାଦିତ୍ୟ ପଟ୍ଟନାୟକ, ନୀଳାଞ୍ଜନା ମୁଖାର୍ଜୀ, ଆଇସିସିର ଉପାଧ୍ୟକ୍ଷ, ରାଜ୍ୟ ପରିଷଦ; ଏବଂ ଜେ ପି ପାଲ, ଯୁଗ୍ମ ନିର୍ଦ୍ଦେଶକ ଏବଂ କ୍ଷେତ୍ରୀୟ ମୁଖ୍ୟ, ଓଡିଶା ପ୍ରମୁଖ ଯୋଗ ଦେଇଥିଲେ। ସେମାନଙ୍କ ଭାଷଣରେ, ସେମାନେ ସମାବେଶୀ ଆର୍ଥିକ ଅଭିବୃଦ୍ଧିକୁ ଆଗେଇ ନେବାରେ ମହିଳା ଉଦ୍ୟୋଗୀଙ୍କ ବର୍ଦ୍ଧିତ ଭୂମିକା ଉପରେ ଆଲୋକପାତ କରିଥିଲେ । ମହିଳା ନେତୃତ୍ୱାଧୀନ ଉଦ୍ୟୋଗ ପାଇଁ ଏକ ଗତିଶୀଳ ପ୍ଲାଟଫର୍ମ ଭାବରେ ଆଇଏନଡବ୍ଲୁଇସିର ଅବଦାନକୁ ସ୍ୱୀକାର କରିଥିଲେ। ଏହି ସମାରୋହରେ ବିଦାୟୀ ଆବାହିକା




ପ୍ରୀତି ପଲ୍ଲବୀ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଯେଉଁମାନେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ମହିଳା ଉଦ୍ୟୋଗୀଙ୍କ ଏକ ଦୃଢ଼ ଏବଂ ସଂଯୋଜିତ ନେଟୱାର୍କ ଗଠନରେ ତାଙ୍କର ପ୍ରମୁଖ ଭୂମିକାକୁ ସ୍ୱୀକୃତି ଦେଇଥିଲେ। ଏକ ନୂତନ ଅଧ୍ୟାୟର ଆରମ୍ଭ କରି, ସିଏ ସ୍ୱାତୀ କେଜରିୱାଲ, ପରିଚାଳନା ସହଯୋଗୀ, ଓମ୍ କେଜରିୱାଲ ଏବଂ କମ୍ପାନୀ ଆବାହିକା ଭାବରେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ସୁମା ଦେବୀ ଦାଶ, ନିର୍ଦ୍ଦେଶକ, ଅଶ୍ୱିନୀ ଗ୍ରୁପ୍ ଅଫ୍ ହସ୍ପିଟାଲ୍ସ ଏବଂ ଏଗ୍ରି, ଦି ବାମ୍ବାଇ କାଫେ ଏବଂ ଜୋସେଫ୍ସ, ସହ-ଆବାହିକା ଭାବରେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ସେମାନଙ୍କ ନେତୃତ୍ୱରେ, ଆଇଏନଡବ୍ଲୁଇସି ଅଭିବୃଦ୍ଧି,ସହଯୋଗ ଏବଂ ନେତୃତ୍ୱ ବିକାଶ ଉପରେ ଅଧିକ ଧ୍ୟାନ ଦେଇ ଏହାର ପ୍ରଭାବକୁ ଆହୁରି ମଜବୁତ କରିବାକୁ ଲକ୍ଷ୍ୟ ରଖିଛି। ନିଜ ଦୃଷ୍ଟିକୋଣକୁ ବାଣ୍ଟି ସିଏ ସ୍ୱାତୀ କେଜ୍ରିୱାଲ କହିଛନ୍ତି, "ଆମର ଲକ୍ଷ୍ୟ ହେଉଛି ନେଟୱାର୍କିଂଠାରୁ ଅଧିକ ବାସ୍ତବ ବିକାଶ ଯେଉଁଠାରେ ମହିଳା ଉଦ୍ୟୋଗୀମାନେ କେବଳ ଅଂଶଗ୍ରହଣକାରୀ ନୁହଁନ୍ତି ବରଂ ନେତା, ନିଷ୍ପତ୍ତି ନିର୍ମାତା ଏବଂମୂଲ୍ୟ ସୃଷ୍ଟିକାରୀ। ମହିଳା ଉଦ୍ୟୋଗୀଙ୍କ ଏକ ସ୍ଥିର, ସହଯୋଗୀ ଏବଂ ପ୍ରଭାବଶାଳୀ ସମ୍ପ୍ରଦାୟ ଗଠନ ପାଇଁ ଏହାର ପ୍ରତିବଦ୍ଧତାକୁ ମଜବୁତ କରେ। ଆଇଏନଡବ୍ଲୁଇସି ଏହି ନୂତନ ପର୍ଯ୍ୟାୟରେ ପାଦ ଦେବା ସହିତ, ଏହା ବ୍ୟବସାୟଗୁଡ଼ିକୁ ସକ୍ଷମ କରିବା - ନେତାମାନଙ୍କୁ ଗଠନ କରିବା, ଇକୋସିଷ୍ଟମକୁ ସୁଦୃଢ଼ କରିବା ଏବଂ ଅର୍ଥପୂର୍ଣ୍ଣ ଡ୍ରାଇଭ କରିବା ଠାରୁ ଅଧିକ ଲକ୍ଷ୍ୟ ରଖିଛି।

# ଅଟୋ ଦୁର୍ଘଟଣା ୧୦ ଦଣ୍ଡୁଆ ଆହତ

ଭାପୁର, (ସବ୍ୟୁ ):ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ଫତେଗଡ ଥାନା ଅଧୀନ ବଡସହରା ପଞ୍ଚାୟତର ମାନସିକଧାରୀ ଦଣ୍ଡୁଆ ମାନେ ଶୁକ୍ରବାର ସକାଳୁ ଦ୍ୱିତୀୟ ଅଯୋଧ୍ୟା ଫତେଗଡ ଶ୍ରୀରାମ ମନ୍ଦିରକୁ ପ୍ରଭୁଙ୍କ ଦର୍ଶନ ପାଇଁ ଏକ ଅଟୋ ଗାଡ଼ିରେ ଆସିଥିଲେ । ଦର୍ଶନ ସାରି ଫେରୁଥିବାବେଳେ ଭାରସାମ୍ୟ ହରାଇ ଅଟୋ ଦୁର୍ଘଟଣା ଘଟି ଦଶରୁ ଉର୍ଦ୍ଧ ଦଣ୍ଡୁଆ ଆହତ ହୋଇ ଭାପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେବାର ପାଇଁ ଭର୍ତ୍ତି ହୋଇଥିଲେ । ଗୁରୁତର ମାନଙ୍କୁ ଭୁବନେଶର ରେଫର କରାଯାଇଥିଲା । ଫତେଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଅଟୋ ଗାଡିକୁ ଜବତ କରିବା ସହ ତଦନ୍ତ ଚାଲୁ ରଖିଥିବା ସୂଚନା । ମେଡିକାଲରେ ବଡସହରା ପଞ୍ଚାୟତର ସରପଞ୍ଚ ବ୍ରଜକିଶୋର ଆଲୁକ, ଶାସନ ପଞ୍ଚାୟତର ସମିତି ସଭ୍ୟ କାହ୍ନୁଚରଣ ପ୍ରଧାନ, ସାମାଜିକ କର୍ମୀ ରଶ୍ମୀରଂଜନ ସଓ୍ୱାଇଁ ପ୍ରମୁଖ ପହଞ୍ଚି ଆଶୁ କାମନା କରିଥିଲେ ।

# ଓଡ଼ିଶା ପାୱାର ଟ୍ରାନ୍ସମିଶନ୍ ଇଞ୍ଜିନିୟର୍ସ ଆସୋସିଏସନ୍ ରୌପ୍ୟ ଜୟନ୍ତୀ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ପାୱାର ଟ୍ରାନ୍ସମିସନ୍ ଇଞ୍ଜିନିୟର୍ସ ଆସୋସିଏସନ୍ ୨୫ ବର୍ଷରେ ଏହାର ରୌପ୍ୟ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଓପିଟିସିଏଲ ର ସିଏମ୍‌ଡି ଭାସ୍କର ଜ୍ୟୋତି ଶର୍ମା ପ୍ରଦୀପ ଜାଳି ଉଦଘାଟନ କରିଥିଲେ। ଡାଇରେକ୍ଟର, ଜେନେରାଲ ସେକ୍ରେଟାରୀ ଏବଂ ଅନ୍ୟ ସହକର୍ମୀ ଉପସ୍ଥିତ ଥିଲେ। "ଚାରି ବର୍ଷର କ୍ୟାଡର ପୁନର୍ଗଠନ ପକ୍ଷାଘାତ ଆମ କ୍ୟାରିଅର ଏବଂ ଓପିଟିସିଏଲ ମହତ୍ତ୍ୱାକାଂକ୍ଷାକୁ ଚାପି ଦେଇଛି," ଓପିଟିଆରଏ ମୁଖପାତ୍ର କହିଛନ୍ତି । ୨୦୨୧ରେ ରାଜ୍ୟବ୍ୟାପୀ ଅନୁମୋଦିତ, ଡିସକମ୍ ୨୦୨୪ରେ ସମାପ୍ତ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ




ଓପିଟିସିଏଲ ଏହାକୁ କାର୍ଯ୍ୟକାରୀ କରୁନାହିଁ ବୋଲି ଆସୋସିଏସନ ଜଣାଇଛି । ଆସୋସିଏସନର ବିଭିନ୍ନ ସୁବିଧା ଅସୁବିଧା ବିଷୟରେ ଅବଗତ କରାଇଥିଲେ। ଜନଶକ୍ତି, ଭିତ୍ତିଭୂମି ବୃଦ୍ଧି ମଧ୍ୟରେ ୨୦୧୪ ପରଠାରୁ ୫୦% କମିଛି ଫୋରମ୍ ଅଭିଯୋଗ ଦେଇଛି। ବହୁଳ ନିଯୁକ୍ତି କରନ୍ତୁ, ବ୍ଲାକଆଉଟ୍‌ରୁ ପର୍ଯ୍ୟାୟକୁ ଏଡାନ୍ତୁ ବୋଲି ଆସୋସିଏସନ ଜଣାଇଅଛି।

# ହର୍ମୁଜରେ ଆମେରିକାର ଦାମୀ ଡ୍ରୋନ ନିଖୋଜ



**ୱାଶିଂଟନ:** ଆମେରିକା ନୌସେନାର ଏକ ସିସିଟିଭି ଡ୍ରୋନ୍, ଏମ୍କ୍ୟୁ-୪ସି ଟ୍ରାଇଟନ୍ - ଆମେରିକାର ସବୁଠାରୁ ଦାମୀ ମାନବବିହୀନ ବିମାନ ଆଜି ହର୍ମୁଜ ପ୍ରଣାଳୀ ଉପରେ ନିଖୋଜ ହୋଇଯାଇଛି।ରିପୋର୍ଟ ଅନୁଯାୟୀ, ଡ୍ରୋନ୍ ପାରସ୍ୟ ଉପସାଗର ଓ ହର୍ମୁଜ ପ୍ରଣାଳୀ ଉପରେ ପ୍ରାୟ ତିନି ଘଣ୍ଟା ନଜର ରଖିଥିଲା ଏବଂ ଇଟାଲିର ନାଭାଲ୍ ଏୟାର୍ ଷ୍ଟେସନ୍ ସିଗୋନେଲାରେ ଥିବା ଏହାର ବେସକୁ ଫେରୁଥିଲା।ଅନ୍ଲାଇନ୍ ଫ୍ଲାଇଟ୍ ଟ୍ରାକିଂ ୱେବ୍ସାଇଟ୍ ଫ୍ଲାଇଟ୍ରାଡାର୍୨୪ ଦର୍ଶାଇଛି ଯେ ଡ୍ରୋନ୍ ଇରାନ ଆଡ଼କୁ ସାମାନ୍ୟ ମୋଡ଼ ନେଇଥିଲା ଯେତେବେଳେ ଏହା କୋଡ୍ ୭୭୦୦ (ସାଧାରଣ ଜରୁରିକାଳୀନ ପରିସ୍ଥିତି ପାଇଁ) ପଠାଇଥିଲା ଏବଂ ତଳକୁ ଓହ୍ଲାଇବା ଆରମ୍ଭ କରିଥିଲା। ଅଦୃଶ୍ୟ ହେବା ପୂର୍ବରୁ ବିମାନଟି ଦ୍ରୁତ ଗତିରେ ଉଚ୍ଚତା ହରାଇବାର ଟ୍ରାକ୍ କରାଯାଇଥିଲା। ଡ୍ରୋନ୍ଟି ଦୁର୍ଘଟଣାଗ୍ରସ୍ତ ହୋଇଛି ନା ଗୁଳି କରି ଖସାଇ ଦିଆଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ଆମେରିକା ଓ ଇରାନ ଅସ୍ତ୍ରବିରତି ପାଇଁ ରାଜି ହେବାର ଦୁଇଦିନ ପରେ ଡ୍ରୋନ୍ଟି ନିଖୋଜ ହୋଇଛି।ଏମ୍କ୍ୟୁ-୪ସି ଟ୍ରାଇଟନ୍ର ମୂଲ୍ୟ ୨୦୦ ମିଲିୟନ୍ ଡଲାରରୁ ଅଧିକ, ଯାହା ଉପସାଗରୀୟ ଅଞ୍ଚଳରେ ଆମେରିକାର ସେଣ୍ଟ୍ରାଲ୍ କମାଣ୍ଡ ଅଞ୍ଚଳ ପାଇଁ ଅବସ୍ଥିତ। ପାରମ୍ପରିକ ବିମାନ ପରି ଟ୍ରାଇଟନ୍ ଚୋକ୍ପଏଣ୍ଟ ଉପରେ ଦୀର୍ଘ ଘଣ୍ଟା ନିରୀକ୍ଷଣ କରେ। ଏହା ନିରବଚ୍ଛିନ୍ନ ସାମୁଦ୍ରିକ ନିରୀକ୍ଷଣ ପାଇଁ ଡିଜାଇନ କରାଯାଇଛି, ଯାହା ବାରମ୍ବାର ପି-୮ଏ ପୋସାଇଡନ୍ ପାଟ୍ରୋଲିଂ ବିମାନ ପାଇଁ ଉଚ୍ଚ-ଆକାଶରେ ଆଖି ଭାବରେ କାର୍ଯ୍ୟ କରେ। ଟ୍ରାଇଟନ୍ ହେଉଛି ଏକମାତ୍ର ସ୍ୱୟଂଚାଳିତ ସାମୁଦ୍ରିକ ବିମାନ ଯାହା ୫୦,୦୦୦ ଫୁଟରୁ ଅଧିକ ଉଚ୍ଚତାରେ, ୭,୪୦୦ ନଟିକାଲ୍ ମାଇଲ୍ ରେଞ୍ଜ ସହିତ ୨୪ରୁ ଅଧିକ ଘଣ୍ଟା ପାଇଁ କାର୍ଯ୍ୟ କରିବାକୁ ସକ୍ଷମ। ରିପୋର୍ଟରେ କୁହାଯାଇଛି ଯେ, ୨୦୨୫ ସୁଦ୍ଧା, ଆମେରିକା ନୌସେନା ପାଖରେ ୨୦ଟି ଏମକ୍ୟୁ-୪ସି ଟ୍ରାଇଟନ୍ ଡ୍ରୋନ୍ ଥିଲା ଏବଂ ଆଉ ସାତଟି ହାସଲ କରିବାକୁ ଯୋଜନା କରିଥିଲା।

## ସେନସେକ୍ସ ୯୧୮ ପଏଣ୍ଟ ବୃଦ୍ଧି

ମୁମ୍ବାଇ: ଚଳିତ ସପ୍ତାହର ଶେଷ କାରବାର ଦିନରେ ଆଜି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍ସେକ୍ସ ୯୧୮ ପଏଣ୍ଟ୍ ବୃଦ୍ଧି ପାଇ ୭୭,୫୫୦ ପଏଣ୍ଟ୍ରେ ବନ୍ଦ ହୋଇଛି। ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୨୭୫.୫୦ ପଏଣ୍ଟ୍ ବୃଦ୍ଧି ପାଇ ୨୪,୦୫୦ ପଏଣ୍ଟ୍ରେ ବନ୍ଦ ହୋଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଅନିଶ୍ଚିତତା ଲାଗି ରହିଥିବାରୁ ନିବେଶକମାନେ ସତର୍କ ହୋଇ କାରବାର କରୁଛନ୍ତି।ଯୁଦ୍ଧ ବନ୍ଦ ହେବା ସମ୍ଭାବନା ସୃଷ୍ଟି ହେବା ଓ ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ ଘଟିଥିବାରୁ ନିବେଶକମାନଙ୍କ ମନୋବଳ ବଢ଼ାଇବାରେ ତାହା ସହାୟକ ହୋଇଛି।

## ଯୁଦ୍ଧ ପାଇଁ ପ୍ରତି ସେକେଣ୍ଡରେ ଖର୍ଚ୍ଚ ୯.୮ ଲକ୍ଷ ଟଙ୍କା

**ତେହେରାନ:** ଆମେରିକା ଯୁଦ୍ଧରେ ପ୍ରତି ସେକେଣ୍ଡରେ ୧୦,୩୦୦ ଡଲାର (ପ୍ରାୟ ୯.୮ ଲକ୍ଷ ଟଙ୍କା) ଖର୍ଚ୍ଚ କରୁଛି। ଷ୍ଟକ୍ହୋମ୍ ଇଣ୍ଟରନ୍ୟାସନାଲ ପିସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ (ଏସ୍ଆଇପିଆର୍ଆଇ)ର ତଥ୍ୟ ଅନୁଯାୟୀ, ଯୁଦ୍ଧଖର୍ଚ୍ଚରେ ଅସ୍ତ୍ରଶସ୍ତ୍ର ଓ କ୍ଷେପଣାସ୍ତ୍ରର ସର୍ବାଧିକ ଅଂଶ ରହିଛି, ଯାହାର ମୂଲ୍ୟ ଦୈନିକ ପ୍ରାୟ ୩୨୦ ମିଲିୟନ୍ ଡଲାର୍ (ପ୍ରାୟ ୩,୦୪୦ କୋଟି ଟଙ୍କା)। ବିମାନ ଚଳାଚଳ ପାଇଁ ପ୍ରତିଦିନ ୨୪୫ ମିଲିୟନ୍ ଡଲାର (ପ୍ରାୟ ୨,୩୨୭.୫ କୋଟି ଟଙ୍କା) ଖର୍ଚ୍ଚ ହେଉଛି ବୋଲି ଆକଳନ କରାଯାଇଛି, ଯାହା ଦୈନିକ ଖର୍ଚ୍ଚର ୨୭.୫ ପ୍ରତିଶତର ପ୍ରତିନିଧିତ୍ୱ କରୁଥିବାବେଳେ ନୌସେନା ଦୈନିକ ପ୍ରାୟ ୧୫୫ ମିଲିୟନ୍ ଡଲାର (ପ୍ରାୟ ୧,୪୭୨.୫ କୋଟି ଟଙ୍କା) ଖର୍ଚ୍ଚ କରିଥାଏ। କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀ, ଯେପରିକି ଥାଡ୍, ପାଟ୍ରିଅଟ୍ ବ୍ୟାଟେରି, ଓ ଏଜିସ୍ୱିଏମ୍ସି ଇଣ୍ଟରସେପ୍ଟ ପାଇଁ ପ୍ରତିଦିନ ପ୍ରାୟ ୯୫ ମିଲିୟନ୍ ଡଲାର (୯୦୨.୫ କୋଟି ଟଙ୍କା) ଖର୍ଚ୍ଚ ହେଉଛି, ଯାହା ଦୈନିକ ଖର୍ଚ୍ଚର ୧୦.୭ ପ୍ରତିଶତ। ଗୁଇନ୍ଦା ଓ ସାଇବର ଅପରେସନ୍ ପାଇଁ ପ୍ରତିଦିନ ପ୍ରାୟ ୪୫ ମିଲିୟନ୍ ଡଲାର୍ (ପ୍ରାୟ ୪୨୭.୫ କୋଟି ଟଙ୍କା) ଖର୍ଚ୍ଚ ହୁଏ ଏବଂ କର୍ମଚାରୀ ଓ ଲଜିଷ୍ଟିକ୍ ପାଇଁ ପ୍ରତିଦିନ ପ୍ରାୟ ୩୦ ମିଲିୟନ୍ ଡଲାର୍ (ପ୍ରାୟ ୨୮୫ କୋଟି ଟଙ୍କା) ଖର୍ଚ୍ଚ ହୁଏ।

## ଯୁଦ୍ଧ ବନ୍ଦ ନହେଲେ ଆଲୋଚନା ସ୍ଥଗିତ

**ତେହେରାନ:** ଇରାନର ରିଭଲ୍ୟୁସନାରୀ ଗାର୍ଡର ନିକଟତର ଇରାନର ଅର୍ଦ୍ଧସରକାରୀ ତସ୍ନିମ୍ ନ୍ୟୁଜ୍ ଏଜେନ୍ସି ଦାବି କରିଛି ଯେ, ଯଦି ଲେବାନନରେ ଯୁଦ୍ଧ ଶୀଘ୍ର ବନ୍ଦ ନ ହୁଏ ତେବେ ଆଲୋଚନା ସ୍ଥଗିତ ରହିବ। ତଥାପି ଉପରାଷ୍ଟ୍ରପତି ଜେଡି ଭାନ୍ସ ଶନିବାର ଆମେରିକାର ପ୍ରତିନିଧି ଦଳର ନେତୃତ୍ୱ ନେବେ, ଯେଉଁଥିରେ ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟକଫ୍ ଓ ଟ୍ରମ୍ପଙ୍କ ଜ୍ୱାଇଁ ଜାରେଡ୍ କୁଶନର୍ ଯୋଗ ଦେବେ। ରାଷ୍ଟ୍ରପତି ଟ୍ରମ୍ପ ଗଣମାଧ୍ୟମକୁ କହିଛନ୍ତି ଯେ, ଇସ୍ରାଏଲ ଲେବାନନରେ ଆକ୍ରମଣ ହ୍ରାସ କରୁଛି ଏବଂ ନେତାନ୍ୟାହୁ ତାଙ୍କୁ ନିଶ୍ଚିତ କରିଛନ୍ତି ଯେ ଏହାର ଆକ୍ରମଣ ଜୋରଦାର ହେବ ନାହିଁ। ତା' ସତ୍ତ୍ୱେ ଇସ୍ରାଏଲର ଲଗାତାର ବୋମା ବିସ୍ଫୋରଣ ଦୁଇ ସପ୍ତାହର ଦୁର୍ବଳ ଅସ୍ତ୍ରବିରତିକୁ ଭାଙ୍ଗି ଦେଇପାରେ ବୋଲି ଅନ୍ତର୍ଜାତୀୟ ସ୍ତରରେ ଚିନ୍ତା ପ୍ରକାଶ ପାଇଛି। ଇସ୍ରାଏଲ ଓ ଲେବାନନ ମଧ୍ୟ ଆସନ୍ତା ସପ୍ତାହରେ ୱାଶିଂଟନରେ ଆଲୋଚନା କରିବାକୁ ରାଜି ହୋଇଛନ୍ତି ବୋଲି ବୈଦେଶିକ ବିଭାଗର ଜଣେ ଅଧିକାରୀ କହିଛନ୍ତି। ତେବେ ଇସ୍ରାଏଲ କିମ୍ବା ଲେବାନନ ଏପର୍ଯ୍ୟନ୍ତ ଆସନ୍ତା ସପ୍ତାହରେ ଆମେରିକାରେ ହେବାକୁ ଥିବା ଆଲୋଚନା ବିଷୟରେ ସର୍ବସାଧାରଣରେ ନିଶ୍ଚିତ କରିନାହାନ୍ତି।



# ଟ୍ରମ୍ପଙ୍କ କଥା ଶୁଣିଲେନି ନେତାନ୍ୟାହୁ



**ବେରୁତ:** ତେଣେ ଚାଲିଛି ଆମେରିକା-ଇରାନ ଯୁଦ୍ଧବିରତି, ଏଣେ ଇସ୍ରାଏଲ ଲେବାନନ ଉପରେ ଆକ୍ରମଣ ଜାରି ରଖିଛି, ଯାହା ଅସ୍ତ୍ରବିରତିକୁ ଦୁର୍ବଳ କରୁଛି। ଗତକାଲି ଇସ୍ରାଏଲ ଜେଟ୍ ଅତି କମ୍ରେ ଦୁଇଟି ଲେବାନନ ସହର ଉପରେ ଏୟାର୍ ଷ୍ଟ୍ରାଇକ୍ କରିଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କୁ ଲେବାନନ ଉପରେ ଆକ୍ରମଣ ହ୍ରାସ କରିବାକୁ କହିବାର କିଛି ସମୟ ପରେ ଏହି ନୂତନ ଆକ୍ରମଣ ହୋଇଥିଲା। ଲେବାନନରେ ଇରାନର ପ୍ରକ୍ସି ହେଜବୁଲ୍ଲା କହିଛି ଯେ, ଇସ୍ରାଏଲ ଅସ୍ତ୍ରବିରତି ଚୁକ୍ତିର ଉଲ୍ଲଂଘନ କରିଛି ଏବଂ ଆମେ ଏହାର ଜବାବରେ ଉତ୍ତର ଇସ୍ରାଏଲର ଏକ ସହରକୁ ମଧ୍ୟ ଟାର୍ଗେଟ୍ କରିଛୁ। ଆମେ ଶୁକ୍ରବାର ଇସ୍ରାଏଲ-ଲେବାନନ ସୀମା ନିକଟସ୍ଥ କିରିୟାତ୍ ଶମୋନା ଓ ଉତ୍ତର ଇସ୍ରାଏଲର ଉପର ଗାଲିଲି ଅଞ୍ଚଳର ମିସଗାବ୍ ଆମ୍ ଉପରେ ରକେଟ୍ ମାଡ଼ କରିଛୁ। ସାମରିକ କାର୍ଯ୍ୟକଳାପ ଓ ଆଞ୍ଚଳିକ ଉତ୍ତେଜନା ବୃଦ୍ଧି ପାଉଥିବାରୁ ଇରାନ ଓ ଆମେରିକା ମଧ୍ୟରେ ଦୁର୍ବଳ ଅସ୍ତ୍ରବିରତି ଚାପଗ୍ରସ୍ତ ହୋଇଛି। ୧୯୪୮ ମସିହାରେ ଇସ୍ରାଏଲ ପ୍ରତିଷ୍ଠା ହେବା ପରଠାରୁ ଇସ୍ରାଏଲ ଓ ଲେବାନନ ବୈଷୟିକ ଭାବରେ ଯୁଦ୍ଧରେ ଅଛନ୍ତି। କିନ୍ତୁ ବୁଧବାର ଇସ୍ରାଏଲ ବିନା ଚେତାବନୀରେ କେନ୍ଦ୍ରୀୟ ବେରୁତର ଘଞ୍ଚ ବାଣିଜ୍ୟିକ ଓ ଆବାସିକ ଅଞ୍ଚଳ ଉପରେ ଆକ୍ରମଣ କରିଥିଲା, ଯେଉଁଥିରେ ଅତି କମ୍ରେ ୩୦୦ ଲୋକ ପ୍ରାଣ ହରାଇଥିଲେ ଓ ୧,୦୦୦ରୁ ଅଧିକ ଆହତ ହୋଇଥିଲେ। ଇରାନ ବିରୋଧରେ ଯୁଦ୍ଧ ସହିତ ସମାନ୍ତରାଳ ଭାବରେ ହେଜବୁଲ୍ଲାକୁ ମୂଳପୋଛ କରିବା ପାଇଁ ଗତ ମାସରେ ଲେବାନନ ଉପରେ ଆକ୍ରମଣ କରିଥିବା ଇସ୍ରାଏଲ କହିଛି। ଇସ୍ରାଏଲର କହିବା ଅନୁସାରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ମଙ୍ଗଳବାର ବିଳମ୍ବିତ ରାତିରେ ଘୋଷଣା କରାଯାଇଥିବା ଅସ୍ତ୍ରବିରତି ଭିତରେ ଲେବାବାନନ ଅନ୍ତର୍ଭୁକ୍ତ ନୁହେଁ। ଆମେରିକା-ଇରାନ ଆଲୋଚନାରେ ମଧ୍ୟସ୍ଥତା କରିବାରେ ସାହାଯ୍ୟ କରିଥିବା ପାକିସ୍ତାନ କହିଛି ଯେ, ଏହି ଯୁଦ୍ଧବିରତିରେ ଲେବାନନ ଅନ୍ତର୍ଭୁକ୍ତ ହେବ। ତେହେରାନ ଏହା ମଧ୍ୟ କହିଛି ଯେ ଆମେରିକା ସହିତ ଦୁଇ ସପ୍ତାହର ଅସ୍ତ୍ରବିରତି ଚୁକ୍ତିରେ ଲେବାନନରେ ଯୁଦ୍ଧ ବନ୍ଦ କରିବାକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି।

## ସଭାସ୍ଥଳକୁ ଆସିଲେ, ଭାଷଣ ନଦେଇ ଚାଲିଗଲେ

ଶିବଗଙ୍ଗା: ଟିଭିକେ (ତାମିଲଗା ଭେଟ୍ରି କାଝାଗମ) ସଭାପତି ବିଜୟଙ୍କର ଆଜି ତାମିଲନାଡୁର କରାଇକୁଡ଼ିରେ ଏକ ନିର୍ବାଚନ ରାଲି ଥିଲା। କିନ୍ତୁ ସଠିକ୍ ସମୟରେ ସେ ଉକ୍ତ ସ୍ଥାନରେ ପହଞ୍ଚିନପାରିବାରୁ ବିଜୟ ଭୋଟରମାନଙ୍କୁ ଉଦ୍ବୋଧନ ଦେଇପାରିନାହାନ୍ତି। ଉଲ୍ଲେଖଯୋଗ୍ୟ ଯେ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ବିଜୟ ଏବେ ସକ୍ରିୟ ଭାବେ ପ୍ରଚାର କରୁଛନ୍ତି।

ଚେନ୍ନାଇ, ତିରୁଚିରାପଲ୍ଲି, ତିରୁନେଲଭେଲି ଏବଂ ତୁଥୁକୁଡ଼ିରେ ସେ ନିର୍ବାଚନ ପ୍ରଚାର କରି ସାରିଛନ୍ତି। ଶୁକ୍ରବାର ସେ ଶିବଗଙ୍ଗା ଜିଲ୍ଲାର କରାଇକୁଡ଼ି ଯାଇଥିଲେ। ପୂର୍ବାହ୍ନ ପ୍ରାୟ ୯ଟା ସୁଦ୍ଧା ସେ ଏକ ଘରୋଇ ବିମାନରେ ମଦୁରାଇ ପହଞ୍ଚିଥିଲେ ଏବଂ ସେଠାରୁ ସେ ସଡ଼କ ପଥରେ କରାଇକୁଡ଼ି ଯାଇଥିଲେ। ମଦୁରାଇରୁ ସେ ସଡ଼କ ପଥରେ ଯାତ୍ରା କରିବା ସମୟରେ ରାସ୍ତାର ୨ କଡ଼ରେ ଦଳୀୟ କର୍ମୀମାନେ ଠିଆ ହୋଇ ତାଙ୍କୁ ସ୍ୱାଗତ କରିଥିଲେ। ଯାତ୍ରା ସମୟରେ ସେ ତାଙ୍କ ପ୍ରଚାର ଗାଡ଼ିରୁ ଓହ୍ଲାଇ କିଛି ବାଟ ବାଇସାଇକେଲ୍ ଚଳାଇ ଯାଇଥିଲେ। କିନ୍ତୁ ପ୍ରବଳ ଭିଡ଼ ଯୋଗୁ ରାସ୍ତା ଜାମ୍ ଥିଲା ଏବଂ ବିଜୟ ବାଇସାଇକେଲ୍ ଉପରୁ ନିୟନ୍ତ୍ରଣ ହରାଇ ତଳେ ପଡ଼ି ଯାଇଥିଲେ। ଏହାପରେ ସେ ପୁଣି ତାଙ୍କ ପ୍ରଚାର ଗାଡ଼ିକୁ ଫେରିଥିଲେ। କିନ୍ତୁ ସମଗ୍ର ରାସ୍ତାରେ ଦଳୀୟ କର୍ମୀଙ୍କ ଗହଳି ଯୋଗୁ ତାଙ୍କ ଗାଡ଼ି ଆଗକୁ ଗଡ଼ି ନଥିଲା।

କରାଇକୁଡ଼ିରେ ପ୍ରବେଶ କରି ବି ବିଜୟଙ୍କ ଗାଡ଼ି ବୈଠକ ସ୍ଥଳ ନିକଟରେ ଠିକ୍ ସମୟରେ ପହଞ୍ଚି ପାରିନଥିଲା। ମଦୁରାଇରୁ କରାଇକୁଡ଼ିକୁ ଯାତ୍ରା ୯୦ ମିନିଟ୍ ଲାଗିଥାନ୍ତା। କିନ୍ତୁ ପ୍ରବଳ ଟ୍ରାଫିକ ଜାମ୍ ପାଇଁ ବିଜୟଙ୍କୁ ସେଠାରେ ପହଞ୍ଚିବାକୁ ୪ଘଣ୍ଟା ଲାଗି ଯାଇଥିଲା। ନିର୍ବାଚନ କମିସନ୍ କେବଳ ଅପରାହ୍ନ ୧୨ରୁ ୨.୩୦ ପର୍ଯ୍ୟନ୍ତ ସମୟ ଦେଇଥିଲେ। କିନ୍ତୁ ବିଜୟଙ୍କ ଗାଡ଼ି ୨.୪୫ ରେ ରାଲି ସ୍ଥଳରେ ପହଞ୍ଚିଥିଲା।

# ହର୍ମୁଜ ଦେଇ ଖୁବ ଶୀଘ୍ର ପରିବହନ



ୱାସିଂଟନ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁରୁବାର କହିଛନ୍ତି ଯେ, ଇରାନ ଚୁକ୍ତି କରୁ ବା ନ କରୁ ହର୍ମୁଜ ପ୍ରଣାଳୀ ଦେଇ ତୈଳ ଅତିଶୀଘ୍ର ପ୍ରବାହିତ ହେବ। ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟରେ ଟ୍ରମ୍ପ କହିଛନ୍ତି ଯେ. ଖୁବ୍ ଶୀଘ୍ର ଆପଣ ଦେଖିବେ ଯେ ଇରାନର ସମର୍ଥନ ସହିତ କିମ୍ବା ବିନା ତୈଳ ପ୍ରବାହିତ ହେବା ଆରମ୍ଭ ହେବ ଏବଂ ମୋ ପାଇଁ ଏହା କୌଣସି ଫରକ ଆଣିବ ନାହିଁ।

ଟ୍ରମ୍ପ ଏକ ପୃଥକ୍ ପୋଷ୍ଟରେ ଏହି ମାର୍ଗ ଦେଇ ଯାଉଥିବା ଟ୍ୟାଙ୍କର୍ ଉପରେ ଇରାନ ଶୁଳ୍କ ଲାଗୁ କରିପାରେ ବୋଲି ଖବର ବିରୋଧରେ ଚେତାବନୀ ଦେଇଛନ୍ତି। ରିପୋର୍ଟରେ ଦର୍ଶାଯାଇଛି ଯେ, ଇରାନ ହର୍ମୁଜ ପ୍ରଣାଳୀ ଦେଇ ଯାଉଥିବା ଜାହାଜ ଉପରେ ଟ୍ରାଞ୍ଜିଟ୍ ଫି ଲାଗୁ କରିବାକୁ ଚେଷ୍ଟା କରିପାରେ। ପାଶ୍ଚାତ୍ୟ ନେତାମାନେ ଏହି ଧାରଣାକୁ ପ୍ରତ୍ୟାଖ୍ୟାନ କରି ଜାହାଜ ପାଇଁ ଏପରି ଶୁଳ୍କ ଦେବାର କୌଣସି ଆବଶ୍ୟକତାକୁ ବିରୋଧ କରିଛନ୍ତି।

ଇରାନର ତୈଳ, ଗ୍ୟାସ ଓ ପେଟ୍ରୋକେମିକାଲ୍ ଉତ୍ପାଦ ରପ୍ତାନିକାରୀ ସଂଘର ମୁଖପାତ୍ର ହମିଦ ହୋସେନିଙ୍କ ଉଦ୍ଧୃତି ଦେଇ ଫାଇନାନ୍ସିଆଲ ଟାଇମ୍ସ ରିପୋର୍ଟ କରିଛି ଯେ, ଆମେରିକା ସହିତ ଦୁଇ ସପ୍ତାହର ଅସ୍ତ୍ରବିରତି ସମୟରେ ହର୍ମୁଜ ପ୍ରଣାଳୀ ଉପରେ ନିୟନ୍ତ୍ରଣ ବଜାୟ ରଖିବା ପାଇଁ ଜାହାଜଗୁଡ଼ିକୁ କ୍ରିପ୍ଟୋକରେନ୍ସିରେ ଟ୍ରାଞ୍ଜିଟ୍ ଟୋଲ୍ ଦେବାକୁ ପଡ଼ିବ। ଟ୍ରମ୍ପ ଆହୁରି ଘୋଷଣା କରିଛନ୍ତି ଯେ ମୋ କାରଣରୁ, ଇରାନ କଦାପି ଆଣବିକ ଅସ୍ତ୍ର ପାଇବ ନାହିଁ, ବର୍ତ୍ତମାନର ମୁହୂର୍ତ୍ତକୁ ଏକ ରଣନୈତିକ ସଫଳତା ଦର୍ଶାଇ ତୈଳ ବଜାରରେ ସ୍ଥିରତା ଆସିବ ବୋଲି ସଙ୍କେତ ଦେଇଛନ୍ତି। ଆଶା କରାଯାଉଥିବା ତୈଳ ପ୍ରବାହରେ କୂଟନୈତିକ ସଫଳତା, ସାମରିକ ପ୍ରତିରୋଧ କିମ୍ବା ବିକଳ୍ପ ଯୋଗାଣ ବ୍ୟବସ୍ଥା ଅନ୍ତର୍ଭୁକ୍ତ ହେବ କି ନାହିଁ ତାହା ବିବୃତିରେ ସ୍ପଷ୍ଟ କରାଯାଇ ନାହିଁ।

## ପ.ବଙ୍ଗ ପାଇଁ ବିଜେପିର ଇସ୍ତାହାର ଘୋଷଣା

**କୋଲକାତା:** କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶୁକ୍ରବାର ପଶ୍ଚିମବଙ୍ଗ ପାଇଁ ବିଜେପିର ନିର୍ବାଚନୀ ଇସ୍ତାହାର ଘୋଷଣା କରିଛନ୍ତି। ଶାହ କହିଛନ୍ତି ଯେ, ପଶ୍ଚିମବଙ୍ଗରେ ଯଦି ବିଜେପି କ୍ଷମତାକୁ ଆସେ ତାହାହେଲେ ମହିଳାଙ୍କୁ ମାସିକ ୩୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବ। ଏହାସହିତ ୬ ମାସ ଭିତରେ ସମାନ ନାଗରିକ ସଂହିତା (ୟୁସିସି) ଲାଗୁ କରିବ ବୋଲି କହିଛନ୍ତି।କୋଲକାତାରେ ଏକ କାର୍ଯ୍ୟକ୍ରମରେ ବିଜେପି ସଙ୍କଳ୍ପ ପତ୍ର ଜାରି କରି ଅମିତ ଶାହ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଗତ ୧୫ ବର୍ଷର ଶାସନକୁ କଳା ଅଧ୍ୟାୟ ବୋଲି କହିଛନ୍ତି। ଲୋକମାନେ ଏବେ ଭୟଭୀତ ଅଛନ୍ତି ଓ ଶାସନରେ ପରିବର୍ତ୍ତନ ଚାହୁଁଛନ୍ତି। ବିଜେପିର ସଙ୍କଳ୍ପ ପତ୍ର ସବୁ ବର୍ଗକୁ ଲକ୍ଷ୍ୟ କରି ପ୍ରସ୍ତୁତ କରାଯାଇଛି ବୋଲି ଅମିତ ଶାହ କହିଛନ୍ତି।ପଶ୍ଚିମବଙ୍ଗରେ ଲୋକମାନେ ଭୟଭୀତ ଓ ନିରାଶ ଅଛନ୍ତି ଏବଂ ହୃଦୟରୁ ପରିବର୍ତ୍ତନ ଚାହୁଁଛନ୍ତି ବୋଲି ଶାହ କହିଛନ୍ତି। ଏହି ଇସ୍ତାହାର ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା ପରିକଳ୍ପିତ ବିକଶିତ ଭାରତ ପାଇଁ ରୋଡମ୍ୟାପ୍। ଅନୁପ୍ରବେଶ, ଗୋ ଚାଲାଣ ପ୍ରତି ଶୂନ୍ୟ ସହନଶୀଳତା ପ୍ରଦର୍ଶନ କରାଯିବ ବୋଲି ଶାହ କହିଛନ୍ତି। ଦଳ ଆଗାମୀ ନିର୍ବାଚନରେ ବିଜୟୀ ହେଲେ ସବୁ ସରକାରୀ କର୍ମଚାରୀ ଓ ପେନସନଭୋଗୀଙ୍କୁ ମହଙ୍ଗା ଭତ୍ତା ପ୍ରଦାନ କରିବାକୁ ଘୋଷଣା କରିଛି।ସରକାର କ୍ଷମତାକୁ ଆସିବାର ୪୫ ଦିନ ଭିତରେ ୭ମ ବେତନ କମିସନଙ୍କ ସୁପାରିସ୍ ଲାଗୁ କରାଯିବ ବୋଲି ଶାହ ପ୍ରତିଶ୍ରୁତି ଦେଇଛନ୍ତି। ଆୟୁଷ୍ମାନ ଭାରତ ଲାଗୁ କରାଯିବ ବୋଲି କୁହାଯାଇଛି। ଇସ୍ତାହାରକୁ ବିଶ୍ୱାସର ପ୍ରତିଶ୍ରୁତି ବୋଲି କହି ଶାହ କହିଛନ୍ତି, ବିଜେପି ବଙ୍ଗଳାର ସାଂସ୍କୃତିକ ପରିଚୟକୁ ପୁନର୍ଜୀବିତ କରିବ ଏବଂ ଏପରି ଏକ ରାଜ୍ୟ ସୃଷ୍ଟି କରିବା ଲକ୍ଷ୍ୟ ରଖିଛି ଯେଉଁଠାରେ ଲୋକମାନେ ବିନା ଭୟରେ ଗର୍ବର ସହିତ ସମସ୍ତେ ବଞ୍ଚି ପାରିବେ। ସମସ୍ତ ରାଜନୈତିକ ହିଂସାର ତଦନ୍ତ କରାଯିବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ପଶ୍ଚିମବଙ୍ଗରେ ଆସନ୍ତା ଏପ୍ରିଲ ୨୩ ଓ ଏପ୍ରିଲ ୨୯ ତାରିଖରେ ଭୋଟ ଗ୍ରହଣ କରାଯିବ।



## ଡିଜିଟାଲ ଆରେଷ୍ଟ: ସିବିଆଇର ଚାର୍ଜସିଟ ଦାଖଲ

**ନୂଆଦିଲ୍ଲୀ:** ସେଣ୍ଟ୍ରାଲ ବ୍ୟୁରୋ ଅଫ୍ ଇନ୍ଭେଷ୍ଟିଗେସନ୍ (ସିବିଆଇ) ଏକ ଡିଜିଟାଲ ଗିରଫ ସାଇବର ଠକେଇ ମାମଲା ସହିତ ଜଡ଼ିତ ସିଲିଗୁଡ଼ିର ଜଣେ ଅଭିଯୁକ୍ତ ଏବଂ ତାଙ୍କ ଦ୍ୱାରା ଗଠିତ ଏକ କମ୍ପାନୀ ବିରୁଦ୍ଧରେ ଏକ ଚାର୍ଜସିଟ୍ ଦାଖଲ କରିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ମାମଲାଟି ସିବିଆଇକୁ ସ୍ଥାନାନ୍ତରିତ କରାଯାଇଥିଲା। ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ଏବଂ ବର୍ତ୍ତମାନ ସେ ନ୍ୟାୟିକ ହେପାଜତରେ ଅଛନ୍ତି। ତଦନ୍ତ ସମୟରେ, ଏହା ଜଣାପଡ଼ିଥିଲା ଯେ ଅଭିଯୁକ୍ତ ଏବଂ ତାଙ୍କ କମ୍ପାନୀର ବର୍ତ୍ତମାନର ବ୍ୟାଙ୍କ ଆକାଉଣ୍ଟ ଠକେଇ ରାଶି ପାଇବା ପାଇଁ ବ୍ୟବହାର କରାଯାଇଥିଲା। ଏହି ପାଣ୍ଠି ଦିଲ୍ଲୀର ଜଣେ ବରିଷ୍ଠ ନାଗରିକଙ୍କୁ ଟାର୍ଗେଟ କରି ଏକ ଡିଜିଟାଲ ଗିରଫ ଠକେଇ ସହିତ ଜଡ଼ିତ ଥିଲା। ନକଲି ନୋଟିସ ଦେଇ ଭୟଭୀତ କରି ଏବଂ ଭିଡିଓ କଲ୍ ମାଧ୍ୟମରେ ଆଇନ ପ୍ରବର୍ତ୍ତନ ଏଜେନ୍ସି, ନ୍ୟାୟିକ କର୍ତ୍ତୃପକ୍ଷଙ୍କ ପରିଚୟ ଦେଇ ବରିଷ୍ଠ ନାଗରିକଙ୍କୁ ପ୍ରାୟ ୨୩ କୋଟି ଟଙ୍କା ଠକେଇ କରାଯାଇଥିଲା।। ତଦନ୍ତରୁ ଏହା ମଧ୍ୟ ଜଣାପଡିଛି ଯେ ଭାରତର ଅନ୍ୟ ସ୍ଥାନରେ ପଞ୍ଜୀକୃତ ଅନ୍ୟ ଦୁଇଟି ସାଇବର ଠକେଇ ମାମଲାରେ ମଧ୍ୟ ସେହି ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର କରାଯାଇଥିଲା। ଏହି ଆକାଉଣ୍ଟକୁ ଅପରାଧର ଅର୍ଥ ପାଇବା ପାଇଁ ବ୍ୟବହାର କରାଯାଇଥିଲା, ଯାହା ପରବର୍ତ୍ତୀ ସମୟରେ ମ୍ୟୁଲ୍ ଆକାଉଣ୍ଟର ଏକ ନେଟଓ୍ୱାର୍କ ମାଧ୍ୟମରେ ଚୋରା ଚାଲାଣ କରାଯାଇଥିଲା। ବ୍ୟାଙ୍କିଙ୍ଗ ଭିତ୍ତିଭୂମିରେ ପ୍ରବେଶ ପ୍ରଦାନ କରି ସାଇବର ଅପରାଧୀଙ୍କୁ ସହାୟତା କରୁଥିବା ବ୍ୟକ୍ତି ଏବଂ ସଂସ୍ଥା ବିରୁଦ୍ଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସିବିଆଇ ତାର ଦୃଢ଼ ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଛି। ସାଧାରଣ ଲୋକଙ୍କୁ ଠକେଇ ଯୋଜନା, ବିଶେଷକରି ଡିଜିଟାଲ ଗିରଫ କୌଶଳ ସହିତ ଜଡିତ ଯୋଜନା ବିରୁଦ୍ଧରେ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛିଛ ସିବିଆଇ ଗୁରୁତ୍ୱାରୋପ କରୁଛି ଯେ ଡିଜିଟାଲ ଗିରଫ ର କୌଣସି ଆଇନଗତ ଧାରଣା ନାହିଁ। ନାଗରିକମାନଙ୍କୁ ଭୟଭୀତ ନ ହେବାକୁ କିମ୍ବା ଏପରି କଲଗୁଡ଼ିକୁ ପାଳନ ନ କରିବାକୁ ଅନୁରୋଧ କରାଯାଇଛି। ସାଧାରଣ ଲୋକଙ୍କୁ ଆଇନ ପ୍ରବର୍ତ୍ତନ କିମ୍ବା ନିୟାମକ ଏଜେନ୍ସି ନାମରେ କରାଯାଉଥିବା ଠକେଇ ନିବେଶ ଯୋଜନା ଏବଂ ପ୍ରତିରୂପଣ କଲ୍ ବିରୁଦ୍ଧରେ ଆହୁରି ସତର୍କ କରାଯାଇଛି। ଯେକୌଣସି ସନ୍ଦେହଜନକ କାର୍ଯ୍ୟକଳାପ ତୁରନ୍ତ ଉପଯୁକ୍ତ କର୍ତ୍ତୃପକ୍ଷ କିମ୍ବା ସାଇବର ଅପରାଧ ପୋର୍ଟାଲକୁ ରିପୋର୍ଟ କରାଯିବା ଉଚିତ।



## ଭାରତ - ମରିସସ ମଧ୍ୟରେ ତୈଳ ଯୋଗାଣ ଚୁକ୍ତିନାମା ଚୂଡ଼ାନ୍ତ

ନୂଆଦିଲ୍ଲୀ: ପଶ୍ଚିମ ଏସିଆର ବିକଶିତ ପରିସ୍ଥିତି ବିଷୟରେ ଗଣମାଧ୍ୟମକୁ ଅବଗତ ରଖିବା ପାଇଁ ଏହାର ନିରନ୍ତର ପ୍ରସାରର ଅଂଶ ଭାବରେ, ଭାରତ ସରକାର ଆଜି ଜାତୀୟ ଗଣମାଧ୍ୟମ କେନ୍ଦ୍ରରେ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ। ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ, ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଅଧିକାରୀମାନେ ଇନ୍ଧନ ଉପଲବ୍ଧତା, ସାମୁଦ୍ରିକ କାର୍ଯ୍ୟ, ଏହି କ୍ଷେତ୍ରରେ ଭାରତୀୟ ନାଗରିକମାନଙ୍କୁ ସହାୟତା ଏବଂ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ସ୍ଥିରତା ବଜାୟ ରଖିବା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ବିଷୟରେ ଅପଡେଟ୍ ପ୍ରଦାନ କରିଥିଲେ। ଶକ୍ତି ମନ୍ତ୍ରଣାଳୟ ଫାର୍ମାସ୍ୟୁଟିକାଲ୍ କ୍ଷେତ୍ର ସହିତ ଜଡିତ ଅପଡେଟ୍ ମଧ୍ୟ ସେୟାର କରିଥିଲେ।

# ଗଗନଯାନ ଅଭିଯାନରେ ଭାରତର ବଡ଼ ସଫଳତା

**ଶ୍ରୀହରିକୋଟା:** ଭାରତର ପ୍ରଥମ ମାନବବାହୀ ମହାକାଶ ଅଭିଯାନ "ଗଗନଯାନ" ଦିଗରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି। ଶୁକ୍ରବାର ସତୀଶ ଧୱନ ମହାକାଶ କେନ୍ଦ୍ରରେ ଅନୁଷ୍ଠିତ ଦ୍ୱିତୀୟ ସମନ୍ୱିତ ଏୟାର ଡ୍ରପ୍ ଟେଷ୍ଟ (ଆଇଏଡିଟି-୦୨) ସଫଳତାପୂର୍ବକ ସମ୍ପନ୍ନ ହୋଇଥିବା ନେଇ ଇସ୍ରୋ କର୍ତ୍ତୃପକ୍ଷ ନିଶ୍ଚିତ କରିଛନ୍ତି।

ଆସନ୍ତା ବର୍ଷ ହେବାକୁ ଥିବା ଐତିହାସିକ ମହାକାଶ ଯାତ୍ରା ପୂର୍ବରୁ ଏହି ପରୀକ୍ଷଣ ନଭୋଚାରୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିଛି। ଏହି ବିଶେଷ ପରୀକ୍ଷଣରେ ଏକ କୃତ୍ରିମ କ୍ରୁ ମଡ୍ୟୁଲକୁ ଅଧିକ ଉଚ୍ଚତାରୁ ବିମାନ ଯୋଗେ ଖସାଯାଇ ପାରାସୁଟ୍ ପ୍ରଣାଳୀର କାର୍ଯ୍ୟଦକ୍ଷତା ଏବଂ ସମୁଦ୍ରରେ ସୁରକ୍ଷିତ ଅବତରଣ ପ୍ରକ୍ରିୟାର ସୂକ୍ଷ୍ମ ଅନୁଧ୍ୟାନ କରାଯାଇଥିଲା।

ଏହି ସଫଳତା ଇସ୍ରୋର ବୈଷୟିକ ପାରଦର୍ଶିତାକୁ ପ୍ରମାଣିତ କରିବା ସହ ଜରୁରୀକାଳୀନ ସ୍ଥିତିରେ ମହାକାଶଚାରୀଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ଥିବା ବ୍ୟବସ୍ଥାକୁ ବୈଧ କରିଛି। ଇଞ୍ଜିନିୟରମାନେ ପାରାସୁଟ୍ ଖୋଲିବା ପ୍ରକ୍ରିୟା, ଅବତରଣ ସମୟରେ ସ୍ଥିରତା ଏବଂ ନିର୍ଦ୍ଧାରିତ ସ୍ଥାନରେ ମଡ୍ୟୁଲର ଅବତରଣ କ୍ଷମତାକୁ ଗଭୀର ଭାବେ ପରୀକ୍ଷା କରିଛନ୍ତି।

ଏହି ପରୀକ୍ଷଣ ସଫଳ ହେବା ପରେ ଏବେ ଇସ୍ରୋ ମାନବବିହୀନ ମିଶନ ଓ ଅନ୍ୟାନ୍ୟ ଯାନ୍ତ୍ରିକ ପରୀକ୍ଷଣ ଦିଗରେ ଆଗେଇବ। ଗଗନଯାନ ଅଭିଯାନ ମାଧ୍ୟମରେ "ଗଗନନଟ୍"ମାନଙ୍କୁ ପୃଥିବୀର ନିମ୍ନ କକ୍ଷପଥକୁ ପଠାଇ ଭାରତ ବିଶ୍ୱର ସେହି ସୀମିତ ଦେଶଙ୍କ ତାଲିକାରେ ସାମିଲ ହେବାକୁ ଯାଉଛି, ଯାହାଙ୍କ ପାଖରେ ନିଜସ୍ୱ ମାନବବାହୀ ମହାକାଶ ଯାନ ପ୍ରେରଣ କରିବାର କ୍ଷମତା ରହିଛି। ସୁରକ୍ଷା ମାନଦଣ୍ଡକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଇସ୍ରୋ ଏହି ଐତିହାସିକ ସଫଳତା ଆଡ଼କୁ ଦୃଢ଼ ପଦକ୍ଷେପ ପକାଉଛି।



# ଦିଲ୍ଲୀରେ ଆଇଏସ୍ଆଇ ସମର୍ଥିତ ଗୁଇନ୍ଦା ମଡ୍ୟୁଲର ପର୍ଦ୍ଦାଫାଶ



ନୂଆଦିଲ୍ଲୀ: ସୀମାପାର ଗୁଇନ୍ଦା ନେଟୱର୍କକୁ ଏକ ଶକ୍ତ ଝଟ୍କା ଦେଇ ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ଶାଖା ପାକିସ୍ତାନର ଆଇଏସ୍ଆଇ ( ଇଣ୍ଟର ଷ୍ଟେଟ୍ ଇଣ୍ଟେଲିଜେନ୍ସ) ସମର୍ଥନରେ ଚାଲିଥିବା ଗୁଇନ୍ଦା ମଡ୍ୟୁଲ୍ର ପର୍ଦ୍ଦାଫାସ କରି ୧୦ ସଞ୍ଚାଳକଙ୍କୁ ଗିରଫ କରିଛି। ଅତିରିକ୍ତ ପୁଲିସ କମିସନର (ସ୍ୱତନ୍ତ୍ର ଶାଖା) ପ୍ରମୋଦ କୁଶୱାହାଙ୍କ ନେତୃତ୍ୱରେ ଏହି ଉଚ୍ଚସ୍ତରୀୟ ଅପରେସନ୍ ପରିଚାଳନା ହୋଇଥିଲା। ଜାତୀୟ ସୁରକ୍ଷାକୁ ଅସ୍ଥିର କରିବାପାଇଁ ବିଦେଶୀ ସଞ୍ଚାଳକଙ୍କ ନିର୍ଦ୍ଦେଶରେ ଏହି ସଞ୍ଚାଳକମାନେ କାର୍ଯ୍ୟ କରୁଥିଲେ ବୋଲି କୁହାଯାଉଛି। ତଦନ୍ତରୁ ଜଣାପଡ଼ିଛି ଯେ ଏହି ଗୁଇନ୍ଦା ମଡ୍ୟୁଲ୍ ଦିଲ୍ଲୀ ଏବଂ ଅନ୍ୟ ପ୍ରମୁଖ ସହରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଏବଂ ଅଧିକ ଟ୍ରାଫିକ୍ ଜାମ୍ ଥିବା ଅଞ୍ଚଳ ଗୁଡ଼ିକ ଉପରେ ଖବର ନେଉଥିଲେ ଏବଂ ନିରୀକ୍ଷଣ କରୁଥିଲେ।ଅଭିଯୁକ୍ତମାନେ ମଧ୍ୟ ସେମାନଙ୍କ ଆଇଏସ୍ଆଇ ପ୍ରତିପକ୍ଷଙ୍କୁ ସୂଚନା ପ୍ରଦାନ କରିବାପାଇଁ ସମ୍ବେଦନଶୀଳ ସ୍ଥାନମାନଙ୍କରେ କ୍ୟାମେରା ଲଗାଉଥିଲେ। କର୍ତ୍ତୃପକ୍ଷମାନେ ବିଶ୍ୱାସ କରୁଛନ୍ତି ଯେ ଗିରଫ ହୋଇଥିବା ୧୦ ଜଣ ଉକ୍ତ ନେଟୱର୍କକୁ ସ୍ଥାନୀୟ ଭାବେ ସହଯୋଗ କରୁଥିଲେ। ୧୦ ଜଣଙ୍କୁ ଗିରଫ କରିବାପରେ ପୁଲିସ କିଛି ଇଲେକଟ୍ରୋନିକ୍ ଉପକରଣ ଏବଂ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଜବତ କରିଛି।

# ରାଜସ୍ଥାନ ଅପରାଜେୟ

## ଆଇପିଏଲ ମହାସମର




ଗୌହାଟୀ,୧୦।୪(ଏଜେନ୍ସି): ଗୌହାଟୀର ବର୍ଷାପାରା ଷ୍ଟାଡିୟମରେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁକୁ ୬ ୱିକେଟରେ ଧରାଶାୟୀ କରିଛି ରାଜସ୍ଥାନ ରୟାଲ୍ସ। ବୈଭବ ସୂର୍ଯ୍ୟବଂଶୀ (୭୮) ଓ ଧ୍ରୁବ ଜୁରେଲଙ୍କ ଅପରାଜିତ ୮୧ ରନର ଭୈରବ ଇନିଂସ ଯୋଗୁଁ ରାଜସ୍ଥାନ ରୟାଲ୍ସ ୨ ଓଭର ପୂର୍ବରୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥିଲା। ଏଥିସହ ଚଳିତ ଆଇପିଏଲରେ ରାଜସ୍ଥାନ ଅପରାଜେୟ ରହିବା ସହ କ୍ରମାଗତ ୪ଟି ମ୍ୟାଚ ଜିତି ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନ ବଜାୟ ରଖିଛି।

ଏହି ମ୍ୟାଚରେ ବେଙ୍ଗାଲୁରୁ ୨୦ ଓଭରରେ ୮ ୱିକେଟ୍ ହରାଇ ୨୦୧ ରନ୍ କରିଥିଲା। ଜବାବରେ ରାଜସ୍ଥାନ ରୟାଲ୍ସ ୧୮ ଓଭରରେ ୨୦୨/୪ ରନ୍ କରି ଲକ୍ଷ୍ୟ ହାସଲ କରିନେଇଥିଲା।

ବର୍ଷାବାଧାପ୍ରାପ୍ତ ମ୍ୟାଚ ବିଳମ୍ବରେ ଆରମ୍ଭ ହୋଇଥିଲା। ଏହାସତ୍ତ୍ୱେ ଓଭର କଟିନଥିଲା।। ପ୍ରଥମେ ବ୍ୟାଟିଂ କରିଥିବା ବେଙ୍ଗାଲୁରୁ ଇନିଂସର ପ୍ରଥମ ବଲରେ ଓପନର ଫିଲ ସଲ୍ଟଙ୍କୁ ହରାଇଥିଲା। ଏହାପରେ ବିରାଟ କୋହଲି ୧୬ ବଲରୁ ୭ଟ ଚୋକା ମାରି ୩୨ ରନ୍ କରିଥିଲେ। ଦେବଦୂତ ପଡିକାଲ ୧୪ ଏବଂ ଅଧିନାୟକ ରଜତ ପଟିଦାର ୪୦ ବଲରୁ ୬୩ ରନ୍ କରିଥିଲେ। କ୍ରୁନାଲ ପାଣ୍ଡ୍ୟା ୧ ଓ ଜିତେସ ଶର୍ମା ୫ ରନ୍ କରି ପାଭିଲିୟନ୍ ଫେରିଥିଲେ। ଟିମ୍ ଡେଭିଡ ୧୩, ରେମାରିଓ ସେଫର୍ଡ ୨୨, ଭେଙ୍କଟେଶ ଆୟର ଅପରାଜିତ ୨୯ ରନ କରିବାରୁ ବେଙ୍ଗାଲୁରୁ ୨୦୦ ଟପିଥିଲା। ବୋଲିଂରେ ରାଜସ୍ଥାନର ଜୋଫ୍ରା ଆର୍ଚର, ରବି ବିଷ୍ଣୋଇ ଏବଂ ବ୍ରିଜେସ ଶର୍ମାଙ୍କୁ ଦୁଇଟି ଲେଖାଏଁ ୱିକେଟ୍ ସଫଳତା ମିଳିଥିଲା।

୨୦୨ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ରାଜସ୍ଥାନ ଦ୍ୱିତୀୟ ଓଭରରେ ୱିକେଟ୍ ହରାଇଥିଲେ ମଧ୍ୟ ବୈଭବଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁଁ କଡ଼ା ଜବାବ ଦେଇଥିଲା। ଯଶସ୍ୱୀ ଜୟସ୍ୱାଲ ୧୩ ରନ୍ କରି ଆଉଟ୍ ହୋଇଥିଲେ। ବୈଭବ ସୂର୍ଯ୍ୟବଂଶୀ ୨୬ ବଲରୁ ୮ ଚୌକା ଓ ୭ ଛକା ସହାୟତାରେ ୭୮ ରନ୍ କରିଥିଲେ। ଧ୍ରୁବ ଜୁରେଲ ୨୩ ବଲରୁ ୪୫ ରନ୍ କରି ଦଳକୁ ବିଜୟଆଡେ ନେଇଥିଲେ। ରବିନ୍ଦ୍ର ଜାଡେଜା ମଧ୍ୟ ଅପରାଜିତ ୧୫ ରନ୍ ସଂଗ୍ରହ କରିଥିଲେ ମ୍ୟାଚ ଜିତିବା ପାଇଁ ୪୨ ବଲରୁ ୪୮ ରନର ଆବଶ୍ୟକତା ଥିଲା। ଏଭଳି ସମୟରେ ଧ୍ରୁବ ଜୁରେଲ ରାଜସ୍ଥାନକୁ ବାଟ ଦେଖାଇଥିଲେ। ସେ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ୪୩ ବଲରୁ ୮ ଚୌକା ଓ ୩ ଛକା ସହାୟତାରେ ୮୧ ରନ୍ କରି ମ୍ୟାଚ ଫିନିସ କରିଥିଲେ। ରବିନ୍ଦ୍ର ଜାଡେଜା ମଧ୍ୟ ୨୪ ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ।

### ଆଜିର ମ୍ୟାଚ

- ▸▸ ପଞ୍ଜାବ-ହାଇଦ୍ରାବାଦ
- ▸▸ ସ୍ଥାନ- ଚଣ୍ଡିଗଡ
- ▸▸ ସମୟ- ଅପରାହ୍ଣ ୩.୩୦
- * ଚେନ୍ନାଇ- ଦିଲ୍ଲୀ
- * ସ୍ଥାନ - ଚେନ୍ନାଇ
- * ସମୟ - ରାତି ୭.୩୦
- ▸▸ ପ୍ରସାରଣ - ଷ୍ଟାର ନେଟୱାର୍କ

# ଓଡ଼ିଶା ପୋଲିସକୁ ଗୋଲ୍ଡେନ ବୁଟ୍



ଭୁବନେଶ୍ୱର,୧୦।୪(ସବ୍ୟୁ): ହାଇଦ୍ରାବାଦରେ ଅନୁଷ୍ଠିତ ୭୪ତମ ବିଏନ ମଲ୍ଲିକ ସର୍ବଭାରତୀୟ ପୋଲିସ ଫୁଟବଲ ଚାମ୍ପିଅନସିପରେ ଓଡ଼ିଶା ପୋଲିସର ପୁରୁଷ ଓ ମହିଳା ଦଳ ଉଲ୍ଲେଖନୀୟ ସଫଳତା ହାସଲ କରି ପ୍ରତ୍ୟାବର୍ତ୍ତନ କରିଛନ୍ତି। ରାଜ୍ୟ ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଉଭୟ ଦଳର ଖେଳାଳିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଅଭିନନ୍ଦନ ଜଣାଇଥିଲେ। ଡିଜିପି ଖୁରାନିଆ ସେମାନଙ୍କ ଅସାଧାରଣ ପ୍ରତିଭା କ୍ରୀଡା ଉତ୍କର୍ଷତା ନିମନ୍ତେ ଭୂୟଶୀ ପ୍ରଶଂସା କରିଛନ୍ତି। ଗତ ମାର୍ଚ୍ଚ ୨୩ରୁ ଏପ୍ରିଲ ୫ ପର୍ଯ୍ୟନ୍ତ ପର୍ଯ୍ୟନ୍ତ ଆୟୋଜିତ ଚାମ୍ପିଅନସିପରେ ଓଡ଼ିଶା ପୋଲିସ ମହିଳା ଉପବିଜେତା ଆଖ୍ୟା ଅର୍ଜନ କରିଥିଲା। ଏକ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚରେ ଆସାମ ରାଇଫଲ ଚାମ୍ପିଅନ ହୋଇଥିବା ବେଳେ ଓଡ଼ିଶା ପୋଲିସ ରନର୍ସ ଅପ୍ ହୋଇଥିଲା। ଏହି ସଫଳତା ଓଡ଼ିଶାର ଯୁବ ପ୍ରତିଭାଙ୍କୁ ଫୁଟବଲ ପ୍ରତି ଆକୃଷ୍ଟ କରିବା ସହ ଭବିଷ୍ୟତରେ ମାଇଲନୂଆ ମାଇଲଖୁଣ୍ଟ ହାସଲ କରିବା ପାଇଁ ପ୍ରେରଣା ଯୋଗାଇ ବୋଲି ଡିଜିପି ଆଶା ବ୍ୟକ୍ତ କରିଛନ୍ତି। କ୍ରୀଡାବିତଙ୍କ ଏହି କୃତିତ୍ୱ ରାଜ୍ୟ ପୋଲିସ ବାହିନୀ ପାଇଁ ଗୌରବ ଆଣିଛି।

ସେହିପରି ଓଡ଼ିଶା ପୋଲିସ ଫୁଟବଲ ଦଳ ଚତୁର୍ଥ ସ୍ଥାନ ହାସଲ କରିଥିଲା। ଓଡ଼ିଶା ପୋଲିସର ଦୁଇ ଜଣ ଶ୍ରେଷ୍ଠ ଖେଳାଳି ସମଗ୍ର ପ୍ରତିଯୋଗିତାରେ ସର୍ବାଧିକ ଗୋଲସ୍କୋର ଭାବେ ଗୋଲ୍ଡେନ ବୁଟ ହାସଲ କରି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ବିଜୟ ବେହେରା ଓ ପ୍ୟାରି ଖାଖା ଗୋଲ୍ଡେନ ବୁଟ ଜିତିଛନ୍ତି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ସଞ୍ଜୟ କୁମାରଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଓଡ଼ିଶା ପୋଲିସର କ୍ରୀଡାଧିକାରୀ ନୀଳମାଧବ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶ୍ରୀଲଙ୍କା କ୍ରିକେଟ ବୋର୍ଡକୁ କ୍ଷମା ମାଗିଲେ ତୁସାରା

କଲମ୍ବୋ,୧୦।୪(ଏଜେନ୍ସି): ଦ୍ରୁତ ବୋଲର ନୂଆନ ତୁଷାରା ଶ୍ରୀଲଙ୍କା ବୋର୍ଡ ନିକଟରେ କ୍ଷମା ପ୍ରାର୍ଥନା କରିଛନ୍ତି। ସେ ବୋର୍ଡ ବିରୋଧରେ କରିଥିବା ଅଭିଯୋଗକୁ ମଧ୍ୟ ପ୍ରତ୍ୟାହାର କରିନେଇଛନ୍ତି। ନୂଆନଙ୍କ ନାଟକୀୟ ୟୁଟର୍ଣ୍ଣ ସମସ୍ତଙ୍କୁ ଚକିତ କରିଛି। ଫିଟନେସ ଟେଷ୍ଟ ଦେଇନଥିବାରୁ ବୋର୍ଡ ତୁଷାରାଙ୍କୁ ଏନଓସି ଦେଇନଥିଲା। ଶ୍ରୀଲଙ୍କା ବୋର୍ଡ ପୂର୍ବରୁ ସ୍ପଷ୍ଟ କରିଛି। ଯେଉଁ ଖେଳାଳି ଫିଟନେସ ଟେଷ୍ଟ ଦେଇନଥିବେ। ତାଙ୍କୁ ବିଦେଶୀ ଲିଗରେ ଖେଳିବା ପାଇଁ ଅନୁମତି ପ୍ରଦାନ କରାଯିବ ନାହିଁ। ଏବେ ତୁସାରା କ୍ଷମା ପ୍ରାର୍ଥନା କରିବା ସହ ବୋର୍ଡକୁ ହଇରାଣ କରିବେ ନାହିଁ କହିଛନ୍ତି। ଏପ୍ରିଲ ୨୩ରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣୀ ପୂର୍ବରୁ ସେ ନରମ ପଡିଛନ୍ତି। ଫିଟନେସ ଟେଷ୍ଟରେ ପାଥୁମ ନିଶାଙ୍କ ଓ ଦଶନ ସନକା ପାସ କରି ଆଇପିଏଲ ଖେଳୁଛନ୍ତି। ମାଥିସା ପଥିରାନା ଓ ତୁସାରା ଏପର୍ଯ୍ୟନ୍ତ ଭାରତରେ ପହଞ୍ଚି ନାହାଁନ୍ତି। ସେହିପରି ୱାନିନ୍ଦୁ ହସରଙ୍ଗା ଆଇପିଏଲରୁ ଓହରି ଯାଇଛନ୍ତି। ହସରଙ୍ଗା ବଦଳରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ ଦ.ଆଫ୍ରିକା ସ୍ପିନର ଜର୍ଜଲିଣ୍ଡେଙ୍କୁ ଦଳରେ ସାମିଲ କରିଛି।

# ଜାତୀୟ ଯୁବ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତା : ରାଜ୍ୟ ଦଳରେ ପୁରୀ ଜିଲ୍ଲାର ୭



ଭୁବନେଶ୍ୱର,୧୦।୪(ସବ୍ୟୁ): ଭାରତୀୟ ମୁଷ୍ଟିଯୁଦ୍ଧ ସଂଘ ଦ୍ୱାରା ଆୟୋଜିତ ସପ୍ତମ ୧୯ ବର୍ଷରୁ କମ୍ ଜାତୀୟ ଯୁବ ବାଳକ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତାରେ ଓଡ଼ିଶା ଅଂଶଗ୍ରହଣ କରିବ। ରାଜ୍ୟ ଦଳରେ ପୁରୀ ଜିଲ୍ଲାର ୭ ଜଣ ମୁଷ୍ଟିଯୋଦ୍ଧା ସ୍ଥାନ ପାଇଛନ୍ତି। ଚଳିତ ମାସ ୧୨ରୁ ୧୯ ତାରିଖ ପର୍ଯ୍ୟନ୍ତ ଆସାମର ଗୌହାଟୀ ସ୍ଥିତ ବୋସ୍କୋ ବିଶ୍ୱବିଦ୍ୟାଳୟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପୁରୀ ସଂଘର ପ୍ରକାଶ ବାନାର୍ଜୀ, ଲୋକନାଥ ବେହେରା, ପ୍ରବୀଣ ରାଓ, ଅଂଶୁମାନକ, ବସନ୍ତ କୁମାର ବେଜ, ବିଶ୍ୱଜିତ ନାୟକ ଓ ବାଳିକାରେ ପ୍ରବୀଣ ବେହେରା ରାଜ୍ୟ ଦଳରେ ସ୍ଥାନ ପାଇଛନ୍ତି। ଏହି ସମସ୍ତ ଖେଳାଳି ପୁରୀ ବକ୍ସିଂ ଏକାଡେମୀର ଛାତ୍ର ଛାତ୍ରୀ ଗତ ମାର୍ଚ୍ଚ ୨୫ ଓ ୨୬ ତାରିଖରେ ରାଉରକେଲାଠାରେ ରାଜ୍ୟ ଦଳ ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଥିରେ ଉକ୍ତ ଖେଳାଳିମାନେ ଉଚ୍ଚତର ଖେଳ କୌଶଳ ପ୍ରଦର୍ଶନ କରି ରାଜ୍ୟ ଦଳରେ ସ୍ଥାନୀତ ହୋଇଛନ୍ତି। ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ରାଜ୍ୟ ଅଲିମ୍ପିକ୍ସ ସଂଘ କୋଷାଧ୍ୟକ୍ଷ ରବି ଶଙ୍କର ପତିହାରୀ, ରାମଦାସ ମହାପାତ୍ର, ଅନୀଲ ଗୋଛିକାର, ସମାଜସେବୀ ସନ୍ତୋଷ ମିଶ୍ର, ସଂଗଠିକା ସ୍ମିତାଞ୍ଜଳୀ ପତି, ଜିଲ୍ଲା କ୍ରୀଡାଧିକାରୀ ଚନ୍ଦନ କୁମାର ସାହୁ, ବିଶ୍ୱଭୂଷଣ ପଣ୍ଡା, ସଞ୍ଜୟ କୁମାର ଅଗ୍ରୱାଲ, ପ୍ରଦୀପ ଦାସ, ପୁରୀ ସଂଘର ପ୍ରତିଷ୍ଠାତା ସୁଦର୍ଶନ ସାହୁ ପ୍ରମୁଖ ଖେଳାଳିଙ୍କ ସଫଳତା କାମନା କରି ଶୁଭେଚ୍ଛା ଜଣାଇଛନ୍ତି।

## ଏସିଆନ୍ ବକ୍ସିଂ ଚାମ୍ପିଅନସିପ

# ବିଶଭନାଥଙ୍କୁ ସ୍ୱର୍ଣ୍ଣ

ଉଲାନବାଟର,୧୦।୪(ଏଜେନ୍ସି): ଏସିଆନ୍ ବକ୍ସିଂ ଚାମ୍ପିଅନସିପରେ ଭାରତକୁ ଉଲ୍ଲେଖନୀୟ ସଫଳତା ମିଳିଛି। ପୁରୁଷ ୫୦ କିଲୋଗ୍ରାମ ବର୍ଗରେ ଭାରତର ବିଶଭନାଥ ସୁରେଶ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ଜାପାନର ଡାଇଚିଙ୍କୁ ୫-୦ ବ୍ୟବଧାନରେ ପରାଜିତ କରିଥିଲେ। ୬୦ କିଲୋଗ୍ରାମ ବର୍ଗରେ ସଚିନ ଫାଇନାଲରେ ପରାଜିତ ହୋଇ ରୌପ୍ୟ ପଦକ ଜିତିଛନ୍ତି। ଭାରତ ୫ଟି ସ୍ୱର୍ଣ୍ଣ ସହ ୫ଟି ଟେବୁଲରେ ଦ୍ୱିତୀୟ ସ୍ଥାନରେ ରହିଛି। କାଜାଖସ୍ତାନ ୬ଟି ସ୍ୱର୍ଣ୍ଣ ସହ ପ୍ରଥମ ସ୍ଥାନରେ ରହିଛି। କିନ୍ତୁ ଭାରତ ମୋଟ୍ ୧୬ଟି ପଦକ ଜିତିଛି। ଏହା ଭାରତ ପାଇଁ ଐତିହାସିକ ସଫଳତା। କେବଳ ଭାରତୀୟ ମହିଳା ଖେଳାଳି ୪ଟି ସ୍ୱର୍ଣ୍ଣ ଓ ୨ ରୌପ୍ୟ ଓ ୪ଟି ବ୍ରୋଞ୍ଜ ସହ ମୋଟ୍ ୧୦ଟି ପଦକ ଜିତିଛନ୍ତି।

# ସିଏମ୍ ଟ୍ରଫି ଫୁଟବଲ ଆରମ୍ଭ



ଅନୁଗୋଳ,୧୦।୪(ସବ୍ୟୁ): ଆଜି ଓଡ଼ିଶା ସରକାର, ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡା ସଂସଦ ଦ୍ୱାରା ଆୟୋଜିତ ସିଏମ ଟ୍ରଫି ଫୁଟବଲ୍ ବାଳକ ଓ ବାଳିକା ବିଭାଗର ଦୁଇଟି ମ୍ୟାଚ୍ ଜିଲ୍ଲା ପିଟିସି ଖେଳ ପଡ଼ିଆରେ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଅକ୍ଷୟ କୁମାର ସିଠ (ଜିଲ୍ଲା କ୍ରୀଡ଼ା ଅଧିକାରୀ ଅନୁଗୋଳ). ଜିଲ୍ଲା କ୍ରୀଡ଼ା ସଂସଦ ର ସାଧାରଣ ସମ୍ପାଦକ ଡ. ଗୌରଗୋବିନ୍ଦ ସାମନ୍ତ, କିଶୋର କର, ପ୍ରଭାଶ କୁମାର ସାମନ୍ତ, ଦିଲ୍ଲୀପ କୁମାର ରାଉତ,ନୀଳମଣି ଦାଶ, ଦୋଳଗୋବିନ୍ଦ ଦଳେଇ ଉପସ୍ଥିତ ରହି କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ଖେଳ ୧୦ରୁ ୧୬ ତାରିଖ ପର୍ଯ୍ୟନ୍ତ ଖେଳା ଯିବ। ଆଜିର ମ୍ୟାଚ୍ ସକାଳ ସମୟରେ ପତାକା ଏଫ୍‌ସି ଏବଂ ଅନୁଗୋଳ ଏଫ୍‌ସି (ବାଳିକା) ଦଳ ମଧ୍ୟରେ ଅନୁଷ୍ଠିତ ହେଇଥିଲା। ଏଥିରେ ପତାକା ଦଳ ଅନୁଗୋଳ ଦଳ କୁ ୬-୦ ଗୋଲ୍ ଦେଇ ବିଜେତା ଯାଇଥିବା ବେଳେ ଅପରାହ୍ନ ସମୟରେ ବାଳକ ବିଭାଗ ରେ ପତାକା ଏଫ୍‌ସି ଓ ବନ୍ତଳ। ଏଫ୍‌ସି ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେଇଥିଲା ଉକ୍ତ ମ୍ୟାଚରେ ପତାକା ଏଫ୍‌ସି ୧୦-୦ ଗୋଲରେ ବନ୍ତଳାକୁ ହରାଇ ବିଜେତା ଲାଭ କରିଥିଲା।

# ଟିଏସଏଫ ମୁର୍ଗା, ଯୋଡ଼ା ବିଜୟୀ

କେନ୍ଦୁଝର,୧୦।୪(ସବ୍ୟୁ): କେନ୍ଦୁଝର, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ, ଫୁଟବଲ ଆସୋସିଏସନ ଅଫ ଓଡିଶା ଏବଂ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ମିଳିତ ସହଯୋଗରେ ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଆଜି ଏକ ବର୍ଣ୍ଣଢ୍ୟ ପରିବେଶରେ ସିଏମ ଫୁଟବଲ ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣ ଆଜି ଉଦଘାଟିତ ହୋଇଯାଇଛି । ୧୪ ବର୍ଷରୁ କାମ ବାଳିକା ମାନଙ୍କର ଏହି ଫୁଟବଲ ପ୍ରତିଯୋଗିତାକୁ ଆଜି ମୁଖ୍ୟ ଅତିଥି ଭାବେ କେନ୍ଦୁଝର ନଗରପାଳ ଉଦଘାଟନ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଝ ଖେଳ ଆରମ୍ଭ ହେବ ପୂର୍ବରୁ ଖେଳାଳୀ ମାନଙ୍କ ସହ ଅତିଥି ମାନଙ୍କୁ ପରିଚିତ କରାଇ ଦିଆଯାଇଥିଲା। ଲିଗ ପଦ୍ଧତିରେ ଆଜି ଅନୁଷ୍ଠିତ ଖେଳରେ ଟାଟା ଷ୍ଟିଲ ଫାଉଣ୍ଡେସନ, ମୁର୍ଗା ଆର ଏମ ହାଇସ୍କୁଲ ନିଉଣ୍ଡି ବିପକ୍ଷ ୧୬-୨ ଏକ ବିପୁଳ ବିଜୟ ହାସଲ କରି ପୁରା ପଏଣ୍ଟ ହାସଲ କରିଥିବା ବେଳେ ଦ୍ୱିତୀୟ ଖେଳରେ ଟାଟା ଷ୍ଟିଲ ଫାଉଣ୍ଡେସନ ଯୋଡ଼ା ତାରିଣୀ ଫୁଟବଲ ଏକାଡେମୀ ବିପକ୍ଷରେ ୩-୦ ବିଜୟୀ ହୋଇ ପୁରା ପଏଣ୍ଟ ହାସଲ କରିଛି । ଆଜିର ଏହି ପ୍ରତିଯୋଗିତାରେ ଖେଳାଳୀ ମାନଙ୍କୁ ଉତ୍ସାହିତ କରିବା ପାଇଁ ଜିଲ୍ଲା କ୍ରୀଡା ଅଧିକାରୀ ସରୋଜ କୁମାର ମଲ୍ଲିକ, ଜିଲ୍ଲା କ୍ରୀଡା ସଂସ୍ଥା ପକ୍ଷରୁ ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର କୁମାର ପାଢ଼ୀ କୋଷାଧକ୍ଷ ସରୋଜ କୁମାର ରଣା, କାଉନସିଲ ସଦସ୍ୟ ରାଜ କୁମାର ମିଶ୍ର, ସୁରେଶ ରଣା, ଗିରୀଶ ଚନ୍ଦ୍ର ହୋତା ପ୍ରମୁଖ ଉପସ୍ଥିତ ଥିଲେ । ଫାଓ ପକ୍ଷରୁ ମ୍ୟାଚର ସୁପରିଚାଳନା ପାଇଁ ବୀରେନ୍ଦ୍ର କୁମାର ମହାନ୍ତ ମ୍ୟାଚ କମିଶନର ଭାବେ ନିଯୁକ୍ତି ପାଇ ଆଜିର ଖେଳରେ ଉପସ୍ଥିତ ଥିଲେ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
classifiedsamaya@gmail.com

# ସିଏମ୍ ଟ୍ରଫି କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ



ଭଦ୍ରକ,୧୦।୪(ସବ୍ୟୁ): ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଆନୁକୁଲ୍ୟରେ ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡ଼ା ସଂଘ ମିଳିତ ଆୟୋଜନରେ ଆଜି ଭଦ୍ରକ କଲେଜ ପଡ଼ିଆରେ ସିଏମ୍ ଟ୍ରଫି କ୍ରୀଡ଼ା ମହୋତ୍ସବ ଉଦଘାଟିତ ହୋଇଯାଇଛି । ଏହି ମହୋତ୍ସବକୁ ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ଜିଲ୍ଲାପାଳ ତଥା ଜିଲ୍ଲା ଆଥ୍‌ଲେଟିକ୍ ଆସୋସିଏସନ୍ ସଭାପତି ଦିଲିପ ରାଉତରାଏ,ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ସିଡିଓକମ୍‌ଇଓ,ଜିଲ୍ଲାପରିଷଦ ଶୁଭେନ୍ଦ୍ର ସାମଲ,ଜିଲ୍ଲା କ୍ରୀଡ଼ା ଅଧିକାରୀ ଦେବବ୍ରତ ମହାପାତ୍ର,ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ,ଜିଲ୍ଲା ଆଥ୍‌ଲେଟିକ୍ ଆସୋସିଏସନ୍ ସମ୍ପାଦକ ଧିରେନ ପଲେଇ ପ୍ରମୁଖ ଯୋଗଦେଇ ଉଦଘାଟନ କରିଥିଲେ । ଆସୋସିଏସନ୍‌ର ଯୁଗ୍ମ ସମ୍ପାଦକ ଆଇନଜୀବୀ ଅତିସ୍ ବେହେରାଙ୍କ ସଂଯୋଜନାରେ ଉଦଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ କବାଡ଼ି,ଖୋ-ଖୋ,ଫୁଟବଲ୍,ଭଲିବଲ୍ କ୍ରୀଡ଼ା ଆସନ୍ତା କାଲିଠାରୁ ଜିଲ୍ଲାର ବିଭିନ୍ନ ଯାଗାରେ ଖେଳାଯିବ । ଏହି ଖେଳ ନିମନ୍ତେ ଫୁଟବଲ୍ ଚାମ୍ପିୟନ୍‌ସ ସିପ୍‌ରେ ମୋଟ ୩୬୦,ଭଲିରେ ୨୦୮,କବାଡ଼ିରେ ୩୪୦,ଖୋ-ଖୋରେ ୨୮୦ଜଣ ନାମ ପଞ୍ଜିକୃତ କରିଥିଲେ ଧାମନଗର ବ୍ଲକ ଦୋବଲ କାଳି ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ବାଳକ ଫୁଟ୍‌ବଲ ଖେଳ ପାଇଁ ବାଳକ ବିଭାଗରେ ୧୦ଟି ଓ ରାନ୍ଦିଆ ରାମେଶ୍ୱର ସ୍କୁଲ ପଡ଼ିଆରେ ବାଳିକା ବିଭାଗର ଫୁଟ୍‌ବଲ ଖେଳ ପାଇଁ ବାଳିକା ବିଭାଗର ୪ଟି ଦଳକୁ ମିଶାଇ ମୋଟ ୨୮୦ ଜଣ,ତିହିଡ଼ି କାଳି ପଡ଼ିଆରେ ହେବାକୁ ଥିବା ଭଲିବଲ୍ କ୍ରୀଡ଼ା ପାଇଁ ବାଳକ ବିଭାଗରେ ୮ଟି ଓ ବାଳିକା ବିଭାଗରେ ୬ଟି ଦଳର ପାଇଁ ୧୬୮ ଜଣ,ଭଦ୍ରକ କଲେଜ ପଡ଼ିଆରେ ହେବାକୁ ଥିବା କବାଡ଼ି ପାଇଁ ବାଳକ ବିଭାଗରେ ୧୦ବାଳିକା ବିଭାଗରେ ୬ଟି ଦଳ ପାଇଁ ୧୯୨ଜଣ,ଖୋ-ଖୋ ଚାମ୍ପିୟନ୍‌ସିପ୍‌ର ବାଳକ ୧୦ ଓ ବାଳିକ ୬ଟି ବିଭାଗ ପାଇଁ ମୋଟ ୧୯୨ଜଣ ମନୋନୀତ ହୋଇଥିଲେ । ଉଦଘାଟନୀ ସମାରୋହକୁ ଆଥ୍‌ଲେଟିକ୍ ଆସୋସିଏସନ୍‌ର ଜତିକାନ୍ତ ନାୟକ,ବ୍ୟୋମକେଶ ସେନାପତି,ଭବତୋଷ ଦାସ,ରାଇମୋହନ ମହାପାତ୍ର,ପବନ ଶର୍ମା,ସଞ୍ଜିବ ଦାସ,ରବିନାରାୟଣ ପାଣିଗ୍ରାହୀ,ସୁଶିଲ ପଟ୍ଟନାୟକ,ରବିନାରାୟଣ ଓଝା,ସଞ୍ଜିବ ବେହରା,ଦେବଦତ୍ତ ନାୟକ,ମନୋଜ ସାହୁ,ନାସିର୍ ଅଲ୍ଲି,ସୌମ୍ୟକାନ୍ତ ଉପାଧ୍ୟାୟ ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ବରିଷ୍ଠ ସଦସ୍ୟ ଉପେନ୍ଦ୍ର ବାରିକ୍ ଧନ୍ୟବାଦ ଅର୍ପଣ କରିଥିଲେ ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି